
# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୩୧/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, October 31/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୩୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 334 | ମୂଲ୍ୟ ₹୭/-


A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୩୧/୨୦୨୫ | Bhubaneswar, Friday, October 31/2025

STATUE OF UNITY
एक भारत, श्रेष्ठ भारत

सत्यमेव जयते
Government of India

# ଏକତା ଦିବସ
**୩୧ ଅକ୍ଟୋବର**

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ
## 150ତମ ଜୟନ୍ତୀ ଅବସରରେ
## କୃତଜ୍ଞ ରାଷ୍ଟ୍ରର
## ଶତ-ଶତ ପ୍ରଣାମ

ପ୍ରଧାନମନ୍ତ୍ରୀ
**ଶ୍ରୀ ନରେନ୍ଦ୍ର ମୋଦୀ**
ଭାରତର ଲୌହ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସ୍ମୃତିରେ ରାଷ୍ଟ୍ରକୁ ସମ୍ବୋଧିତ କରିବେ

ଏହି ଏକତା ଦିବସ ଉପଲକ୍ଷେ, ଆସନ୍ତୁ ନିଜ ଜିଲ୍ଲାରେ ହେଉଥିବା ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ ଭାଗ ନେବା ଏବଂ ଏକ ଭାରତ ଶ୍ରେଷ୍ଠ ଭାରତ ଭାବନାକୁ ଆହୁରି ମଜବୁତ କରିବା



## ଏକତା ଦିବସ କାର୍ଯ୍ୟକ୍ରମ

- ଏକତା ପରେଡ୍
- ବ୍ରାସ୍ ବ୍ୟାଣ୍ଡ ପ୍ରଦର୍ଶନ
- ଘୋଡ଼ା, ଶ୍ୱାନ ଏବଂ ଓଟ ସୈନ୍ୟଦଳ
- ମହିଳା କଳାକାରଙ୍କ ଦ୍ୱାରା ପ୍ରଦର୍ଶନ
- ବିଏସ୍ଏଫ୍ ଡଗ୍ ଶୋ (ସ୍ୱଦେଶୀ ପ୍ରଜାତି)
- ଡେୟାରଡେଭିଲ୍ ରାଇଡର୍ସର ପ୍ରଦର୍ଶନ
- ସ୍କୁଲ୍ ବ୍ୟାଣ୍ଡର ପ୍ରସ୍ତୁତି
- ଭାରତୀୟ ବାୟୁ ସେନା ଦ୍ୱାରା ଏୟାର ଶୋ'
- ''ଲୌହ ପୁରୁଷ'' - ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଉପରେ ଆଧାରିତ ଏକ ନାଟ୍ୟ ପ୍ରସ୍ତୁତି
- ଏକତା ପ୍ରକାଶ ଉତ୍ସବର ଆୟୋଜନ
- ଭାରତ ପର୍ବ ଅନ୍ତର୍ଗତ 1ରୁ 15 ନଭେମ୍ବର ପର୍ଯ୍ୟନ୍ତ ରାଜ୍ୟସ୍ତରରେ ପ୍ରଦର୍ଶନୀ



"ଦେଶକୁ ଏକତା ସୂତ୍ରରେ ବାନ୍ଧିବାରେ ସର୍ଦ୍ଦାର ପଟେଲଙ୍କ ଅମୂଲ୍ୟ ଯୋଗଦାନକୁ ରାଷ୍ଟ୍ରୀୟ ଏକତା ଦିବସ ସମ୍ମାନ ଜଣାଉଛି । ଆସନ୍ତୁ, ଏହି ଦିନ ଆମେ ଆମ ସମାଜରେ ଏକତାର ବନ୍ଧନକୁ ଆହୁରି ମଜବୁତ କରିବା ।"

**- ନରେନ୍ଦ୍ର ମୋଦୀ**

CBC 19101/13/0022/2526

**ତାରିଖ:** ଶୁକ୍ରବାର 31 ଅକ୍ଟୋବର 2025 | **ସ୍ଥାନ:** ପରେଡ୍ ଗ୍ରାଉଣ୍ଡ, ଷ୍ଟାଚ୍ୟୁ ଅଫ୍ ୟୁନିଟି, ଏକତା ନଗର, ଗୁଜରାଟ | **ସମୟ:** ସକାଳ 7ଟାରୁ

ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଏଆଇଟିୟୁସିର ୧୦୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ୍ ଛକ, ସମୟ: ସକାଳ ୯ଟା।

## ଖୋର୍ଦ୍ଧା
- ଅଁଳା ନବମୀ ଓ ରାଧାପାଦ ଦର୍ଶନ ଉତ୍ସବ, ସ୍ଥାନ: ସାକ୍ଷୀ ଗୋପୀନାଥ ଦେବଙ୍କ ମନ୍ଦିର, କନ୍ତିଆ, ଜଟଣୀ, ସମୟ: ସକାଳ ୬ଟା।
- ରାଧାକାନ୍ତ ଦେବ ସାଂସ୍କୃତିକ ପରିଷଦ ଏବଂ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୨୨ତମ ଅଁଳା ନବମୀ ଉତ୍ସବ-୨୦୨୫, ସ୍ଥାନ:କନ୍ତିଆ,ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ, ସ୍ଥାନ: ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅବସର ସମାରୋହ, ସ୍ଥାନ: ଅଣ୍ଡରାଇ ହାଇସ୍କୁଲ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୋଇତ ବନ୍ଦାଣ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ପାର୍ବତୀ କଲ୍ୟାଣମଣ୍ଡପ, ବେଣାପୁରା, ବସ୍ତା, ସମୟ: ଅପରାହ୍ନ ୪ଟା।
- ବାର୍ଷିକ ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଦ୍ୱାଦଶ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିମୁଳିଆ ଫାଷ୍ଟ ଫୁଡ୍ ମାର୍କେଟ, ବାଲିଆପାଳ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଏକତା ପାଇଁ ଗଣଦୌଡ଼, ସ୍ଥାନ: ଏସ୍‌ପି ଅଫିସ ନିକଟରୁ ରିଜର୍ଭ ପୋଲିସ ପଡ଼ିଆ, ଚରମ୍ପା, ଭଦ୍ରକ, ସମୟ: ସକାଳ ୭ଟା।
- ଏକତା ପାଇଁ ଦୌଡ଼, ସ୍ଥାନ: ତିହିଡ଼ି ଥାନା, ସମୟ: ସକାଳ ୭ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ରହଣିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ରାଷ୍ଟ୍ରୀୟ ଏକତା ଦିବସ ପାଇଁ ୱାକଥନ(ରନ ଫର୍ ୟୁନିଟ),ସ୍ଥାନ: କେନ୍ଦୁଝର ଜିଲାପାଳଙ୍କ ଅଫିସରୁ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ : ସକାଳ ୬ଟା ୪୫।
- ରାଷ୍ଟ୍ରୀୟ ଏକତା ଦିବସ ପାଇଁ ୱାକାଥନ,ସ୍ଥାନ: ଏସ୍‌ଡିପିଓ ଅଫିସରୁ ବିକାଶ ମହଲ, ବଡ଼ବିଲ,ସମୟ: ସକାଳ ୭ଟା।
- ପାଟଣା ପୋଲିସ ପକ୍ଷରୁ ଗଣଦୌଡ଼, ସ୍ଥାନ: ପାଟଣା ଥାନା, ସମୟ: ସକାଳ ୭ଟା।

## ମୟୂରଭଞ୍ଜ
- ଜଗଧାତ୍ରୀ ପୂଜା,ସ୍ଥାନ: ଭଞ୍ଜପୁର, ବାରିପଦା,ସମୟ: ସକାଳ ୮ଟା।
- ବ୍ଲକ୍‌ସ୍ତରୀୟ ସୁରଭି ୨୦୨୫,ସ୍ଥାନ:ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ,ଆମ୍ବଯୋଡ଼ା,କୁଶଳଦା ପଞ୍ଚାୟତ, ଗୋପବନ୍ଧୁ ନଗର,ସମୟ:ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ନ୍ୟାସନଲ ହାଇ ସ୍କୁଲ ଦୁରା, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ହରିହର ହାଇସ୍କୁଲ ଆସିକା, ସମୟ: ପୂର୍ବାହ୍ନ ୧୦ ଟା।
- ରାଷ୍ଟ୍ରୀୟ ଏକତା ଦିବସରେ ଶପଥ, ସ୍ଥାନ: ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ଜିଲାସ୍ତରୀୟ ମିନି ମାରାଥନ, ସ୍ଥାନ: ଫୁଲବାଣୀ କରୋନେସନ ପଡ଼ିଆ, ସମୟ: ସକାଳ ୬ଟା ୪୫।
- ମା' ମହାମାୟୀ ମନ୍ଦିରର ୧୬ ତମ ବାର୍ଷିକୋତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ମା' ମହାମାୟୀ ମନ୍ଦିର ଭଗାମୁଣ୍ଡା ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦।
- ଶିଶୁମଙ୍ଗଳ କମିଟିର ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣ ଧାରଣା, ସ୍ଥାନ: ଫୁଲବାଣୀ, ସମୟ: ପୂର୍ବାହ୍ନ୧୧ଟା।
- ଦୁର୍ନୀତି ନିବାରଣ ଉପରେ ଆଲୋଚନାଚକ୍ର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ଫୁଲବାଣୀ, ସମୟ: ପୂର୍ବାହ୍ନ ୧୧ଟା।
- ଯୋଗାଣ ସାମଗ୍ରୀ ଉପରେ ସମୀକ୍ଷା, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଢେଙ୍କାନାଳ
- ଏକତା ପାଇଁ ଦୌଡ, ସ୍ଥାନ: ବାଜିଚୌକ ଢେଙ୍କାନାଳ, ସମୟ: ସକାଳ ୬ଟା୩୦।
- ମିନି ମାରାଥନ, ସ୍ଥାନ: ଯୋରନ୍ଦା ମହାବିଦ୍ୟାଳୟ, ସମୟ: ସକାଳ ୭ଟା।
- ଦୁର୍ନୀତି ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦଘାଟନ, ସ୍ଥାନ: ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା।

## ଅନୁଗୋଳ
- ରନ ଅଫ ୟୁନିଟି , ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା ୩୦।
- ଅନ୍ତର୍ଜାତୀୟ ସୋମବାୟ ଦିବସ ୨୦୨୫, ସ୍ଥାନ : ମ୍ୟୁନିସପାଲଟି ଟାଉନ ହଲ , ଅନୁଗୋଳ, ସମୟ : ପୂର୍ବାହ୍ନ ୧୦ଟା ।
- ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ, ସ୍ଥାନ: ପୌରପାଳିକା ଟାଉନହଲ, ସମୟ: ପୂର୍ବାହ୍ନ ୧୦ ଟା।
- ଅନୁଗୋଳ: 'ମୟୂରୀ' ମହୋତ୍ସବ, ସ୍ଥାନ: ମଧୁକେଶରୀ ପଡିଆ, ମହୀଧରପୁର, ସମୟ: ସନ୍ଧ୍ୟା ୬ଟା।
- ଅନୁଗୋଳ ବସ୍ ଆସୋସିଏଶନର ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପ୍ରବଚନ, ସ୍ଥାନ : ଲକ୍ଷ୍ମୀ ନାରାୟଣ ମନ୍ଦିର , ଆଠମଲ୍ଲିକ, ସମୟ: ସନ୍ଧ୍ୟା ୭ ଟା।

## ଜଗତ୍‌ସିଂହପୁର
- ୱାକାଥନ୍ ରନ୍ ଫର ୟୁନିଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ: ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ଜଗତ୍‌ସିଂହପୁର, ସମୟ: ସକାଳ ୬ଟା ୩୦।
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଶ୍ରୀକୃଷ୍ଣ ଏକାଡେମୀଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ମଣିଚରଣ ଶାରଳା ଏକାଡେମୀ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ସମବାୟ ବର୍ଷ ଉପଲକ୍ଷେ ଜିଲାସ୍ତରୀୟ ଉତ୍ସବ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିହପୁର, ସମୟ: ପୂର୍ବାହ୍ନ ୧୧ଟା ।
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ କାନମାସ ପକ୍ଷରୁ ପଥପ୍ରାନ୍ତ ନାଟକ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ମହାକାଳପଡ଼ା ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ, ସ୍ଥାନ: ଗୋପାଳପୁର, ମହାକାଳପଡ଼ା, ସମୟ: ସକାଳ ୬ଟା।
- ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଗଣଦୌଡ଼, ସ୍ଥାନ: ଇନ୍ଦୁପୁର ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ଜିଲା ଚେସ ଆସୋସିଏଶନ ପକ୍ଷରୁ ଆନ୍ତରାଜ୍ୟ ମହିଳା ଚେସ ଚାମ୍ପିଅନସିପ୍, ସ୍ଥାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ କାର୍ତ୍ତିକ ହବିଷ୍ୟାଳିଙ୍କ ପଞ୍ଚୁକ ବ୍ରତର ଉଦ୍‌ଘାଟନ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ମଧ୍ୟାହ୍ନ ୧୨ଟା।

## ଯାଜପୁର
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ମାରାଥନ ରନ ଫର ୟୁନିଟି, ସ୍ଥାନ : ଯାଜପୁର ଏନସି ସ୍ୱୟଂଶାସିତ କଲେଜଠାରୁ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା୩୦।
- ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ : ଯାଜପୁର ରୋଡ ନହକା ଛକଠାରୁ ଭିଏନ କଲେଜ, ସମୟ : ସକାଳ ୮ଟା।
- ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥ ପାଠ, ସ୍ଥାନ : ଭିଏନ କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଦଯାତ୍ରା ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧ଟା।

## ନୟାଗଡ଼
- ଅଁଳା ନବମୀରେ ରାଧାପାଦ ଦର୍ଶନ, ସ୍ଥାନ: କଣ୍ଟିଲୋ ରାଧାମୋହନ ଜୀଉ ମଠ, ସମୟ:ପ୍ରାତଃ ୫ଟା।
- ଅଁଳା ନବମୀରେ ରାଧାପାଦ ଦର୍ଶନ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ମନ୍ଦିର, ସମୟ:ପ୍ରାତଃ ୬ଟା ।
- ଅଁଳା ନବମୀ ଯାତ୍ରା ସ୍ଥାନ: ଖଣ୍ଡପଡା ବ୍ଲକ ବଡଟାସରା ଆଶ୍ରମ, ଜଗନ୍ନାଥପ୍ରସାଦ ମହୁଲପଡା, ସମୟ:ପ୍ରାତଃ ୬ଟା ।
- ପଞ୍ଚଦଶ ଭାଗବତ ପାରାୟଣର ସୂର୍ଯ୍ୟପୂଜା, ହୋମ, ଭାଗବତ ପାରାୟଣ, ଭଜନ କୀର୍ତ୍ତନ ଓ ପ୍ରବଚନ, ସ୍ଥାନ:ନୟାଗଡ ବ୍ଲକ ବେଗୁନିଆ ପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା ।
- ଭାଗବତ ସପ୍ତାଙ୍ଗର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସମୟ:ସକାଳ ୯ଟା ।
- ଭାଗବତ ସପ୍ତାଙ୍ଗର ୨ ୟ ଦିବସ,ସ୍ଥାନ: ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ନାରାୟଣୀ ପୀଠ, ସମୟ:ସକାଳ ୯ଟା ।
- ଶରତ ରାସ ଯାତ୍ରା ମହୋତ୍ସବରେ ନବବ୍ରତ ପୂଜା, ସ୍ଥାନ: ଦଶପଲ୍ଲା ସହର ଗୋପୀନାଥ ଜୀଉ ବିଜେ ସାତପାଟଣା, ସମୟ:ସକାଳ ୭ଟା।
- ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ ଓ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରାରେ ଅଁଳା ନବମୀ ଯାତ୍ରା, ସ୍ଥାନ: ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତ ଭୀମରା ପାହାଡ, ସମୟ:ସକାଳ ୭ଟା।
- ଓଡଗାଁ ଆଦର୍ଶ ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଇଁ ଛାତ୍ରୀଛାତ୍ରଙ୍କ ଗଣଦୌଡ, ସ୍ଥାନ: ଓଡଗାଁ ରଘୁନାଥ ମନ୍ଦିର, ସମୟ:ସକାଳ ୭ଟା ।
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନ, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତ୍ର ୧୦ଟା ୩୦।
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ସାଧାରଣ ସଭା ଓ ଆଲୋଚନାଚକ୍ର, ସ୍ଥାନ: ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ:ପୂର୍ବାହ୍ନ ୧୧ଟା।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ଉଦ୍‌ଯାପନ ଉତ୍ସବ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ଅପରାହ୍ନ ୧ଟା ।

## ରାୟଗଡ଼ା
- ଅଁଳା ନବମୀ ଉପଲକ୍ଷେ ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଗାନ୍ଧୀନଗର, ଗୁଡାରି, ସମୟ: ସକାଳ ୬ଟା।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ଗଣଦୌଡ, ସ୍ଥାନ: ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୬ଟା ୩୦।
- ୨୪ ପ୍ରହର ନାମ ଯଜ୍ଞ ଆରମ୍ଭ, ସ୍ଥାନ: ଗୁଣପୁର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମ ଯଜ୍ଞ, ସ୍ଥାନ: ଗୁଣପୁର ଶେଫାଳୀ ପାହାଡ, ସମୟ: ସକାଳ ୭ଟା।
- ଅଁଳା ନବମୀ ଉପଲକ୍ଷେ ଗୀତା ଯଜ୍ଞ, ସ୍ଥାନ: ପଦ୍ମପୁରସ୍ଥିତ ଭାଗବତ ଟୁଙ୍ଗି, ସମୟ: ସକାଳ ୭ଟା।
- ଜାତୀୟ ଏକତା ଦିବସ ଅବସରରେ ପୋଲିସ ପକ୍ଷରୁ ଗଣଦୌଡ, ସ୍ଥାନ: ଗୁଡାରି ଥାନା, ସମୟ: ସକାଳ ୭ଟା।
- ହନୁମାନ ଜଙ୍କସନ କ୍ଲବ୍ ତରଫରୁ ଧନଲକ୍ଷ୍ମୀ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ରାୟଗଡା ହାଇସ୍କୁଲ ଛକ, ସମୟ: ସକାଳ ୮ଟା।
- ଜାତୀୟ ଏକତା ଦିବସ ଅବସରରେ ପୋଲିସ ପକ୍ଷରୁ ଗଣଦୌଡ, ସ୍ଥାନ: କାଶୀପୁର ଜଗନ୍ନାଥ ମନ୍ଦିରଠାରୁ ଥାନା, ସମୟ: ସକାଳ ୮ଟା।
- ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୯ଟା।
- କୋରାପୁଟ ସମବାୟ ସମିତି ବ୍ୟାଙ୍କ ବୋର୍ଡ ସାଧାରଣ ବୈଠକ, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।
- ବିପ୍ଳବୀ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ଡିବିଏମ ପଟ୍ଟନାୟକଙ୍କ ଜନ୍ମ ଶତ ବାର୍ଷିକୀ ପାଳନ, ସ୍ଥାନ: ଗୁଣପୁର ଭେଙ୍କଟେଶ୍ୱର କଲ୍ୟାଣ ମଣ୍ଡପ, ସମୟ:ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ରନ୍ ଫର ୟୁନିଟି ମାରାଥନ୍, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୬ ଟା ୩୦ ।
- ରାଷ୍ଟ୍ରୀୟ ଏକତା ଦିବସ, ସ୍ଥାନ: ନବରଙ୍ଗପୁରସ୍ଥିତ ୧୨ ବାଟାଲିୟନ ସିଆର୍‌ପିଏଫ୍ କ୍ୟାମ୍ପ, ସମୟ: ସକାଳ ୬ଟା ୪୫।
- ଏକତା ଦିବସ ପାଳନ, ସ୍ଥାନ: ପାପଡ଼ାହାଣ୍ଡି ଥାନା, ସମୟ: ସକାଳ ୭ଟା।
- ଏକତା ଦୌଡ଼ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ଥାନା ପରିସରରୁ କନ୍ୟାଶ୍ରମ ଛକ, ସମୟ: ସକାଳ ୭ଟା।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ମାରାଥନ, ସ୍ଥାନ: ଖାତିଗୁଡ଼ା ହାଇମାକ୍ସ ଛକ, ସମୟ: ସକାଳ ୭ଟା।
- ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ନବରଙ୍ଗପୁର ଏକ୍ସ ବୋର୍ଡ ସ୍କୁଲ, ସ୍ଥାନ: ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟ, ଉମରକୋଟ, ସ୍ଥାନ: ତେନ୍ତୁଲିଖୁଣ୍ଟି ପିଏମ୍‌ଶ୍ରୀ ବାପୁଜି ସରକାରୀ ଉଚ୍ଚ ବିଦ୍ୟାଳୟ, ସ୍ଥାନ: ଝରିଗାଁ ବ୍ଲକ ଛୋଟାଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସ୍ଥାନ: ଡାବୁଗାଁ ସରକାରୀ (ନୂତନ) ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଗ୍ରାମସଭା, ସ୍ଥାନ: ଡାବୁଗାଁ ବ୍ଲକ ଜବାଗୁଡା ଓ ଜୁନାପାଣି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅଁଳା ନବମୀ ଉପଲକ୍ଷେ ୫୬ ଭୋଗର ଆୟୋଜନ, ସ୍ଥାନ: ଉମରକୋଟ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ
- ସୁନାବେଡ଼ା ଓ ସେମିଳିଗୁଡ଼ା ଥାନା ପକ୍ଷରୁ ସଚେତନତା ମାରାଥନ, ସ୍ଥାନ: ଟ୍ରାଫିକ ଛକ, ସେମିଳିଗୁଡ଼ା, ସମୟ: ସକାଳ ୬ ଟା।
- କୋଟପାଡ଼ ପୋଲିସ ପକ୍ଷରୁ ମିନି ମାରାଥନ, ସ୍ଥାନ: କୋଟପାଡ଼ ଥାନାରୁ କେନ୍ଦୁଗୁଡ଼ା ଛକ, ସମୟ: ସକାଳ ୬ଟା।
- ରାଷ୍ଟ୍ରୀୟ ଏକତା ପାଇଁ ଗଣଦୌଡ଼ କାର୍ଯ୍ୟକ୍ରମ, ସ୍ଥାନ: ସ୍ପୋର୍ଟସ କମ୍ପ୍ଲେକ୍ସ, ଷ୍ଟାଡିୟମ, କୋରାପୁଟ,ସମୟ: ସକାଳ ୬ଟା ୩୦।
- ସାଇବର ସଚେତନ ପାଇଁ ନନ୍ଦପୁର ପୋଲିସର ମାରାଥନ, ସ୍ଥାନ: ନନ୍ଦପୁର ବସଷ୍ଟାଣ୍ଡରୁ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ ଟା।
- ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତି, ସ୍ଥାନ: ପାରାବେଢା, ଶ୍ରୀରାମ ନଗର, ଜୟପୁର, ସମୟ: ସକାଳ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମଭାବରେ ଚନ୍ଦ୍ରଙ୍କ ଅବସ୍ଥାନ କାରଣରୁ ଲକ୍ଷ୍ୟ ପୂରଣ ସକାଶେ ସମସ୍ତ ସୁବିଧା ସୁଯୋଗ ପାଇପାରନ୍ତି। ପରୋକ୍ଷ ଶତ୍ରୁତାଜନିତ କାମ ହାସଲରେ ବାଧା ହେତୁ ଅସ୍ଥିରତା ସୃଷ୍ଟି ହେବ। ବିବାଦୀୟ ବିଷୟକୁ କେନ୍ଦ୍ରକରି ପଡୋଶୀମାନେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ପରିସ୍ଥିତିବଶତଃ କାମ ଚାପରେ ନିଜକୁ ଆଡ୍‌ଜଷ୍ଟ କରିବାକୁ ବାଧ ହେବେ।

**ବୃଷ** — ଚନ୍ଦ୍ର କେନ୍ଦ୍ରରେ ବୃହସ୍ପତି ଗଜକେଶରୀ ଯୋଗ ସୃଷ୍ଟି କରୁଥିବାରୁ ଆପଣ ସାମାଜିକ ସମ୍ମାନ ପାଇପାରନ୍ତି। ସକାଳୁ ଘରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ମତାନ୍ତର ସୃଷ୍ଟି ହେବ। ଯେତେ ଅନୁନୟ ହେଲେ ମଧ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ଛୋଟ କଥାଟିକୁ କେନ୍ଦ୍ରକରି କଳହର ଆଶଙ୍କା ରହିଛି।

**ମିଥୁନ** — ବୃହସ୍ପତିଙ୍କ ପ୍ରଭାବରେ ଆଜି ପ୍ରୟୋଗାତ୍ମକ କୌଶଳ ମାଧ୍ୟମରେ ସଫଳତା ପାଇବେ। କଳେବଳେ କୌଶଳେ ଅର୍ଥ ପାଇବା ସକାଶେ ଚେଷ୍ଟା କରି ଆଶାକୁ ଚରିତାର୍ଥ କରିପାରନ୍ତି । ଅସୁବିଧାରେ ପଡିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ପ୍ରଶଂସା ଭାଜନ ହେବେ। ସହକର୍ମୀଙ୍କ ସାହାଯ୍ୟ ବିନା କାମ ହାସଲ କଷ୍ଟକର ହେବ।

**କର୍କଟ** — ରାଶିରେ ଗୁରୁଙ୍କ ସ୍ଥିତି ଯୋଗୁ ଆଦୌ ପଦୁ ନ ଥିବା ବ୍ୟକ୍ତି ଆପଣଙ୍କ ଦ୍ୱାରା ପ୍ରଭାବିତ ହେବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡା ଲାଗିପାରେ। ବିବାଦୀୟ ସ୍ଥିତିରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଚେଷ୍ଟା କରୁଥିବା କାମରେ ସଫଳତା ହାସଲ କରି ପ୍ରଶଂସିତ ହେବେ।

**ସିଂହ** — ରାହୁଙ୍କ ପ୍ରଭାବଜନିତ ଭୁଲ୍‌ବୁଝାମଣାରୁ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ, କିନ୍ତୁ ଋଣ ପରିଶୋଧର ଚିନ୍ତା ଘାରିପାରେ। ଆଜି ପରିସ୍ଥିତିବଶତଃ ଦୁଇ ପଇସା ଜାଗାରେ ଛ'ପଇସା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ସଭାସମିତିରେ ସମ୍ମାନିତ ହେବେ କିନ୍ତୁ ଏଥିପାଇଁ ଲବି କରିବାକୁ ପଡିପାରେ।

**କନ୍ୟା** — ମୁଖଭାବରେ ବୁଧ ଓ ମଙ୍ଗଳ ଯୋଗୁ ଆପଣଙ୍କ ବ୍ୟବହାରରେ କଠୋରତା ପରିଲକ୍ଷିତ ହେବ। ପାଖରେ ଥିବା ଲୋକଟି ଆପଣଙ୍କ ସକାଶେ ଉପକାରୀ ସାବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ସହକର୍ମୀଙ୍କ ଅବଦାନ ରହିବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି।

**ତୁଳା** — ଶନିଙ୍କ ଷଷ୍ଠସଂସ୍ଥାନ ହେତୁ ଭୁଲ୍ ବୁଝାମଣାରୁ କଳହର ଆଶଙ୍କା ରହିଛି। ଆଜିର ଯାତ୍ରା କାଳରେ କୌଣସି ଯୁବ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ବନ୍ଧୁଙ୍କ ଜରିଆରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ସଫଳତା ମିଳିବା ସାଙ୍ଗକୁ ପ୍ରଶାସନିକ ସ୍ତରରେ ଆଲୋଚନା ମଧ ଫଳପ୍ରଦ ହେବ।

**ବିଛା** — ସ୍ୱଗୃହାଭିମୁଖୀ ମଙ୍ଗଳ ହେତୁ ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବ। ବହୁତ ଦିନର ଆଶା ପୂରଣ ହେବା ସହ ନୂତନ କାମରେ ଯୋଗ ଦେଇପାରନ୍ତି। ପରିବାରର ଖର୍ଚ୍ଚ ଦିଗୁଣା ହେବାରୁ ଅର୍ଥସଙ୍କଟର ଭରଣା ସକାଶେ ଆଲୋଚନା କରିପାରନ୍ତି। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ଧନୁ** — ଅଷ୍ଟମ ବୃହସ୍ପତି ଯୋଗୁ ସମସ୍ୟା ଲାଗିରହିବାରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପଡୋଶୀମାନେ କଣ୍ଟାବାଡରେ ଲୁଗାଛାଟି କଳହ କରିପାରନ୍ତି । ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବେ।

**ମକର** — ଚନ୍ଦ୍ରଙ୍କ ପ୍ରଭାବରୁ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେହି କ୍ଷେତ୍ରରେ କିଛି ଅସୁବିଧା ହେବ ନାହିଁ। ପିଲାଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବାହାର ସ୍ଥାନରେ କାହାକୁ ଅପେକ୍ଷା କରି ବିରକ୍ତ ହେବେ ଏବଂ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଆଜି କାମଗୁଡିକ ଠିକ୍ ଭାବେ ସମ୍ପନ୍ନ ହେବା ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ।

**କୁମ୍ଭ** — ଧନସ୍ଥାନସ୍ଥ ଶନି ପ୍ରଭାବରେ ବାଦବିବାଦ, ଧନହାନି ଓ ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବା ସାଙ୍ଗକୁ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବାଣିଜ୍ୟ, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ** — ଆଜି ଆନୁଷ୍ଠାନିକ କାମରେ, ପ୍ରଶାସନିକ ସ୍ତରରେ କିମ୍ବା ରାଜନୀତିରେ ସୁଫଳ ପାଇବେ। ବନ୍ଧୁଙ୍କ ସହ ଆଲୋଚନା ସମୟରେ ବୃଥା ତର୍କ କରିବା ଠିକ୍ ହେବନାହିଁ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମ୍ପର୍କ ବ୍ୟାହତ ହେବ। ବ୍ୟବସାୟିକ କ୍ଷେତ୍ରରେ ଲାଭବାନ ହେବେ, କିନ୍ତୁ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ।

ଆଜି ଅକ୍ଟୋବର ୩୧ ତାରିଖ, ରାଷ୍ଟ୍ରୀୟ ଏକତା ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ, କାର୍ତ୍ତିକ ଶୁକ୍ଳପକ୍ଷର ଅଁଳାନବମୀ ଯୁକ୍ତ ଦଶମୀ ଶୁକ୍ରବାର, ଜଗଦ୍ଧାତ୍ରୀ ପୂଜା, ସାକ୍ଷୀଗୋପାଳଙ୍କ ବିଶିଷ୍ଟ ଉତ୍ସବ, ଶ୍ରୀରାଧାଙ୍କ ପାଦଦର୍ଶନ, ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୧ ଗତେ, ଘ.୦୬।୩୬ ମଧ୍ୟେ, ଘ.୦୭।୨୧ ଗତେ, ଘ. ୦୮।୪୦ ମଧ୍ୟେ ଶୁଦ୍ଧ ଶୁଭ ବେଳା, ଦିବା ଘ.୧୦।୦୫ ଗତେ, ଘ. ୧୧।୩୦ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓକିଲ ଆଉ ଗାଡ଼ିର ଅଖ
ଘିଅ ତେଲ ଦେଇ ରଖ ।**

ଗାଡ଼ି ଚାଲିବା ପାଇଁ ତେଲର ଆବଶ୍ୟକତା ପଡ଼ିଥାଏ। ବିନା ତେଲରେ ଗାଡ଼ି ଚାଲିପାରି ନ ଥାଏ। ଠିକ୍ ସେହିପରି ଓକିଲଙ୍କୁ ମଙ୍ଗେଇ ରଖିବା ପାଇଁ ବା ହାତରେ ରଖିବା ପାଇଁ ଧନ ଖର୍ଚ୍ଚ କରିବାକୁ ପଡିଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଓଲୁଅ ଖାଇ ତୁଣ୍ଡ ଗଲୁ
ତେନ୍ତୁଳି ଚକଟା ଆପେ ଦେଲୁ ।**

ସାଧାରଣତଃ ଓଲୁଅ ଖାଇଲେ ତୁଣ୍ଡ ଗଲୁ ବା କୁଣ୍ଡେଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ତେବେ ଏଭଳି ସ୍ଥିତିରେ ତେନ୍ତୁଳି ଚକଟା ଖାଇବା ଲାଗି ପରାମର୍ଶ ଦିଆଯାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଲୋକପ୍ରିୟତା ସହିପାରୁନି ଶାସକଦଳ: କଂଗ୍ରେସ

## କଂଗ୍ରେସ କାର୍ଯ୍ୟାଳୟରେ ଚଢ଼ାଉ ପ୍ରସଙ୍ଗ

ଭୁବନେଶ୍ୱର,୩୦।୧୦ (ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସର ବିଜୟ ସୁନିଶ୍ଚିତ ଜାଣି ସରକାରୀ ଦଳ ଭାଜପା ଭୟଭୀତ ହୋଇପଡ଼ିଛି ବୋଲି କଂଗ୍ରେସ କହିଛି। ଗୁରୁବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର କହିଛନ୍ତି, ନୂଆପଡ଼ା କଂଗ୍ରେସ କାର୍ଯ୍ୟାଳୟରେ ଚଢ଼ାଉ ଆଳରେ ପୋଲିସ ଜବରଦସ୍ତ ପଶି ନେତା ଓ କର୍ମୀଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଛି ।

ସେ କହିଛନ୍ତି, ନିର୍ବାଚନ ଜିତିବା ପାଇଁ ସମସ୍ତ ରାଜନୈତିକ ଦଳ ନିଜର ପ୍ରଚାର ପ୍ରସାର କରୁଛନ୍ତି । ହେଲେ କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କ ଲୋକପ୍ରିୟତା ବଢୁଥିବାରୁ ଭାଜପା ସହି ନ ପାରି ପୋଲିସ ଲଗାଇ ଭୟଭୀତ କରିବାକୁ ଅପଚେଷ୍ଟା କରୁଛି। ମହାପାତ୍ର କହିଛନ୍ତି, ପୋଲିସ କେବେ ଭାଜପା କିମ୍ବା ବିଜେଡି ଅଫିସକୁ ଯାଇ ଏଭଳି ଅନୁସନ୍ଧାନ କରି ନ ଥିବାବେଳେ କଂଗ୍ରେସ କାର୍ଯ୍ୟାଳୟକୁ ପଶିବା ପଛରେ କ'ଣ ରହସ୍ୟ ଅଛି ସରକାର ଜବାବ ରଖନ୍ତୁ। କଂଗ୍ରେସ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଅଭିଯୋଗ କରୁଛି, ପୋଲିସ ଏ ସମସ୍ତ ନିର୍ବାଚନବିରୋଧୀ କାର୍ଯ୍ୟକଳାପରେ ରୋକ ଲଗାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଭାରତ ନିର୍ବାଚନ କମିଶନ(ଇସିଆଇ) ନୂଆପଡ଼ା ଉପନିର୍ବାଚନ ପାଇଁ ଗତ ୬ ତାରିଖରେ ବିଧିବଦ୍ଧ ଭାବେ ନିର୍ବାଚନ ଲାଗି ଘୋଷଣା କଲେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶ କ୍ରମେ ଏଆଇସିସି ଅନୁମୋଦନ କରି ୭ ତାରିଖରେ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଗଲା। ହେଲେ ୨୪ ବର୍ଷର ଲୋକଙ୍କ ଦଳ କହୁଥିବା ବିଜେଡି ଓ ଦେଢ଼ ବର୍ଷ ଧରି ଶାସନରେ ବସିଥିବା ଡବଲ ଇଞ୍ଜିନ ଜାତୀୟ ଦଳଙ୍କୁ ପ୍ରାର୍ଥୀ ଖୋଜା ପଡ଼ିଲା। ଏପରି କି ପ୍ରାର୍ଥୀକୁ ନେଇ ଟଣାଭିଡ଼ା ଲାଗିଲା। ନିକଟରେ ମୁଖ୍ୟମନ୍ତ୍ରୀ ଏଠାରେ ୧୧୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି । ନୂଆପଡ଼ାର ଦାୟିତ୍ୱ ନେବି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସତ୍ତ୍ୱେ କଂଗ୍ରେସ ଶିବିରରେ ପୋଲିସ ଲଗାଇ ଏଭଳି ଜୋର ଜବରଦସ୍ତ କରିବା ଅର୍ଥ କ'ଣ। ଏହାକୁ ନୂଆପଡ଼ାବାସୀ ବୁଝି ଠିକ୍‌ଣା ଜବାବ ଦେବେ ବୋଲି ଡ. ମହାପାତ୍ର କହିଛନ୍ତି।

# ଏକ ଭାରତ, ଆତ୍ମନିର୍ଭର ଭାରତ

## ଆଜି ଜାତୀୟ ଏକତା ଦିବସ

ପ୍ରତିବର୍ଷ ଅକ୍ଟୋବର ୩୧ରେ ଜାତୀୟ ଏକତା ଦିବସ ପାଳନ କରାଯାଇଆସୁଛି। ଭାରତର ଏକତା ଏବଂ ଅଖଣ୍ଡତା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଲୌହ ମାନବ ଭାବରେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଏହି ଦିବସ ପାଳନ କରାଯାଉଛି। ସ୍ୱାଧୀନ ଭାରତର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ୫୬୫ଟି ଅର୍ଦ୍ଧ-ସ୍ୱାୟତ୍ତ ଗଡ଼ଜାତ ରାଜ୍ୟ ଏବଂ ବ୍ରିଟିଶ ଉପନିବେଶବାଦୀ ପ୍ରଦେଶକୁ ମିଶ୍ରଣ କରି ଏକ ଅଖଣ୍ଡ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୧୪ ମସିହାରେ କେନ୍ଦ୍ର ସରକାର ପଟେଲଙ୍କ ଅବଦାନର ସ୍ୱୀକୃତି ସ୍ୱରୂପ ତାଙ୍କ ଜନ୍ମ ଦିବସରେ 'ଜାତୀୟ ଏକତା ଦିବସ' ପାଳନ ଆରମ୍ଭ କରିଥିଲେ। ତେବେ ଚଳିତ ବର୍ଷ ଏହି ଦିବସ ଅବସରରେ ତାଙ୍କର ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯିବ। ତେବେ ଚଳିତବର୍ଷ ଜାତୀୟ ଏକତା ଦିବସ ଲାଗି ବିଷୟବସ୍ତୁ ରହିଛି 'ଏକ ଭାରତ, ଆତ୍ମନିର୍ଭର ଭାରତ'। ଏହି ବିଷୟବସ୍ତୁ ସଂଯୋଗର ଧାରଣାକୁ ପ୍ରତିନିଧିତ୍ୱ କରେ ଓ ଲୋକଙ୍କୁ ଏକତା ଏବଂ ସ୍ୱାବଲମ୍ବୀ ହେବାର ଗୁରୁତ୍ୱକୁ ବୁଝାଏ।



DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୩୧/୨୦୨୫ | Bhubaneswar, Friday, October 31/2025 | ପୃଷ୍ଠା-୧



### ତନୁଷ କୋଟିଆନଙ୍କୁ ୪ ଉଇକେଟ ସଫଳତା

ଦକ୍ଷିଣ ଆଫ୍ରିକା 'ଏ' ବିପକ୍ଷ ପ୍ରଥମ ନନ୍ ଅଫିସିଆଲ ଟେଷ୍ଟ ମ୍ୟାଚରେ ୪ ଉଇକେଟ ସଫଳତା ହାସଲ କରିଛନ୍ତି ଭାରତ 'ଏ' ଦଳର ତନୁଷ କୋଟିଆନ।

୧୨ ୦୯

### ଟ୍ରମ୍ପ୍ ଟାରିଫ୍: ଚାଇନା ପାଇଁ ୪୭%

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଦକ୍ଷିଣ କୋରିଆରେ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗଙ୍କୁ ଭେଟିବା ପରେ ଚାଇନା ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ୪୭%କୁ ହ୍ରାସ କରିଛନ୍ତି।



## ଫେବୃଆରୀ ୧୭ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା

**ନୂଆଦିଲ୍ଲୀ,୩୦।୧୦**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ୨୦୨୫-୨୬ ଶିକ୍ଷାବର୍ଷ ଲାଗି ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଚୂଡ଼ାନ୍ତ କାର୍ଯ୍ୟସୂଚୀ ଗୁରୁବାର ପ୍ରକାଶ କରିଛି। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫେଜ୍ ୧ ଫେବୃଆରୀ ୧୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫେବୃଆରୀ ୧୭ରୁ ଏପ୍ରିଲ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ବୋର୍ଡ ୱେବ୍‌ସାଇଟ୍‌ରୁ ଦେଖିବା ସହ ଡାଉନ୍‌ଲୋଡ କରିପାରିବେ। ପରୀକ୍ଷା କାଗଜ କଲମ ଫର୍ମାଟ୍‌ରେ ହେବ। ବିଷୟ ଅନୁଯାୟୀ ଉଭୟ ବୋର୍ଡ ପରୀକ୍ଷା ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧୨ଟା ୩୦ କିମ୍ବା ୧ଟା ୩୦ ପର୍ଯ୍ୟନ୍ତ ହେବ। ପରୀକ୍ଷାର୍ଥୀମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ପୂର୍ବରୁ ଚୂଡ଼ାନ୍ତ କାର୍ଯ୍ୟସୂଚୀ ଭଲ ଭାବେ ଦେଖି ସୁନିଶ୍ଚିତ ହେବା ଜରୁରୀ। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ର ସୁପାରିସ ଅନୁଯାୟୀ୨୦୨୬ରୁ ଗୋଟିଏ ଶିକ୍ଷାବର୍ଷରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ୨ଟି ବୋର୍ଡ ପରୀକ୍ଷା ହେବ।

# ଅଷ୍ଟ୍ରେଲିଆକୁ ହରାଇ ଫାଇନାଲରେ ଭାରତ

**ନବୀ ମୁମ୍ବାଇ, ୩୦।୧୦**

ଚଳିତ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ରେ ଭାରତ ଇତିହାସ ରଚିବା ସହ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଭାରତୀୟ ଦଳ ୫ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଫୋଏବ ଲିଚ୍‌ଫିଲ୍ଡଙ୍କ ୧୧୯ ରନର ଶତକୀୟ ପାଳି ବଳରେ ଅଷ୍ଟ୍ରେଲିଆ ୪୯.୫ ଓଭରରେ ୩୩୮ ରନରେ ଅଲଆଉଟ୍ ହୋଇଥିଲା। ଜବାବରେ ଜେମିମା ରୋଡ୍ରିଗ୍ସଙ୍କ ଅପରାଜିତ ୧୨୭ ଓ ଅଧିନାୟିକା ହରମନପ୍ରୀତ କୌରଙ୍କ ୮୯ ରନର ଇନିଂସ ଯୋଗୁ ଭାରତ ୪୮.୩ ଓଭରରେ ୫ ଉଇକେଟ ହରାଇ ୩୪୧ ରନ କରି ମ୍ୟାଚ୍ ଜିତି ନେଇଥିଲା। ଟାର୍ଗେଟର ପିଛା କରି ବିଜୟ ହାସଲ କରିବାରେ ଏହା ମହିଳା ଦିନିକିଆ କ୍ରିକେଟ୍ ଇତିହାସର ସର୍ବବୃହତ୍ ବିଜୟ। ଏହି ବିଜୟ ସହ ଭାରତୀୟ ତୃତୀୟ ଥର ପାଇଁ ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଏଥିପୂର୍ବରୁ ଭାରତ ୨୦୦୫ ଓ ୨୦୧୭ ସଂସ୍କରଣରେ ରନରଅପ୍ ହୋଇଥିଲା। ଅନ୍ୟପକ୍ଷରେ ଡିଫେଣ୍ଡିଂ ତଥା ୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ସେମିଫାଇନାଲରୁ ବିଦାୟ ନେଇଛି। ଆସନ୍ତା ୨ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବାକୁ ଥିବା ଫାଇନାଲରେ ଭାରତ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ଦୁଇ ଦଳ ପୂର୍ବରୁ ଚାମ୍ପିୟନ ହୋଇ ନ ଥିବାରୁ ଚଳିତ ଥର ବିଶ୍ୱ କ୍ରିକେଟ୍‌କୁ ନୂଆ ମହିଳା ଚାମ୍ପିୟନ ମିଳିବା ନିଶ୍ଚିତ ହୋଇଛି।

(ଅଧିକ ରିପୋର୍ଟ: ଖେଳ ପୃଷ୍ଠା)




ରନ୍ ସଂଗ୍ରହ ବେଳେ ଅଧିନାୟିକା ହରମନପ୍ରୀତ କୌର ଏବଂ ଜେମିମା ରୋଡ୍ରିଗ୍ସ।

## ନଭେମ୍ବର ପହିଲାରୁ ତହସିଲରେ ଜମି ପଞ୍ଜୀକରଣ: ରାଜସ୍ୱମନ୍ତ୍ରୀ

### ପ୍ରଥମ ପର୍ଯ୍ୟାୟରେ ୪୪ ତହସିଲ ସାମିଲ

**ଭୁବନେଶ୍ୱର,୩୦।୧୦(ରବିନାରାୟଣ ଜେନା)**

ରାଜ୍ୟରେ ଜମି ପଞ୍ଜୀକରଣ ନେଇ ଲାଗି ରହୁଥିବା ସମସ୍ୟାର ସମାଧାନ ଲାଗି ରାଜସ୍ୱ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ରାଜ୍ୟର ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲରେ ନଭେମ୍ବର ପହିଲାରୁ ଜମି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଗୁରୁବାର ମନ୍ତ୍ରୀ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଲୋକେ ଆଉ ମୁଖ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଏଣିକି ତହସିଲରେ ଜମି କିଣାବିକା ସମାଧାନ ହେବ। ନଭେମ୍ବର ୧ରେ ଏସଂକ୍ରାନ୍ତୀୟ ଏକ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିବେ। ଜମି କିଣାବିକା ନେଇ ଲୋକେ ଯେପରି ହଇରାଣ ହରକତ ନ ହୁଅନ୍ତି ତାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ☞ ପୃଷ୍ଠା-୧୦

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ ୫୩ତମ ସିଜେଆଇ ନିଯୁକ୍ତ



**ନୂଆଦିଲ୍ଲୀ,୩୦।୧୦(ପି.ଟି.)**

ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଗୁରୁବାର ଭାରତର ୫୩ତମ ପ୍ରଧାନ ବିଚାରପତି (ସିଜେଆଇ) ନିଯୁକ୍ତ କରାଯାଇଛି। ସେ ନଭେମ୍ବର ୨୪ରେ କାର୍ଯ୍ୟଭାର ଗ୍ରହଣ କରିବେ। କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ନୂଆ ସିଜେଆଇ ନିଯୁକ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ବର୍ତ୍ତମାନର ସିଜେଆଇ ବି.ଆର୍. ଗବଇ ନଭେମ୍ବର ୨୩ରେ ଅବସର ଗ୍ରହଣ କରିବାକୁ ଯାଉଥିବାବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ତାଙ୍କ ସ୍ଥାନ ନେବାକୁ ଯାଉଛନ୍ତି। ସେ ପାଖାପାଖି ୧୫ ମାସ ସିଜେଆଇ ରହିବା ପରେ ୨୦୨୭ ଫେବୃଆରୀ ୯ରେ ୬୫ ବର୍ଷ ବୟସରେ ଅବସର ଗ୍ରହଣ କରିବେ। ସମ୍ବିଧାନରେ ପ୍ରଦତ୍ତ କ୍ଷମତାର ପ୍ରୟୋଗକ୍ରମେ ରାଷ୍ଟ୍ରପତି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଭାରତର ପ୍ରଧାନ ବିଚାରପତି ଭାବେ ନିଯୁକ୍ତ କରିଛନ୍ତି, ଯାହା ୨୦୨୫ ନଭେମ୍ବର ୨୪ରୁ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ Xରେ ପୋଷ୍ଟ କରିଛନ୍ତି।

# ଷ୍ଟୁଡିଓରେ ୧୭ ପିଲା ପଣବନ୍ଦୀ

- ୨ ଘଣ୍ଟା ପରେ ପିଲାଙ୍କ ସମେତ ୧୯ ଉଦ୍ଧାର
- ମୁମ୍ବାଇ ପୋଲିସ ଗୁଳିରେ ଅପହର୍ତ୍ତା ମୃତ

**ମାୟାନଗରୀ ମୁମ୍ବାଇର ଆର୍‌ଏ (ରା) ଷ୍ଟୁଡିଓରେ ଗୁରୁବାର ସମସ୍ତଙ୍କୁ ବିଚଳିତ କରିଦେବା ଭଳି ଭୟଙ୍କର ହାଇଡ୍ରାମା ଦେଖିବାକୁ ମିଳିଛି। ୱେବ୍ ସିରିଜ୍‌ରେ କାମ କରିବା ପାଇଁ ରୋହିତ ଆର୍ଯ୍ୟ ନାମକ ଜଣେ ବ୍ୟକ୍ତି ଶତାଧିକ ପିଲାଙ୍କୁ ଡାକିଥିଲେ। ଅଡିଶନ୍ ପାଇଁ ୧୭ ଝିଅ ଓ ପୁଅ ଆସିଥିଲେ, ଯାହାଙ୍କ ବୟସ ୮ରୁ ୧୪ ବର୍ଷ ମଧ୍ୟରେ ହେବ। ରୋହିତ ଅଡିଶନ୍ ଲାଗି ଶୁଟିଂ କରିବା ପରିବର୍ତ୍ତେ ସେମାନଙ୍କୁ ପଣବନ୍ଦୀ କରି ରଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କ ସହ କଥା ହେବାକୁ ଉଦ୍ୟମ କରିବାବେଳେ ସେ ଗୁଳି ଚଳାଇଥିଲେ। ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ଆହତ ଅଭିଯୁକ୍ତ ରୋହିତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ମୁମ୍ବାଇ ସମେତ ମହାରାଷ୍ଟ୍ରରେ ଚିନ୍ତାର ବିଷୟ ପାଲଟିଥିବାବେଳେ ସାରା ଦେଶରେ ଏନେଇ ଚର୍ଚ୍ଚା ଲାଗିରହିଛି। ବିଶେଷକରି ଅଭିନୟ କ୍ଷେତ୍ରରେ ସ୍ୱଳ୍ପ ବୟସର ପିଲାଙ୍କୁ କ୍ୟାରିୟର ଗଢ଼ିବା ପାଇଁ ପ୍ରୋତ୍ସାହିତ କରୁଥିବା ଅଭିଭାବକ ମହଲରେ ଏହା ଉଦ୍‌ବେଗ ସୃଷ୍ଟି କରିଛି।**



ମୃତ ଅଭିଯୁକ୍ତ ରୋହିତ ଆର୍ଯ୍ୟ।




ମୁମ୍ବାଇର ପୋୱାଇସ୍ଥିତ ରା ଷ୍ଟୁଡିଓ।

**ମୁମ୍ବାଇ,୩୦।୧୦**

ମୁମ୍ବାଇର ଅନ୍ଧେରିସ୍ଥିତ ପୋୱାଇର ସାକିବିହାର ଅଞ୍ଚଳରେ ରହିଛି ମନୋହରନଗର। ଏହାର ମରୋଲସ୍ଥିତ ପୋୱାଇରେ ମହାବୀର କ୍ଲାସିକ୍ ବିଲ୍ଡିଂର ତଳମହଲାରେ ରା ଷ୍ଟୁଡିଓ ଅବସ୍ଥିତ। ଏହି ଛୋଟ ଫିଲ୍ମ ଷ୍ଟୁଡିଓରେ କେତେଜଣ ପିଲାଙ୍କୁ ଜଣେ ବ୍ୟକ୍ତି ପଣବନ୍ଦୀ କରିଥିବା ନେଇ ଗୁରୁବାର ଅପରାହ୍ନ ୧ଟା ୪୫ ମିନିଟରେ ମୁମ୍ବାଇ ପୋଲିସ କଣ୍ଟ୍ରୋଲ ରୁମ୍‌କୁ କଲ୍ କରି ସୂଚନା ଦିଆଯାଇଥିଲା। ଏହାର ୧୫ ମିନିଟ ଭିତରେ ପୋଲିସ ସେଠାରେ ପହଞ୍ଚି ପଣବନ୍ଦୀ ଥିବା ୧୭ ପିଲାଙ୍କ ସମେତ ଅନ୍ୟ ୨ ଜଣ ବୟସ୍କ ବ୍ୟକ୍ତିଙ୍କୁ ଉଦ୍ଧାର ଉଦ୍ୟମ ଆରମ୍ଭ କରିଥିଲା। ପୋଲିସ ଟିମ୍ ବାଥ୍‌ରୁମ ବାଟ ଦେଇ ଅଭିଯୁକ୍ତ ରୋହିତ ଆର୍ଯ୍ୟଙ୍କ ନିକଟରେ ପହଞ୍ଚି ତାଙ୍କ ସହ ଆଲୋଚନା କରିଥିଲା। କିନ୍ତୁ ସେ ପିଲାଙ୍କୁ ଛାଡ଼ିବାକୁ ମନା କରିଦେଇଥିଲେ। ଇତିମଧ୍ୟରେ ସେ ଏକ ଭିଡିଓ ଜାରି କରି ନିଜ ବକ୍ତବ୍ୟ ରଖିଥିଲେ। ରୋହିତ ନିଜ ନାମ ପ୍ରକାଶ କରିବା ସହ କହିଥିଲେ, ସେ ଜଣେ ଆତଙ୍କବାଦୀ ନୁହନ୍ତି। ଆତ୍ମହତ୍ୟା କରିବା ପରିବର୍ତ୍ତେ ସେ କେତେଜଣ ପିଲାଙ୍କୁ ସେଠାରେ ପଣବନ୍ଦୀ କରି ରଖିବା ପାଇଁ ଯୋଜନା କରିଥିଲେ। ଅଧିକାରୀମାନଙ୍କ ଦ୍ୱାରା କରାଯାଉଥିବା 'ବ୍ୟବସ୍ଥାଗତ ବିଶ୍ୱାସଘାତ' ପ୍ରତିବାଦରେ ଏହା ତାଙ୍କର ସୁଚିନ୍ତିତ ବିରୋଧ। ସେ ସାଧାରଣ ଆଲୋଚନା, ନୈତିକ ଦାବି ପୂରଣ ଏବଂ ନୀତିଗତ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ନେଇ ଦାବି କରିଥିଲେ। ସେ ଟଙ୍କା ଦାବି କରୁନାହାନ୍ତି ବୋଲି କହିଥିଲେ। ଏପରି କି ପୋଲିସ କୌଣସି ଭୁଲ୍ ପଦକ୍ଷେପ ନେଲେ ସେ ରା ଷ୍ଟୁଡିଓରେ ନିଆଁ ଲଗାଇଦେବେ ବୋଲି ଧମକ ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ରେସ୍କ୍ୟୁ ଅପରେଶନ୍ ଆରମ୍ଭ କରିବା ମାତ୍ରେ ରୋହିତ ଧରିଥିବା ଏକ ଏୟାରଗନ୍‌ରୁ ଗୁଳି ଚଳାଇଥିଲେ। ପୋଲିସ କର୍ମଚାରୀମାନେ ଏହାର ଜବାବରେ ପାଲଟା ଗୁଳି କରିଥିଲେ। ପୋଲିସ ଗୁଳିମାଡ଼ରେ ସେ ଆହତ ହୋଇଥିଲେ। ୨ଟା ୪୫ରେ ଅପହୃତ ପିଲାଙ୍କୁ ସୁରକ୍ଷିତ ଭାବେ ମୁକ୍ତ କରାଯିବା ସହ ରୋହିତଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସା ଚାଲିଥିବାବେଳେ ଅପରାହ୍ନ ୫ଟା ୩୦ରେ ଡାକ୍ତର ରୋହିତଙ୍କୁ ମୃତ ଘୋଷଣା କରିଥିଲେ।

ପୁଣେ ବାସିନ୍ଦା ରୋହିତ ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ଯୋଜନା 'ମୋ ସ୍କୁଲ, ସୁନ୍ଦର ସ୍କୁଲ' ଅଧୀନରେ କାର୍ଯ୍ୟ କରିଥିଲେ। ପିସିଏଲ୍ ସାନିଟେଶନ୍ ମନିଟର ପ୍ରକଳ୍ପରେ କରିଥିବା କାର୍ଯ୍ୟ ପାଇଁ ତାଙ୍କୁ ☞ ପୃଷ୍ଠା-୧୦

## ଓଡ଼ିଶାରେ ହେବ ୯୨ ରେଳ ଓଭରବ୍ରିଜ୍

### ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୧୦(ସୁନିତ୍ ମିଶ୍ର)**

ଓଡ଼ିଶାରେ ୯୨ଟି ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ। ଏଥିପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ଆବଶ୍ୟକ ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଉଭୟ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାର ଏହି ରେଳ ଓଭରବ୍ରିଜ୍‌ଗୁଡ଼ିକୁ ୫୦:୫୦ ଅନୁପାତରେ ଖର୍ଚ୍ଚ କରିବେ ବୋଲି ସ୍ଥିର ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ରେଳ ମନ୍ତ୍ରଣାଳୟ ବହନ କରିବାକୁ ଅନୁରୋଧ କରାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷାକରି ରେଳ ମନ୍ତ୍ରଣାଳୟ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିର୍ମାଣହେବାକୁ ଥିବା ୯୨ଟି ରେଳ ଓଭରବ୍ରିଜ୍ ସମ୍ପୂର୍ଣ୍ଣ ନିର୍ମାଣ ଖର୍ଚ୍ଚ ☞ ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ**

ପିଢ଼ିଗତ ପରିବର୍ତ୍ତନର ସୁଯୋଗ

## ୧ ଡଲାର=୮୮.୭୮ ଟଙ୍କା



**ମୁମ୍ବାଇ,୩୦।୧୦**

ଭାରତୀୟ ଟଙ୍କା ପୁଣି ତଳମୁହାଁ ହୋଇ ୨ ସପ୍ତାହରେ ସବୁଠୁ ଦୁର୍ବଳ ଅବସ୍ଥାକୁ ଖସିଆସିଛି। ଆମେରିକା ଫେଡେରାଲ ରିଜର୍ଭ ପକ୍ଷରୁ ବୁଧବାର ରାତିରେ ୦.୨୫ ପଏଣ୍ଟ ରେଟ୍ କଟ୍ ନେଇ ଘୋଷଣା କରିବା ପରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ବଜାରରୁ ପୁଣି ମୁହଁଫେରାଇବା ଆରମ୍ଭ କରିଛନ୍ତି। ଏଥିଯୋଗୁ ଡଲାର ସବଳ ହୋଇଥିବାରୁ ଟଙ୍କାର ଏପରି ଅବମୂଲ୍ୟାୟନ ହୋଇଥିବା ବଜାର ବିଶେଷଜ୍ଞ ମତ ଦେଇଛନ୍ତି। ଗୁରୁବାର ସେସନ୍‌ରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ୦.୬% ହ୍ରାସ ଘଟିବାରୁ ଏହା ୮୮.୮୮କୁ ଖସିଥିଲା। କାରବାର ଶେଷରେ ଟଙ୍କା ୮୮.୭୮ରେ କ୍ଲୋଜ୍ ହୋଇଥିଲା।

# ସାରା ଦେଶରେ ପୋଲିସ ପାଇଁ ସମାନ ପୋଷାକ

**ଭୁବନେଶ୍ୱର,୩୦।୧୦(ରବିନାରାୟଣ ଜେନା)**

ସାରା ଦେଶରେ ପୋଲିସ ସେବାରେ କାର୍ଯ୍ୟରତ କନଷ୍ଟେବଲଙ୍କଠାରୁ ଆରମ୍ଭ କରି ଡିଏସ୍‌ପିଙ୍କ ପର୍ଯ୍ୟନ୍ତ ଗୋଟିଏ ପ୍ରକାର ପୋଷାକ ପିନ୍ଧିବେ। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନିଷ୍ପତ୍ତିକ୍ରମେ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏସ୍‌ପି କେ.ଏଲ. ପୁରୀ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ପୁରୀ ପତ୍ରରେ ଦର୍ଶାଇଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସାରା ଦେଶରେ ଏକକ ଡ୍ରେସ୍ କୋଡ୍(ୟୁନିଫର୍ମ) ନୀତି ଆପଣା ଯିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ନେଇ ୨୦୨୫ ମେ' ୨୨ରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ମନ୍ତ୍ରଣାଳୟ ପକ୍ଷରୁ ଲୋଡ଼ା ଯାଇଥିବା ତଥ୍ୟ ମିଳିନାହିଁ। ଏହିକ୍ରମରେ ଆସନ୍ତା ନଭେମ୍ବର ୪ ତାରିଖ ସୁଦ୍ଧା ମନ୍ତ୍ରଣାଳୟ ପକ୍ଷରୁ ଲୋଡ଼ା ଯାଇଥିବା ତଥ୍ୟ ତୁରନ୍ତ ପ୍ରଦାନ କରିବାକୁ ହେବ। ସେଥିମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କେତେ ପରିମାଣର ଡ୍ରେସ୍ ଆବଶ୍ୟକ ତାହା ଜଣାଇବାକୁ ହେବ। ଏହାସହିତ ବର୍ତ୍ତମାନ କନଷ୍ଟେବଲଙ୍କଠାରୁ ଆରମ୍ଭ କରି ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) ପର୍ଯ୍ୟନ୍ତ କର୍ମଚାରୀ ଓ ଅଧିକାରୀଙ୍କୁ କେତେ ଲେଖାଏ ଆଲାଉନ୍ସ ପ୍ରଦାନ କରାଯାଉଛି ତାହାର ବିବରଣୀ ଦେବାକୁ ହେବ। ବିଶେଷକରି ଗୋଟିଏ ହଳ ପୋଷାକ ପାଇଁ ହାରାହାରି କେତେ ଟଙ୍କା ପଡୁଛି ତାହା ଜଣାଇବାକୁ ମନ୍ତ୍ରଣାଳୟ ପକ୍ଷରୁ ଏସ୍‌ପି ପତ୍ରରେ ଦର୍ଶାଇଛନ୍ତି। ତେବେ ସାରା ଦେଶରେ ଏହି ଏକକ ପୋଷାକ ନୀତି କାର୍ଯ୍ୟକାରୀ ହେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାବେଳେ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ତଥ୍ୟ ମଗାଯାଇଛି। ସେଥିମଧ୍ୟରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ଗୋଆ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କେରଳ, ମଣିପୁର, ମେଘାଳୟ, ନାଗାଲାଣ୍ଡ, ଓଡ଼ିଶା, ସିକ୍କିମ, ତେଲଙ୍ଗାନା, ତ୍ରିପୁରା, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗ ରହିଛି।

# ଦାଦନ: ସମସ୍ୟା ନୁହେଁ, ଦୁଃଖ

**ନୂଆପଡ଼ା,୩୦।୧୦(ପୀତାମ୍ବର ସାହୁ)**

ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ଘୋଷଣା ପରଠାରୁ ଯଦିଓ ବିଭିନ୍ନ ଦଳର ନେତାମାନେ ବଡ଼ ଗାଡ଼ି ଧରି ଏଠାକାର ମୁଖ୍ୟ ରାସ୍ତାରେ ବାରମ୍ବାର ଏପାଖସେପାଖ ହୋଇ ନିଜ ଉପସ୍ଥିତି ଦେଖାଉଛନ୍ତି, ତଥାପି ବାସ୍ତବ ସମସ୍ୟା ଭିତରକୁ ପଶିବାର ଆଗ୍ରହ ସେମାନଙ୍କଠାରେ ଦେଖିବାକୁ ମିଳୁନାହିଁ। ନୂଆପଡ଼ା ଓ ଖରିଆର ରୋଡ୍ ଏନ୍‌ଏସିଠାରୁ ଗୋଟିଏ ଗୋଟିଏ ଗାଁର ଦୂରତା ସର୍ବନିମ୍ନ ୧୦ରୁ ୪୦ କି.ମି. ହେବ। ପ୍ରମୁଖ ୩ ଦଳର ନେତାମାନେ ଏହିସବୁ ଦୂରଦୂରାନ୍ତ ଗାଁକୁ ମଧ୍ୟ ଯାଉଛନ୍ତି। ହେଲେ ସମସ୍ୟା ସମାଧାନର ଆନ୍ତରିକତା ନ ରଖି ନିଜ ଦଳର ବ୍ୟାନର, ପୋଷ୍ଟର ଲଗାଇ ଉପନିର୍ବାଚନରେ ବିଜୟୀ ହେବା ଏକମାତ୍ର ଲକ୍ଷ୍ୟ ଭାବେ ଧରି ନେଇଥିବା ମନେ ହେଉଛି। ଓଡ଼ିଶାର ଦାଦନ ସମସ୍ୟା ନେଇ ବିଭିନ୍ନ ସମୟରେ ଆଲୋଚନା ହୋଇଥାଏ। ଏହାର ସମାଧାନ କରିଦେବେ ବୋଲି ବିଭିନ୍ନ ଦଳର ନେତାମାନେ ଅନେକ ସମୟରେ କହିଥାନ୍ତି। ହେଲେ ଏବେ ଯେତେବେଳେ ଏକ ଦାଦନ ପ୍ରବଣ ଜିଲା ଭାବେ ପରିଚିତ ନୂଆପଡ଼ାରେ ବହୁ କ୍ଷମତାଶାଳୀ ନେତା ପହଞ୍ଚିଛନ୍ତି, କେବଳ ରାଜନୀତି କରିବା ଉଦ୍ଦେଶ୍ୟ ଛାଡ଼ିଦେଲେ ଲୋକଙ୍କ ରୋଜଗାର ବଢ଼ାଇବା ନେଇ ସେପରି କୌଣସି ଦୂରଦୃଷ୍ଟି ସମ୍ପନ୍ନ ପ୍ରସ୍ତାବ ରଖୁଥିବା ଦେଖିବାକୁ ମିଳୁନାହିଁ। ବୁଧବାର ଯେତେବେଳେ ନୂଆପଡ଼ାର ଉପନିର୍ବାଚନ ସ୍ଥିତି ପରଖିବା ଲାଗି କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରୀ, ପଲସିପାଣି ଓ ମାନିଗୋଡ଼ା ପଞ୍ଚାୟତ ଭଳି କେତେଗୁଡ଼ିଏ ପଞ୍ଚାୟତ ଓ ଏହା ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ଗସ୍ତ କରିଥିଲୁ, ସ୍ଥାନୀୟ ଲୋକଙ୍କ ରୋଜଗାର ନେଇ ବିଚିତ୍ର କଥା ଦୃଷ୍ଟିକୁ ଆସିଛି। ଗୋଟିଏ ପଞ୍ଚାୟତରୁ ପ୍ରାୟ ୭ ଶହରୁ ଅଧିକ ଲୋକ ଦାଦନ ଖଟିବା ଲାଗି ତାମିଲନାଡ୍ରୁ, ଆନ୍ଧ୍ରପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଛତିଶଗଡ଼ ଭଳି ରାଜ୍ୟକୁ ଯାଇଥିବା ଜଣାପଡ଼ିଛି।

ସୂଚନା ମୁତାବକ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ପ୍ରାୟ ୬୩ ପଞ୍ଚାୟତ ରହିଛି। ଏଥିରୁ ଜଣେ ସାଧାରଣ ଲୋକ ଅନୁମାନ କରିପାରିବେ, କେବଳ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଦାଦନ କେତେବଡ଼ ସମସ୍ୟା। ହେଲେ ଏକଥାକୁ ରାଜ୍ୟର ତିନି ପ୍ରମୁଖ ଦଳ କେବେହେଲେ ଗୋଟିଏ ମୁଖ୍ୟ ପ୍ରସଙ୍ଗ କରିପାରିବେ ନାହିଁ ବୋଲି କୋମନା ବ୍ଲକ ବାସିନ୍ଦା ଶ୍ୟାମ ଶବର ଭୟଭୀତ ଅବସ୍ଥାରେ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ରାଜ୍ୟରେ ୨୪ ବର୍ଷର ବିଜେଡି ସରକାର ଏଇ କେତେଦିନ ହେବ କ୍ଷମତାର ଅଳିନ୍ଦ ଭିତରୁ ବାହାରି ବିରୋଧୀ ଦଳର ଆସନ ମଣ୍ଡନ କରିଛି। ଯଦି ଏବେକାର ମୁଖ୍ୟ ବିରୋଧୀ ଦଳ ଦାଦନ କଥା ଉଠାନ୍ତି, ତେବେ ସେମାନେ ୨୪ ବର୍ଷ ଧରି ଦେଇଆସିଥିବା ମିଛ ପ୍ରତିଶ୍ରୁତି ଉପନିର୍ବାଚନରେ ବିଜେଡି ପାଇଁ ଆପଣା ହସ୍ତେ ଜିହ୍ୱା ଛେଦିବା ଭଳି ହୋଇଯିବ। ନୂଆକରି ଶାସନକୁ ଆସିଥିବା ଭାଜପା କାହିଁକି ବା ଏକଥା କହି ନିଜ ପାଇଁ ଏକ ନୂଆ ସମସ୍ୟା ସୃଷ୍ଟି କରିବ। କଂଗ୍ରେସ ଅମଳରୁ ହିଁ ଦାଦନ ସମସ୍ୟା ☞ ପୃଷ୍ଠା-୧୦



ନୂଆପଡ଼ା ଉପନିର୍ବାଚନରେ ପ୍ରସଙ୍ଗ ଉଭାନ୍

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଉର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ- ତେବେ ମୁଁ ନିଶ୍ଚୟ ଉର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। -ଶ୍ରୀଅରବିନ୍ଦ

-ଅଁଳା ନବମୀ, ଜଗଦ୍ଧାତ୍ରୀ ପୂଜା ଓ ଶ୍ରୀରାଧାଙ୍କ ପାଦ ଦର୍ଶନ



# ପିଢ଼ିଗତ ପରିବର୍ତ୍ତନର ସୁଯୋଗ



ୟୁଏନ୍ ୟୁଏନ୍ ଆଙ୍ଗ୍

ଏବେ ସଂଘର୍ଷ, ବାଣିଜ୍ୟ ଯୁଦ୍ଧ, ଅସମାନତା ଏବଂ ଗଣତନ୍ତ୍ରର ଅଧୋଗତି ଶୀର୍ଷକ ଖବର ଅଧିକ ପ୍ରକାଶ ପାଉଛି। ସଙ୍କଟ ପରେ ସଙ୍କଟ ସୃଷ୍ଟିହେବାରେ ଲାଗିଛି ଏବଂ ମନେହେଉଛି ସତେ ଯେମିତି ବିଶ୍ୱ ଅଲଗା ହୋଇଯାଉଛି। ପାଶ୍ଚାତ୍ୟ ନେତା ଓ ବିଶେଷଜ୍ଞମାନେ ଏହିସବୁ ସଙ୍କଟର ଜଟିଳ ସ୍ଥିତିକୁ ଆୟତ୍ତ କରିବା ପାଇଁ 'ପଲିକ୍ରାଇସିସ୍' ବା ବହୁସଙ୍କଟ ଭଳି ଶବ୍ଦକୁ ଗ୍ରହଣ କରିଛନ୍ତି। ୨୦୨୩ରେ କଲମ୍ବିଆ ବିଶ୍ୱବିଦ୍ୟାଳୟର ଐତିହାସିକ ଆଡାମ୍ ଟୋଜେ ଏହି ଶବ୍ଦକୁ ଲୋକପ୍ରିୟ କରିଥିଲେ। ସେ କହିଥିଲେ- ''ତୁମର ଏଠି ଭୟ ଅଛି, ଏଠି ବି କିଛି ଅଛି ଯାହା ତୁମକୁ ବିଶେଷକରି ଦୁଃଖ ଦେଉଛି ଏବଂ ତାକୁ ଏହା( ପଲିକ୍ରାଇସିସ୍) କୁହାଯାଇପାରେ।'' କିନ୍ତୁ ଭୟ ଯେତେବେଳେ ମୂଳ ବିଷୟ ପାଲଟିଯାଏ, ସେତେବେଳେ କେବଳ ଚିନ୍ତା ଓ ଅକ୍ଷମତା ପ୍ରକାଶ ପାଇଥାଏ ବୋଲି ୨୦୨୪ ଡାଭୋସ୍ ବିଶ୍ୱ ଆର୍ଥିକ ମଞ୍ଚ ପରେ ମାର୍କ ଲିଓନାର୍ଡ ଅନୁଧ୍ୟାନ କରିଥିଲେ।

ତେବେ ସଙ୍କଟଗୁଡ଼ିକ ପରେ ପତନ ଅନିବାର୍ଯ୍ୟ ନୁହେଁ। ଅବଶ୍ୟ, ଅନେକ ସମୟରେ ବାଧା ବା ସଙ୍କଟ ନବୀକରଣ ପାଇଁ ବାଟ ଦେଖାଇଥାଏ ଏବଂ ପୁରୁଣା ବ୍ୟବସ୍ଥାକୁ ଯିବା ଲାଗି ଯେଉଁମାନେ ଚାହିଁଥାନ୍ତି ସେମାନଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ । ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ବିଚାରକରି ଏହି ପ୍ରକାର ଅଭିଯାନକୁ ମୁଁ 'ପଲିଟ୍ୟୁନିଟି' ଶବ୍ଦ ନଭେମ୍ବର ୨୦୨୪ର ଏକ ପ୍ରୋଜେକ୍ଟ ସିଣ୍ଡିକେଟ କମେଣ୍ଟ୍ରିରେ ସାମ୍ନାକୁ ଆଣିଥିଲି ଏବଂ ଜାତିସଂଘ ବିକାଶ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ବିସ୍ତାରଭାବେ ବର୍ଣ୍ଣନା କରିଥିଲି। ଏହିସିଦ୍ଧାନ୍ତ ଅତ୍ୟନ୍ତ ସରଳ। ଲଗାତର ଜାରିରହିଥିବା ବାଧା ବା ସମସ୍ୟାଗୁଡ଼ିକ ବୈଶ୍ୱିକ ସଂସ୍ଥା ଓ ବିଚାରଗୁଡ଼ିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ ହେବା ପାଇଁ ଗୋଟିଏ ପିଢ଼ିରେ ଥରେ ମାତ୍ର ସୁଯୋଗ ଦେଇଥାଏ। ହଠାତ୍ ସବୁକିଛି ଯେତେବେଳେ ଭୁଶୁଡ଼ିପଡ଼ିବା ମନେହୁଏ, ସେତେବେଳେ ଆମେ ସମସ୍ତେ ତାଳିପକା ସମାଧାନଠାରୁ ଆଗକୁ ବଢ଼ିବାକୁ ବାଧ ହେଉ ଏବଂ ତୃଣମୂଳ ସ୍ତରରେ ବ୍ୟବସ୍ଥାଗୁଡ଼ିକର ପୁନର୍ଗଠନ କରିଥାଉ।

ଆରମ୍ଭରୁ ଆମେ ସ୍ୱୀକାର କରିବା ଉଚିତ ଯେ, ପଲିକ୍ରାଇସିସ୍ ହେଉଛି ଏକ ପାଶ୍ଚାତ୍ୟ କୈନ୍ଦ୍ରିକ ବ୍ୟାଖ୍ୟାନ ଯାହାକୁ ବୈଶ୍ୱିକ ବୋଲି ବାହାନା କରାଯାଉଛି। ଦୁଇ ୟୁରୋପୀୟ ସିଦ୍ଧାନ୍ତବାଦୀ ଏହି ଶବ୍ଦକୁ ୧୯୯୩ରେ ସାମ୍ନାକୁ ଆଣିଥିବାବେଳେ ନିକଟରେ ଅନ୍ୟ ୟୁରୋପୀୟ ବିଶେଷଜ୍ଞମାନେ ଏହାର ପ୍ରଚାର କରିଥିଲେ। ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ନେଇ ପାଶ୍ଚାତ୍ୟରେ କରାଯାଇଥିବା ଏକ ସମ୍ମିଳନୀରେ ଏହି ଶବ୍ଦକୁ ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ଦିଆଯାଇଥିଲା ଏବଂ ପାଶ୍ଚତ୍ୟ ଗଣମାଧ୍ୟମ, ଥିଙ୍କ ଟ୍ୟାଙ୍କ୍ ଓ ଶିକ୍ଷାବିତ୍‌ଙ୍କ ଦ୍ୱାରା ଏହାକୁ ଭାଇରାଲ କରିବା ସକାଶେ ପ୍ରୋତ୍ସାହିତ କରାଯାଇଛି। ଏକ 'ଭୟଙ୍କର ଭବିଷ୍ୟତ' ସମ୍ପର୍କରେ ବିଳାପ କରିବା ପରିବର୍ତ୍ତେ ପଲିକ୍ରାଇସିସ୍ ଉପରେ ଯଦି କେବେ ବି ଆଲୋଚନା ହୁଏ , ତେବେ ଅଣ



ପାଶ୍ଚାତ୍ୟ ଦେଶଗୁଡ଼ିକ ( ଏବେ ଯାହାଙ୍କୁ କୁହାଯାଉଛି ସାଉଥ୍ ଗ୍ଲୋବାଲ)ର ସଂସ୍ଥାଗୁଡ଼ିକୁ କିମ୍ବା ଏହାର ପ୍ରଦତ୍ତ ସମାଧାନକୁ ସ୍ୱୀକାର କରାଯିବା ଦରକାର। ଏପରିକି କେତେଜଣ ସିଦ୍ଧାନ୍ତବାଦୀ 'ନବୀକୃତ ମାନବବାଦ' ପାଇଁ ଦାବି କରୁଥିବାରୁ ସେମାନେ ଢାଞ୍ଚାଗତ ଭାବେ ରହିଥିବା ଏକ ଅସମାନ ବ୍ୟବସ୍ଥା ଓ ଏହାକୁ ନେଇ ବୃଦ୍ଧିପାଉଥିବା ନିରାଶାର ବାସ୍ତବତାକୁ ସାମ୍ନା କରିବାରେ ବିଫଳ ହୋଇଛନ୍ତି। ଅନ୍ତଃରାଷ୍ଟ୍ରୀୟ ବିତ୍ତୀୟ ବ୍ୟବସ୍ଥା ତଥା ସଂସ୍ଥାଗତ ଅସ୍ତିତ୍ୱ ଉପରେ ପାଶ୍ଚାତ୍ୟର ପ୍ରାଧାନ୍ୟ ରହିଥିବାବେଳେ ବୈଶ୍ୱିକ ଆଇନ ବା ସିଦ୍ଧାନ୍ତରେ ଅଣ ପାଶ୍ଚାତ୍ୟର ସ୍ୱର ତଥା ବିଚାର ସୀମିତ ହୋଇଯାଇଛି।

ପଲିକ୍ରାଇସିସ୍ ଶବ୍ଦ ବୈଶ୍ୱିକ ଅସଫଳତାର ମୂଳ କାରଣଗୁଡ଼ିକୁ ଅସ୍ପଷ୍ଟ କରିଦେବା ସହ ସଙ୍କଟଗୁଡ଼ିକୁ ପ୍ରାକୃତିକ ବିପର୍ଯ୍ୟୟ ବୋଲି ଦର୍ଶାଉଛି। ବାସ୍ତବରେ, ବାରମ୍ବାର ଘଟୁଥିବା ସମାନ ପ୍ରକାର ସଙ୍କଟଗୁଡ଼ିକ ଉପନିବେଶୀୟ ଶିଳ୍ପ ସମୟରେ ସୃଷ୍ଟିହୋଇ ଶିଳ୍ପ ବିପ୍ଲବ ଠାରୁ ପ୍ରକାଶ ପାଇ ଆସିଛି। ପ୍ରଗତି କହିଲେ ନିୟନ୍ତ୍ରଣ ବୋଲି ଧରିନିଆଯାଇଛି ଯେଉଁଥିରେ ପ୍ରକୃତି ଉପରେ ଯାନ୍ତ୍ରିକ ନିୟନ୍ତ୍ରଣ ଏବଂ ବିଶ୍ୱର ଅନ୍ୟ ସବୁ ଦେଶ ଉପରେ ପାଶ୍ଚାତ୍ୟର ନିୟନ୍ତ୍ରଣ ଦେଖାଯାଇଛି। ଏହା ନିଶ୍ଚିତ ଯେ, ଆଧୁନିକୀକରଣର ଅଧ୍ୟାୟ ପର୍ଯ୍ୟାପ୍ତ ଭୌତିକ ଓ ସାମାଜିକ ସୁବିଧା ଯୋଗାଇଦେଇଛି। କିନ୍ତୁ ଏହା ମଧ୍ୟ ଆମ ସମୟର ଜଟିଳ ସ୍ଥିତି ସୃଷ୍ଟିକରିବାର କାରଣ ପାଲଟିଛି। ଆମ ସମୟର ଏକ ବଡ଼ ସଙ୍କଟ ବିଶ୍ୱତାପନ ଉତ୍ପାଦନକ୍ଷମ ଶିଳ୍ପ ମଡେଲ ଯୋଗୁ ହୋଇଛି।

ଏହି ମଡେଲକୁ ବାଣିଜ୍ୟ ବ୍ୟବସ୍ଥା ସହଯୋଗ କରୁଛି ଯେଉଁଥିରେ ଗରିବ ଦେଶଗୁଡ଼ିକରେ ଶ୍ରମିକମାନେ କମ୍ ଦରମାରେ ଉତ୍ପାଦନ କରୁଛନ୍ତି, ଯାହାକୁ ଧନୀ ଦେଶର ଉପଭୋକ୍ତାମାନେ ଅଧିକ ମୂଲ୍ୟରେ କିଣୁଛନ୍ତି।

ଏକ ଅତି ଜଟିଳ ଓ ବହୁଧ୍ରୁବୀୟ ବିଶ୍ୱରେ ଉପନିବେଶୀୟ ଶିଳ୍ପ ମଡେଲର ସମୟ ଶେଷ ହୋଇଯାଇଛି। ଆମକୁ ଏକ ନୂତନ ମାନସିକତା ଗ୍ରହଣ କରିବାକୁହେବ, ଯାହାକୁମୁଁକହେ-ଆଡପ୍‌ଟିଭ, ଇନ୍‌କ୍ଲୁସିଭ ଆଣ୍ଡ ମୋରାଲ ପଲିଟିକାଲ ଇକୋନୋମୀ(ଏଆଇଏମ୍) ଅର୍ଥାତ୍ ପରିବର୍ତ୍ତନ ପାଇଁ ଅନୁକୂଳ ସ୍ଥିତି, ସମାବେଶୀ ଭାବନା ଏବଂ ନୈତିକ ରାଜନୈତିକ ଅର୍ଥ ବ୍ୟବସ୍ଥା। ଏକ ଅନୁକୂଳ ସ୍ଥିତିକୁ ପରିବର୍ତ୍ତନ କରିବାକୁ ହେଲେ ସମାଜକୁ ଏକ ଅଶୋଧିତ ମେଶିନ ଭାବେ ନ ଚଳାଇ ଏକ ଜୀବନ୍ତ ନେଟ୍‌ୱର୍କ ପରି ସଞ୍ଚାଳନ କରାଯିବା ଦରକାର, ଯେଉଁଥିରେ ଶିଖିବାକୁ ମିଳିବ ଓ ବିକାଶ ବି ହେବ। ସମାବେଶୀ ହେବାକୁ ହେଲେ, ଆମ ପାଖରେ ଯାହା ଅଛି ତାହା ଉପରେ ପ୍ରଗତି ନିର୍ଭରକରେ ବୋଲି ଆମକୁ ସ୍ୱୀକାର କରିବାକୁ ହେବ। ଅର୍ଥାତ୍ ଶକ୍ତିଶାଳୀ ଓ ଧନୀ ଦେଶଗୁଡ଼ିକର ମଡେଲକୁ ନକଲ ନ କରି ସ୍ଥାନୀୟ ସୃଜନଶୀଳତାକୁ ଗତିଶୀଳ କରିବାକୁ ପଡ଼ିବ। ଏହାବ୍ୟତୀତ ଅସନ୍ତୁଳନ ଦୂରକରିବା ସହ ରାଜନୈତିକ କ୍ଷମତା ସତ୍ତା ଦ୍ୱାରା ଗଢ଼ାଯାଇଥିବା ସନ୍ଧାନ୍ତଗୁଡ଼ିକୁ ଗ୍ରହଣ କରିବାକୁ ହେଲେ ଆମକୁ ନୀତିସଙ୍ଗତ( ମୋରାଲ) ହେବାକୁ ପଡ଼ିବ।

ପାଶ୍ଚାତ୍ୟର ପଦ୍ଧତିକୁ ଅନୁସରଣ କରିବା କିମ୍ବା ଦାରିଦ୍ର୍ୟରୁ ମୁକ୍ତି ପାଇଁ ଅନୁଦାନକୁ ଚାହିଁ ରହିବା ପରିବର୍ତ୍ତେ ବିଶ୍ୱର ଅନ୍ୟ ସବୁ ଦେଶ ନିଜ ବିକାଶ କଥା ନିଜେ ବୁଝୁଥିବା ବେଳେ ଏଆଇଏମ୍ ନୀତିନିର୍ଦ୍ଧାରଣ ପାଇଁ ଏକ ଦିଶା ଯୋଗାଇଦେବ। ଉଦାହରଣ ସ୍ୱରୂପ, ଚାଇନା, ଭାରତ ଏବଂ ସାଉଦି ଆରବ ଭଳି ଦେଶ ସବୁଜ ଶକ୍ତି ଉପରେ ଅତ୍ୟଧିକ ନିବେଶ କରୁଥିବାବେଳେ ସବ୍-ସାହାରାନ ଆଫ୍ରିକୀୟ ଦେଶଗୁଡ଼ିକ ଶକ୍ତି କ୍ଷେତ୍ରରେ ନୂତନତ୍ୱ ଆଣିବା ଲାଗି ପରୀକ୍ଷା ଚଳାଇଛନ୍ତି। ତେବେ ଆମେରିକାର ଟାରିଫ ଧୀରେ ଧୀରେ ବିକାଶ ପଥରେ ଆଗଉଥିବା ଭିଏତ୍‌ନାମ ଓ ଇଥୋପିଆ ଭଳି ଦେଶଗୁଡ଼ିକ ପାଇଁ ଆୟଭିତ୍ତିକ ମାର୍କେଟଗୁଡ଼ିକୁ ରପ୍ତାନିକୁ ହ୍ରାସ କରିଥିବାରୁ ସାଉଥ- ସାଉଥ- ବାଣିଜ୍ୟ ଆକାର ନର୍ଥ-ସାଉଥ ବାଣିଜ୍ୟ ଆକାରକୁ ଟପିଯାଇଛି।

ବୌଦ୍ଧିକ ଦୃଷ୍ଟିକୋଣରୁ, ୟୁରୋପ ଓ ଉତ୍ତର ଆମେରିକାରେ ' ନ୍ୟାୟିକ ରାଜନୈତିକ ଅର୍ଥ ବ୍ୟବସ୍ଥା' 'ସର୍କୁଲାର (ଚକ୍ରୀୟ) ଅର୍ଥ ବ୍ୟବସ୍ଥା'ସମ୍ପର୍କରେ ଶିକ୍ଷା ଦେବାକୁ ଯେଉଁ ବିଶେଷଜ୍ଞମାନେ ଅଧିକ ଯୋଗ୍ୟ ସେମାନେ ଦାର୍ଶନିକ କିମ୍ବା ପରାମର୍ଶଦାତା ନୁହନ୍ତି। ବରଂ ସେମାନେ ହେଉଛନ୍ତି ସ୍ଥାନୀୟ ଆଦିବାସୀ ଗୋଷ୍ଠୀ, ଯେଉଁମାନେ ପରିସଂସ୍ଥାକୁ ସୁରକ୍ଷିତ ରଖିଛନ୍ତି। ଅସ୍ତିତ୍ୱଗତ ସଙ୍କଟ ଦୃଷ୍ଟିକୋଣରୁ ଅନୁଭବହୀନ ଆଶାବାଦ ପାଇଁ ପଲିଟ୍ୟୁନିଟି ଏକ ଆହ୍ୱାନ ନୁହେଁ। ବରଂ ଏହା ଏକ ଉଦ୍ଦେଶ୍ୟପୂର୍ଣ୍ଣ ବାସ୍ତବତାକୁ ଦର୍ଶାଏ, ଯାହା କୌଣସି ଗୋଟିଏ ଅଞ୍ଚଳ କିମ୍ବା ସୁବିଧାବାଦୀ ଶ୍ରେଣୀ ପରିବର୍ତ୍ତେ ବାସ୍ତବରେ ବୈଶ୍ୱିକ ସମୁଦାୟର ଏକ ସୃଜନଶୀଳତାକୁ ସୂଚିତକରେ। ଏହା ସାମାନ୍ୟ ବାର୍ତ୍ତା କିମ୍ବା ଉତ୍ସାହକୁ ପ୍ରେରିତକରେ ନାହିଁ, ବରଂ ଏହା ହେଉଛି ଏକ ଗଠନମୂଳକ କାର୍ଯ୍ୟକ୍ରମ ଯାହା ଏକ ପ୍ରୟୋଗଶୀଳ ଆଧାର ଉପରେ ଆଧାରିତ। ଏହାକୁ ଗମ୍ଭୀରତାର ସହ ଏବଂ ଠିକ୍ ଭାବେ ପ୍ରୟୋଗ କଲେ ଆମେ ଆହ୍ୱାନଗୁଡ଼ିକୁ ଯେଭଳି ମୁକାବିଲା କିମ୍ବା ଅନୁଧ୍ୟାନ କରୁଛି, ସେଥିରେ ନିଶ୍ଚିତ ପରିବର୍ତ୍ତନ ଆସିବ । ଆମେ ଯାହା ଦେଖୁଛୁ ତାହା ପ୍ରଗତିର ଶେଷ ନୁହେଁ, ବରଂ ଏହା ଉପନିବେଶୀୟ ଶିଳ୍ପ ମଡେଲର ଅନ୍ତ। ଯଦି ଆମେ ବିକାଶ ଉପରେ ଦୃଢ଼ ବିଶ୍ୱାସ କରୁଛୁ ତେବେ ବୁଝିବାକୁ ହେବ ଯେ, ଆଉ ଏକ ମଡେଲ ଏବେ ଆରମ୍ଭ ହେଉଛି।

**ପ୍ରଫେସର, ପଲିଟିକାଲ ଇକୋନୋମୀ,**
**ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟି**

# ଜୀବର ସ୍ୱରୂପ



ଡା. ଗୋପାଳ ଚନ୍ଦ୍ର ଦାଶ

ପତଞ୍ଜଳି ଯୋଗ ଦର୍ଶନର ଦ୍ୱିତୀୟ ପାଦ ସୂତ୍ର ସଂଖ୍ୟା ୨୦ରେ କୁହାଯାଇଛି ''ଦ୍ରଷ୍ଟା ଦୃଷ୍ଟିମାତ୍ରଃ ଶୁଦ୍ଧୋପି ପ୍ରତ୍ୟୟାନୁପଶ୍ୟ।'' ଏହାର ଅର୍ଥ ଚେତନ ପୁରୁଷ ବା ଜୀବାତ୍ମା ଶୁଦ୍ଧ, ନିର୍ମଳ ଓ ନିର୍ବିକାର ହେଲେ ମଧ୍ୟ ତ୍ରିଗୁଣାତ୍ମକ ବୁଦ୍ଧି ସାହାଯ୍ୟରେ ଜ୍ଞାନପ୍ରାପ୍ତ ହୋଇ ବାହ୍ୟ ଜଗତର ବୃତ୍ତିଗୁଡ଼ିକୁ ଗ୍ରହଣ କରି ବିକାରଗ୍ରସ୍ତ ହୋଇଥାଏ। ବେଦ ତ୍ରୈତ୍ୟ ବିଦ୍ୟା ଉପରେ ଆଧାରିତ। ତ୍ରୈତ୍ୟ ବିଦ୍ୟା ହେଉଛି- ଈଶ୍ୱର, ଜୀବ ଓ ପ୍ରକୃତି।

ପରିବର୍ତ୍ତନୀୟ ସୃଷ୍ଟି ଭିତରେ ଅଦୃଶ୍ୟ ଭାବରେ ଅବସ୍ଥିତ ଚେତନ ସତ୍ତା ହେଉଛି ବ୍ରହ୍ମ ବା ଈଶ୍ୱର। ଏହି ଚେତନ ସତ୍ତା ଜୀବର ଜଡ଼ ଶରୀରକୁ ଜାଗ୍ରତ, ସ୍ୱପ୍ନ ଓ ସୁସୁପ୍ତି ଅବସ୍ଥାରେ କ୍ରିୟାଶୀଳ କରିରଖିଥାଏ, ଯାହାକୁ ପ୍ରାଣବାୟୁ (ଶ୍ୱାସ-ପ୍ରଶ୍ୱାସ) କୁହାଯାଏ। ତେଣୁ ବ୍ୟକ୍ତିଗତ ଚେତନ ସତ୍ତାକୁ ଜୀବାତ୍ମା ଓ ବ୍ରହ୍ମକୁ ପରମାତ୍ମା ଭାବରେ ଉପନିଷଦ ସ୍ୱୀକାର କରିଥାଏ। ଉପନିଷଦ କହେ ଶରୀର ଯଦି ଏକ ରଥ ହୁଏ, ଆତ୍ମା ହେଉଛି ସେହି ରଥର ପ୍ରଭୁ ବା ରଥୀ। (କଠୋପନିଷଦ ୧.୩୩) ଚେତନ ଆତ୍ମା ଜଡ଼ ଶରୀର ସହିତ ତାଦାତ୍ମ୍ୟ କରି ନିଜର ଏକ ସ୍ୱତନ୍ତ୍ର ସତ୍ତା ନିର୍ମାଣ କରିଥାଏ। ଏହି ସ୍ୱତନ୍ତ୍ର ସତ୍ତାକୁ ଅହମ୍ କୁହାଯାଏ। ସୁଖ-ଦୁଃଖ ଭଳି ସମସ୍ତ ପରିବର୍ତ୍ତନଶୀଳ ବିକାର ଜଡ଼ ଅଂଶରୁ ଉତ୍ପନ୍ନ ହୋଇଥାଏ। ଜଡ଼ ସହିତ ସମ୍ବନ୍ଧ ଥିବାରୁ ଚେତନ ଆତ୍ମା ଉପରେ ଏହାର ପ୍ରଭାବ ପଡ଼ିଥାଏ। ମାତ୍ର ଚେତନ ସତ୍ତା ଏହି ସବୁ ବିକାରର ଉର୍ଦ୍ଧ୍ୱରେ ଅବସ୍ଥିତ। ଉପନିଷଦ କହେ ଶରୀର ଯଦି ଏକ ବୃକ୍ଷ ହୁଏ, ଆତ୍ମା ଓ ପରମାତ୍ମା ଏହି ବୃକ୍ଷରେ ବସିଥିବା ଦୁଇଗୋଟି ସୁବର୍ଣ୍ଣ ପକ୍ଷୀ ଅଟନ୍ତି। ଆତ୍ମାରୂପୀ ପକ୍ଷୀ ମାୟାରେ ପଡ଼ି କର୍ମବନ୍ଧନରେ ଆବଦ୍ଧ ହୋଇ ଭୋକ୍ତା ଭାବରେ ଶରୀର ରୂପୀ ବୃକ୍ଷର ଫଳ ଭକ୍ଷଣ କରି ସୁଖ-ଦୁଃଖ ଅନୁଭବ ପୂର୍ବକ ଜନ୍ମ-ମୃତ୍ୟୁ ଚକ୍ରରେ ଗତି କରୁଥିବାବେଳେ ପରମାତ୍ମାରୂପୀ ପକ୍ଷୀ ଦ୍ରଷ୍ଟା ଭାବରେ ଆତ୍ମାର ସମସ୍ତ କାର୍ଯ୍ୟକୁ ନିରୀକ୍ଷଣ କରି କର୍ମଫଳ ପ୍ରଦାନ କରିଥାଆନ୍ତି। (ମୁଣ୍ଡକ ଉପନିଷଦ- ୩.୧.୧) ଭଗବଦ୍‌ଗୀତା ଅନୁସାରେ ଆତ୍ମା ଜଡ଼ ଶରୀର ସହିତ ସମ୍ବନ୍ଧ ରଖିଥିବାରୁ ଉପଦ୍ରଷ୍ଟା, ଶରୀରର ସମସ୍ତ କ୍ରିୟା ସମ୍ପାଦନ ପାଇଁ ଅନୁମତି ପ୍ରଦାନ କରୁଥିବାରୁ ଅନୁମନ୍ତା, ଶରୀରର ପାଳନ ପୋଷଣ କରୁଥିବାରୁ ଭର୍ତ୍ତା ଓ ଜଡ଼ ପ୍ରକୃତିର ଗୁଣଗୁଡ଼ିକୁ ଗ୍ରହଣ କରି ବିକାରଗ୍ରସ୍ତ ହୋଇ ସୁଖ-ଦୁଃଖ ଭୋଗ କରୁଥିବାରୁ ଭୋକ୍ତା ଅଟନ୍ତି (ଗୀତା ୧୩/୨୨)। ଏକମାତ୍ର ଚେତନ ପୁରୁଷ ଆତ୍ମା ଶରୀର ମଧ୍ୟରେ ପୃଥକ୍ ପୃଥକ୍ ଉପାଧି ଧାରଣ କରି କର୍ମ ସମ୍ପାଦନ କରିଥାଆନ୍ତି। ବେଦାନ୍ତ ଦର୍ଶନରେ ବ୍ରହ୍ମ ଓ ଜୀବକୁ ଏକ ସମାନ ସତ୍ତା ଭାବରେ ବର୍ଣ୍ଣନା କରାଯାଇଥିବାରୁ ଏହା ବେଦ ବିରୋଧ ବୋଲି କେତେଜଣ ଭାଷ୍ୟକାର ମତ ପ୍ରଦାନ କରିଥାଆନ୍ତି। ମାତ୍ର ଅଦ୍ୱୈତ ବେଦର ସିଦ୍ଧାନ୍ତ ଅନୁସାରେ ବ୍ରହ୍ମ ଅଦ୍ୱିତୀୟ ହୋଇଥିବାରୁ ଜୀବ ଓ ପ୍ରକୃତିଠାରୁ ପୃଥକ୍ ଅଟନ୍ତି। ସର୍ବ ବ୍ୟାପକ ପରମାତ୍ମା ଜୀବ ମଧ୍ୟରେ ଥିବାରୁ ଜୀବଠାରୁ ପୃଥକ୍ ନୁହନ୍ତି। ମାତ୍ର ଗୁଣ, କର୍ମ ଓ ସ୍ୱଭାବ ଦୃଷ୍ଟିରୁ ପରମାତ୍ମା ଜୀବ ସହିତ ସମାନ ନୁହନ୍ତି। ଈଶ୍ୱର ଓ ଜୀବ ଉଭୟ ଚେତନ ସତ୍ତା ତଥା ଶୁଦ୍ଧ, ପୂତ୍ତ, ନିର୍ମଳ, ଅଜର, ଅମର ଓ ସାରସତ୍ୱ। ମାତ୍ର ଈଶ୍ୱର ସର୍ବଜ୍ଞ ଓ ଆନନ୍ଦମୟ ହୋଇଥିବାବେଳେ ଜୀବ ଅଳ୍ପଜ୍ଞ ଓ ଆନନ୍ଦମୟ ନୁହେଁ। ପରମାତ୍ମା ଏକ, ଅଦ୍ୱିତୀୟ ଓ ସର୍ବବ୍ୟାପକ ହୋଇଥିବାବେଳେ ଜୀବ ଦେହରୂପୀ ହୋଇଥିବାରୁ ଅନେକ ଓ ସର୍ବବ୍ୟାପକ ନୁହେଁ। ଈଶ୍ୱର ଦ୍ରଷ୍ଟା ହୋଇଥିବାବେଳେ ଜୀବ ଭୋକ୍ତା । ପରମାତ୍ମା ସର୍ବଦା ମୁକ୍ତ, ମାତ୍ର ଜୀବ ଉଭୟ ବଦ୍ଧ ଓ ମୁକ୍ତ । ଏହା ହେଉଛି ଈଶ୍ୱର ଓ ଜୀବ ମଧ୍ୟରେ ଥିବା ସମ୍ବନ୍ଧ ଓ ବୈଷମ୍ୟ। ଅଜ୍ଞାନତା ଦୃଷ୍ଟିରୁ ଈଶ୍ୱର ଓ ଜୀବ ମଧ୍ୟରେ ଥିବା ବୈଷମ୍ୟତାକୁ ନ ଦେଖି କେବଳ ସମ୍ବନ୍ଧକୁ ଗ୍ରହଣ କରିବା ଦ୍ୱାରା ଜୀବ ଓ ବ୍ରହ୍ମ ଏକ ବୋଲି ପ୍ରତୀୟମାନ ହୋଇଥାଏ। (ସତ୍ୟାର୍ଥ ପ୍ରକାଶ- ସପ୍ତମ ସମୁଲ୍ଲାସ)। ଶରୀର ମଧ୍ୟରେ ଯେପରି ଆତ୍ମା ବ୍ୟାପକ ଥାଏ, ସେହିପରି ଆତ୍ମା ମଧ୍ୟରେ ପରମାତ୍ମା ବ୍ୟାପକ ଥାଆନ୍ତି। ମୂଢ଼ ଜୀବାତ୍ମା ଏହା ଜାଣି ନ ପାରି ବିଷୟ ବାସନାରେ ଲିପ୍ତ ରହିଥାଏ। ଆତ୍ମଜ୍ଞାନ ପ୍ରାପ୍ତ ହେଲେ ଜୀବ ସମାଧି ଅବସ୍ଥାରେ ନିଜର ଶରୀରରେ ପରମାତ୍ମାଙ୍କର ବ୍ୟାପକତା ଉପଲବ୍ଧି କରିଥାଏ।

ମୋ: ୭୮୪୮୮୫୦୯୫୦

## ଏଇ ଭାରତରେ

ପ୍ରଦୂଷିତ ପରିବେଶ, ଖାଦ୍ୟ ଓ ବାସସ୍ଥାନ ଅଭାବରୁ ବନ୍ୟଜନ୍ତୁଙ୍କ ସଂଖ୍ୟା କମିବାରେ ଲାଗିଛି। ଏହା ସହ ବେଆଇନ ଶିକାର ଯୋଗୁ ବହୁ ପ୍ରାଣୀଙ୍କ ଜୀବନ ଯାଉଛି। ଅନେକେ ମଧ୍ୟ କୌଣସି କାରଣରୁ ଆହତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ଶିକାରୀଙ୍କୁ ରୋକିବା ବନ ବିଭାଗର ଦାୟିତ୍ୱ ହୋଇଥିବାବେଳେ ବେସରକାରୀ ସ୍ତରରେ ପ୍ରାଣୀଙ୍କ ଜୀବନ ବଞ୍ଚାଇବା ମଧ୍ୟ ଏକ ବଡ଼ ଦାୟିତ୍ୱ ବୋଲି ଗ୍ରହଣ କରିବାକୁ ହେବ। ଏଭଳି ଦାୟିତ୍ୱ ନିର୍ବାହ କରୁଛନ୍ତି ମହାରାଷ୍ଟ୍ର ୱାର୍ଦ୍ଧାର ଏକ ଟିମ୍। ସେମାନେ ଆହତ ବନ୍ୟଜୀବଙ୍କୁ ଉଦ୍ଧାର କରି ସେମାନଙ୍କ ଜୀବନ ବଞ୍ଚାଉଛନ୍ତି। ୱାର୍ଦ୍ଧାରେ ଥିବା ପିଏଫ୍‌ଏ ୱାଇଲ୍ଡ ଲାଇଫ ରେସ୍କ୍ୟୁ ଆଣ୍ଡ ରିହାବିଲିଟେଶନ ସେଣ୍ଟରରେ ସେମାନେ ଆହତ ପ୍ରାଣୀଙ୍କ ଚିକିତ୍ସା କରୁଛନ୍ତି। ସେମାନେ ଉଦ୍ଧାର କରୁଥିବା ପ୍ରାଣୀଙ୍କ ମଧ୍ୟରେ ରହିଛନ୍ତି ବାଘ, ବିଲୁପ୍ତି ପଥରେ ଥିବା ବିଭିନ୍ନ ପକ୍ଷୀ, ବଜ୍ରକାପ୍ତା, ସ୍ଲଥ ବିୟର, ହରିଣ, କୁମ୍ଭୀରା, ମାଙ୍କଡ଼ ଇତ୍ୟାଦି। ଏହି କାର୍ଯ୍ୟରେ ମହାରାଷ୍ଟ୍ର ଜଙ୍ଗଲ ବିଭାଗ ସହଯୋଗ କରୁଛି। ମୋଟରେ ୯ଟି ଟିମ୍ ରହିଛି। ପ୍ରତ୍ୟେକରେ ୫ ଜଣ ଜଙ୍ଗଲ ଅଧିକାରୀ ମଧ୍ୟ ରହିଛନ୍ତି। ୨୫ ଏକର ଜମି ପରିମିତ ଏହି ସେଣ୍ଟର ଆଶିଷ ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଚାଲୁଛି। ଏଯାବତ ଏହି ଟିମ୍ ୪୦,୦୦୦ ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରି ଚିକିତ୍ସା ଯୋଗାଇ ଦେଇସାରିଲେଣି। ଗତବର୍ଷ କେବଳ ୫,୬୦୦ ପ୍ରାଣୀଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୩୧ ଅକ୍ଟୋବର ୧୯୭୬

- ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ସୁନ୍ଦରଗଡ଼ରେ ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବସୁନ୍ଧରା ପୋଲ ଉଦ୍‌ଘାଟନ କରିଛନ୍ତି।
- ପ୍ରତିରକ୍ଷା ଓ ଶିଳ୍ପ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା କମ୍ପ୍ୟୁଟର ଚୀନକୁ ବିକିବା ପ୍ରସ୍ତାବକୁ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଜେରାଲ୍ଡ ଫୋର୍ଡଙ୍କ ଅନୁମୋଦନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | 5 | | 8 | | | | | 4 |
| | | 1 | 9 | 4 | | | | |
| | | | | | | | 8 | |
| 6 | | | | 8 | | | 4 | 5 |
| | 8 | 3 | | 5 | | | 7 | 9 |
| | | | 4 | 1 | | | | |
| | | 2 | | | 1 | | | 3 |
| | 6 | | | | | | 5 | |
| 9 | | | | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 4 | 8 | 2 | 9 | 1 | 7 | 3 |
| 7 | 9 | 8 | 1 | 3 | 4 | 6 | 2 | 5 |
| 2 | 1 | 3 | 7 | 6 | 5 | 9 | 4 | 8 |
| 1 | 5 | 9 | 3 | 7 | 8 | 2 | 6 | 4 |
| 3 | 8 | 7 | 6 | 4 | 2 | 5 | 1 | 9 |
| 6 | 4 | 2 | 5 | 9 | 1 | 3 | 8 | 7 |
| 9 | 2 | 6 | 4 | 5 | 7 | 8 | 3 | 1 |
| 8 | 7 | 5 | 2 | 1 | 3 | 4 | 9 | 6 |
| 4 | 3 | 1 | 9 | 8 | 6 | 7 | 5 | 2 |

ଗତକାଲିର ଉତ୍ତର

# ଅରାଜକତା ବନାମ ମାନବାଧିକାର



ଅସୀମା ପଟ୍ଟନାୟକ

ଶ୍ରୀଲଙ୍କା, ବାଂଲାଦେଶ ଓ ନେପାଳରେ ଘଟିଥିବା ଅରାଜକତାକୁ ରାଜନୈତିକ ଦୃଷ୍ଟିକୋଣରୁ ଚିନ୍ତା କଲେ ତାହା ଭାରତ ପାଇଁ ଅନୁକୂଳ ନ ଥିଲା। ପ୍ରତିଟି ଦେଶରେ ଚାଇନା ତା'ର ବିସ୍ତାରବାଦୀ ରଣକୌଶଳର ପ୍ରୟୋଗ କରି ସଫଳ ହୋଇଛି। ଚାଇନା ପ୍ରଥମରୁ ପାକିସ୍ତାନ ସହ ରହିଛି। ତେଣୁ ପ୍ରଥମେ ପାକିସ୍ତାନ, ଶ୍ରୀଲଙ୍କା, ମାଲଦ୍ୱୀପ, ବାଂଲାଦେଶ ଓ ଏବେ ନେପାଳ ମଧ୍ୟ ଚାଇନାର ନିୟନ୍ତ୍ରଣକୁ ଆସିଯାଇଛି। ବାକି ଗୋଟିଏ 'ଭୁଟାନ' ଓ ଅନ୍ୟଟି 'ମ୍ୟାନ୍‌ମାର' ଚାଇନାର ଅର୍ଥନୈତିକ ଚାପରେ ନିୟନ୍ତ୍ରିତ ହୋଇରହିଛି। କେବଳ ଭୁଟାନ ହିଁ ରହିଯାଇଛି କାରଣ ତା'ର ସାମରିକ ବ୍ୟବସ୍ଥା ଭାରତ ସହ ସଂଲଗ୍ନିତ। ତଥାପି ସେଇ ସୀମାନ୍ତରେ ଚାଇନା ବାରମ୍ବାର ଉତ୍ତେଜନା ଜାରି ରଖିଛି।

ଏଥିରୁ ଏତିକି ସ୍ପଷ୍ଟ ଯେ ଭାରତକୁ ଚତୁଃପାର୍ଶ୍ୱରୁ ଘେରିବାର ଏହା ଏକ ଚାଲ୍। ଏକଥା କୁହାଯାଇପାରେ କି ଭାରତକୁ ଦକ୍ଷିଣ ପୂର୍ବ ଏସିଆ ତଥା ବିଶ୍ୱରେ ଏକଘରିକିଆ କରାଇବାରେ ଚାଇନାର ଉଦ୍ୟମ ସଫଳ ହୋଇପାରିଛି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ପ୍ରତିକ୍ରିୟାଶୀଳ ବୈଦେଶିକ ନୀତି ଦ୍ୱାରା ପାଶ୍ଚାତ୍ୟ ଦେଶମାନଙ୍କ ସହ ଭାରତର ସମ୍ପର୍କ ତିକ୍ତ ପ୍ରାୟ। ତେଣୁ ଭାରତର ବୈଦେଶିକ ନୀତିକୁ ଅନ୍ୟୋନପାୟ ଭାବରେ ରୁଷ୍‌ର ମଧ୍ୟସ୍ଥତାରେ ଚାଇନା ସହ ସୁସମ୍ପର୍କ ସ୍ଥାପନ କରିବା ବ୍ୟତୀତ ବୋଧହୁଏ ଆଉ କୌଣସି ବିକଳ୍ପ ନ ଥିଲା। ସ୍ୱାଧୀନତା ପରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହିଭଳି ପଦକ୍ଷେପଟିଏ ନେଇଥିଲେ ଏବଂ 'ପଞ୍ଚଶୀଳ ନୀତି'କୁ ନେଇ ଚାଇନା ସହ ଏକ ବନ୍ଧୁତାର ଚୁକ୍ତି ସ୍ୱାକ୍ଷରିତ କରିଥିଲେ । ହେଲେ ଚାଇନା ବିଶ୍ୱାସଘାତକତା କଲା। ଆଉ ଏ ଚୁକ୍ତି ସ୍ୱାକ୍ଷରିତ ହେବାର ଅଳ୍ପଦିନ ପରେ ଭାରତ ଉପରେ ଆକ୍ରମଣ କଲା।

ଇତିହାସର ଏଇ ଅନୁଭୂତିକୁ ଅନୁଶୀଳନ କଲେ ଜଣାଯାଏ କି ଚାଇନା ସମାନ ଢଙ୍ଗରେ ବିଶ୍ୱାସଘାତକତା କରିପାରେ। ଆଗରୁ ଉତ୍ତର (ଚାଇନା) ଏବଂ ପଶ୍ଚିମ (ପାକିସ୍ତାନ) ସୀମାନ୍ତରେ ଆମର ଶତ୍ରୁରାଷ୍ଟ୍ରମାନେ ଥିଲେ, ହେଲେ ପୂର୍ବ ଏବଂ ଦକ୍ଷିଣ ଦିଗରୁ ଆମେ ପ୍ରାୟତଃ ସୁରକ୍ଷିତ ଅନୁଭବ କରୁଥିଲେ, ମାତ୍ର ଏସବୁ ରାଷ୍ଟ୍ରର ଅରାଜକତା ପର ସ୍ଥିତି ଯୋଗୁଁ ସେ ଦୁଇପାର୍ଶ୍ୱ ମଧ୍ୟ ଏବେ ଚାଇନା ଦ୍ୱାରା ପ୍ରଭାବିତ ହୋଇଯାଇଛି।

ଅର୍ଥନୈତିକ ଦୃଷ୍ଟିରୁ ଏସବୁ ଦେଶ ଭାରତ ଉପରେ ଅତ୍ୟନ୍ତ ନିର୍ଭରଶୀଳ। ମାତ୍ର ନେପାଳ ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭରଶୀଳ, ଯେଉଁଠି କୌଣସି ଚାଷଜମି ନାହିଁ ଓ ଶିଳ୍ପ ମଧ୍ୟ ନାହିଁ। ସେମାନେ ବିଦେଶ, ମୁଖ୍ୟତଃ ଭାରତରେ ଆସି ବିଭିନ୍ନ କାର୍ଯ୍ୟ କରିଥାନ୍ତି ଓ ଅର୍ଜିତ ଅର୍ଥକୁ ନିଜ ଦେଶକୁ ପଠାଇଥାନ୍ତି। ଆଉ ସେଥିରୁ ପ୍ରାପ୍ତ ବୈଦେଶିକ ମୁଦ୍ରା ଓ ପର୍ଯ୍ୟଟନରୁ ଆୟ ହିଁ ନେପାଳର ମୁଖ୍ୟ ଜାତୀୟ ଆୟ।

ଆଉ ଏକ ଚିନ୍ତାର ବିଷୟ ହେଲା ମାନବ ଅଧିକାରର ଉଲ୍ଲଂଘନ, ଶ୍ରୀଲଙ୍କା, ବାଂଲାଦେଶ ଓ ନେପାଳରେ ସମାନ ଭାବରେ ତାହା ସଂଘଟିତ



ହୋଇପାରିଛି। ପ୍ରଥମେ ଶାସନତନ୍ତ୍ରରେ ରହିଥିବା ବ୍ୟକ୍ତିମାନେ ଓ ପରେ ଅନ୍ୟାନ୍ୟ ରାଜନୈତିକ ବ୍ୟକ୍ତି ବିଶେଷ ତଥା ସର୍ବୋପରି ସାଧାରଣ ଜନତାଙ୍କୁ ମଧ୍ୟ ସେମାନେ ଛାଡ଼ିଲେ ନାହିଁ।

ଚାଇନାର ମାଓ-ସେ-ତୁଙ୍ଗ ଦେଶରେ ଗଣତନ୍ତ୍ରବାଦୀ ବା ମାନବାଧିକାରବାଦୀମାନଙ୍କୁ ସମୂଳ ଧ୍ୱଂସ କରିଦେବାର ଏକ ଅମାନବୀୟ ପ୍ରକ୍ରିୟାକୁ ଆପଣେଇ ଥିଲେ। ଘୋଷଣା କଲେ କି ଯେଉଁମାନେ ଗଣତନ୍ତ୍ର ବା ମାନବ ଅଧିକାରକୁ ପ୍ରାଧାନ୍ୟ ଦେବାକୁ ଇଚ୍ଛା କିମ୍ବା ଚିନ୍ତା କରୁଥାନ୍ତି ସେମାନେ ତାଙ୍କର ମତାମତକୁ ସରକାରଙ୍କୁ ଜଣାନ୍ତୁ। ତାହାର ଉପଯୁକ୍ତ ଭାବରେ ତର୍ଜମା କରାଯିବ। ତାଙ୍କ କଥାରେ ବିଶ୍ୱାସ କରି ଅନେକ ହଜାର ବୁଦ୍ଧିଜୀବୀ, ଛାତ୍ର, ଅଧ୍ୟାପକ, ଦାର୍ଶନିକମାନେ ନିଜ ନିଜର ମତାମତ ସରକାରଙ୍କୁ ଜଣାଇଲେ। ସେଥିପାଇଁ ଦିଆଯାଇଥିବା ସମୟ ଅବଧିର ପରିସମାପ୍ତି ପରେ ସରକାର ଗଣତନ୍ତ୍ର ତଥା ମାନବ ଅଧିକାର ସପକ୍ଷରେ ମତ ଦେଇଥିବା ହଜାର ହଜାର ବୁଦ୍ଧିଜୀବୀଙ୍କୁ ତଥା ପ୍ରଗତିଶୀଳ ଚିନ୍ତାଧାରାର ବ୍ୟକ୍ତିମାନଙ୍କୁ ଚିହ୍ନଟ କଲେ। ସେମାନଙ୍କୁ ତାଙ୍କ ଘରୁ ନିମନ୍ତ୍ରଣ କରି ଡାକି ଆଣିଲେ ଓ ଗୋଟିଏ ଧାଡ଼ିରେ ଠିଆ କରାଇ ଏକ ସର୍ବସାଧାରଣ ସ୍ଥାନରେ ଅତ୍ୟନ୍ତ ନିର୍ମମ ଭାବରେ ହତ୍ୟା କରିଦେଲେ, ଫଳରେ ଉଦାରବାଦୀ ଚିନ୍ତାଧାରାର ମୂଳୋତ୍ପାଟନ ହୋଇଗଲା। ଆଉ କମ୍ୟୁନିଷ୍ଟ ପାର୍ଟିରେ ଏକଚ୍ଛତ୍ରବାଦୀ ଶାସନ ବ୍ୟବସ୍ଥା ବଳବତ୍ତର ହୋଇ ରହିଲା।

କ୍ରମେ ଶାସନର ପରିବର୍ତ୍ତନ ଘଟିଲା। ମାଓ ଚାଲିଗଲେ ଉତ୍ତରାଧିକାରୀ ଭାବରେ ଚାଓ-ଏନ୍-ଲାଇ ତାଙ୍କ ଦଳର ତଥା ଦେଶର ଶାସନ ମୁଖ୍ୟ ହେଲେ, ମାତ୍ର ସେହି ସମୟରେ ଚାଇନାର ବୁଦ୍ଧିଜୀବୀଙ୍କ ଭିତରେ ପୁନଶ୍ଚ ସେଇ ମାନବାଧିକାର ପ୍ରାପ୍ତ କରିବାର ତଥା ଗଣତନ୍ତ୍ରକୁ ଆପଣେଇବାର ମନୋଭାବ ଜାଗ୍ରତ ହେଲା, ବିଶେଷ ଭାବରେ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ପ୍ରଭାବିତ ହୋଇ ଆଗକୁ ବାହାରିଲେ ଓ କ୍ରମେ ଗଣତନ୍ତ୍ରବାଦ ପାଇଁ ଆନ୍ଦୋଳନ ଆରମ୍ଭ କରିଦେଲେ। ଚାହୁଁ ଚାହୁଁ ହଜାର ହଜାର ଛାତ୍ରୀଛାତ୍ର ସେଥିରେ ଯୋଗଦେବାକୁ ଲାଗିଲେ, ଆଉ ସେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ଅଂଶଟିଏ ଭାବରେ ଦିନେ ଐତିହାସିକ 'ତିଆନେନ୍ ମେନ୍' ଛକଠାରେ ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ଏକତ୍ରିତ ହେଲେ। ଚାରିକଡୁ ଆବଦ୍ଧ କରି ଟ୍ୟାଙ୍କ୍‌ରେ ଅନ୍ଧାଧୁନ୍ଦିଆ ଗୁଳି ଚାଳନା ହେଲା, ଫଳତଃ ୧୦ ହଜାରରୁ ଉର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କୁ ହତ୍ୟା କରାଗଲା।

ଭାରତର ସମ୍ବିଧାନ ପ୍ରଣେତାଙ୍କର ମାନବ ଅଧିକାରକୁ ନେଇ ଅତ୍ୟନ୍ତ ଉଦାରବାଦୀ ଓ ରଚନାତ୍ମକ ଭାବନା ଯୋଗୁ ଆମେ ଯେଉଁ ଗଣତାନ୍ତ୍ରିକ ବ୍ୟବସ୍ଥା ତଥା ସମ୍ବିଧାନକୁ ପ୍ରାପ୍ତ କରିଅଛେ, ତାହା ପ୍ରାୟ ସମଗ୍ର ବିଶ୍ୱରେ ବିରଳ। ସେଥିପାଇଁ ନେପାଳ ଓ ବାଂଲାଦେଶର ସ୍ଥିତି ଉପରେ ଟିପ୍ପଣୀ ଦେଇ ଆମ ସୁପ୍ରିମକୋର୍ଟର ଦୁଇଜଣ ବିଚାରପତି କହିଛନ୍ତି 'ଭାରତବର୍ଷରେ ଏଭଳି କାଣ୍ଡ ଘଟିବାର ସମ୍ଭାବନା ନାହିଁ କାରଣ ଆମ ସମ୍ବିଧାନ ବେଶ୍ ମଜଭୁତ 'ଅବଶ୍ୟ ଏହା ଆମର ଗର୍ବ ଓ ସନ୍ତୋଷ ପ୍ରାପ୍ତିର କାରଣ ହୋଇପାରେ ହେଲେ ଆମ ସୀମାନ୍ତରେ ଚାଲିଥିବା ପାରିପାର୍ଶ୍ୱିକ ଅବ୍ୟବସ୍ଥାକୁ ଅଣଦେଖା ନ କରି ଆମ ସାମ୍ବିଧାନିକ ମୂଲ୍ୟବୋଧକୁ ବିଚାର ରଖିବାର ଗୁରୁଦାୟିତ୍ୱ ଆମ ସମସ୍ତ ଦେଶବାସୀ ଏବଂ ନାଗରିକଙ୍କର ହେବା ଉଚିତ।

ମୋ: ୮୨୪୯୨୯୯୭୮୭

## ପାଠକ ଶ୍ରେଷ୍ଠ ବିଚାରକ

### ଅବସରପ୍ରାପ୍ତଙ୍କୁ ନିଯୁକ୍ତି

ମହାଶୟ,

ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକୁ ଅସ୍ଥାୟୀ ଭାବେ ପୂରଣ କରିବା ପାଇଁ ଅବସରପ୍ରାପ୍ତ ଶିକ୍ଷାବିତ୍‌ମାନେ ଅତିଥି ଭାବେ ନିଯୁକ୍ତି ପାଇବେ। ରାଜ୍ୟର ୪୮୮ ଓ ୬୬୨ ବର୍ଗ ମହାବିଦ୍ୟାଳୟ ସହିତ ସଂସ୍କୃତ କଲେଜଗୁଡ଼ିକରେ ଏହି ପଦକ୍ଷେପ ୨୦୨୫-୨୬ ଶିକ୍ଷାବର୍ଷରୁ ଲାଗୁ ହେବାକୁ ଯାଉଛି। ଚୟନ ପ୍ରକ୍ରିୟା, ନିଯୁକ୍ତି, ଦରମା ଓ କାର୍ଯ୍ୟ ଦିନ ଆଦି ସମସ୍ତ ବିବରଣୀ ଉଚ୍ଚଶିକ୍ଷା ସୂଚନା ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ସ୍ୱଚ୍ଛତାର ସହିତ ହେବ। ଏହି ଅତିଥି ଅଧ୍ୟାପକମାନେ ଚୁକ୍ତିଭିତ୍ତିକ ଭାବେ ଗୋଟିଏ ଶିକ୍ଷାବର୍ଷ କିମ୍ବା ନିୟମିତ ପଦବୀ ପୂରଣ ପର୍ଯ୍ୟନ୍ତ ରହିପାରିବେ। ସେମାନଙ୍କ କାର୍ଯ୍ୟଦକ୍ଷତା ଓ ଶିକ୍ଷାସେବା ଦୃଷ୍ଟିରେ ଦରକାର ପଡ଼ିଲେ ତାଙ୍କର ନିଯୁକ୍ତି ଅବଧି ବଢ଼ାଯାଇପାରେ ବୋଲି ସରକାର ଘୋଷଣା କରିଛନ୍ତି। ଶିକ୍ଷା ସମାପ୍ତ ହେବା ପରେ ବର୍ଷ ପରେ ବର୍ଷ ବେରୋଜଗାରୀ ଯୁବଗୋଷ୍ଠୀ ନିଯୁକ୍ତିର ଅପେକ୍ଷା କରୁଛନ୍ତି, ଆଉ ସେହି ସମୟରେ ଅବସରପ୍ରାପ୍ତ ପ୍ରଫେସରମାନଙ୍କୁ ପୁଣି ଅତିଥି ଶିକ୍ଷକ ଭାବେ ନିଯୁକ୍ତ କରାଯିବା ପ୍ରସଙ୍ଗ ଏହା କି ନ୍ୟାୟସଂଗତ ? ଅତିଥି ଶିକ୍ଷକ ପଦବୀ ମଧ୍ୟ ଯୁବଗୋଷ୍ଠୀଙ୍କ ହାତରୁ ଛଡାଇ ନିଆଯାଉଛି। ବ୍ୟବସ୍ଥା ମନେକରୁଛି ଅନୁଭବ ଅଛି, ତେଣୁ ଅବସରପ୍ରାପ୍ତଙ୍କୁ ଅତିଥି ଶିକ୍ଷକଭାବେ ନିଯୁକ୍ତି ଦେଲେ କିଛି ଭୁଲ୍ ହେବ ନାହିଁ । ପ୍ରଶ୍ନ ହେଉଛି, ଯଦି ଯୁବ ଶିକ୍ଷିତଗୋଷ୍ଠୀ ଅନୁଭବ ନ ପାଇବେ, ତେବେ ସେମାନେ କେବେ ଅନୁଭବୀ ହେବେ ?

**-ଅଜିତ କୁମାର ପ୍ରଧାନ, ନୀଳଗିରି, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ଦେହି ମୋର ସାଜଇଁ ବସି
ତୁମରି ପ୍ରେମ ଲାଗି ଯେ
ନିଜକୁ ମୁଁ ଯେ କରଇଁ ପ୍ରେମ
ତୁମରି ଅନୁରାଗୀ ହେ ।

-(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ




# ଶିଶୁପୁତ୍ରଙ୍କୁ ସାକ୍ଷାତ କରିପାରିବେ ବାପା, ଜେଜେ: ହାଇକୋର୍ଟ

## ଛାଡ଼ପତ୍ର ମାମଲା ସାଜିବନି ବାଧକ

**କଟକ,୩୦।୧୦(କାର୍ତ୍ତିକ ସାହୁ)**

ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ମାମଲା ଅଦାଲତରେ ବିଚାରାଧୀନ ଥିବାବେଳେ ସ୍ତ୍ରୀଙ୍କ ନିକଟରେ ରହୁଥିବା ନାବାଳକ ସନ୍ତାନଙ୍କୁ ବାପା, ଜେଜେମା’ଜେଜେବାପା ସାକ୍ଷାତ କରିପାରିବେ। ଜନ୍ମଦିନରେ ବା ଅନ୍ୟ ସାକ୍ଷାତ୍ ସମୟରେ ଉପହାର ବି ଦେଇପାରିବେ। ଭିଡିଓ କଲ୍‌ରେ କଥା ମଧ୍ୟ ହୋଇପାରିବେ। ଶିଶୁର କଲ୍ୟାଣ ଦୃଷ୍ଟିରୁ ବାପା ଓ ଜେଜେବାପାଙ୍କ ଉପସ୍ଥିତି ଆବଶ୍ୟକ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୈବାହିକ ବିବାଦ ଲାଗିଥିବା ବେଳେ ସନ୍ତାନଙ୍କୁ ସାକ୍ଷାତ ପାଇଁ କେହି ବାରଣ କରିପାରିବେ ନାହିଁ। ବୈବାହିକ ବିବାଦ ଏଥିରେ ବାଧକ ସାଜିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ସ୍ପଷ୍ଟ କରିଛନ୍ତି। କଟକ ପରିବାର ଅଦାଲତଙ୍କ ରାୟ ବିରୋଧରେ ସୌରଭ ରାୟଗୁରୁ ହାଇକୋର୍ଟରେ କରିଥିବା ଆବେଦନର ବିଚାର କରି ବିଚାରପତି ଏସ୍. କେ. ମିଶ୍ର ଏପରି ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ସୌରଭଙ୍କ ସ୍ତ୍ରୀ ପାରିବାରିକ ବିବାଦରୁ ତାଙ୍କ ଶାଶୁଘରୁ ଯାଇ ବାପ ଘରେ ରହୁଛନ୍ତି। ତାଙ୍କ ନିକଟରେ ଦୁଇ ବର୍ଷର ନାବାଳକ ପୁତ୍ର ରହୁଛି। ସୌରଭ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପରିବାର ଅଦାଲତରେ ଛାଡ଼ପତ୍ର ମାମଲା ସମେତ ଅନେକଗୁଡ଼ିଏ ମାମଲା ଅଦାଲତରେ ବିଚାରାଧୀନ ରହିଛି। ତେବେ ଶିଶୁପୁତ୍ରଙ୍କୁ ସାକ୍ଷାତ୍ କରିବା ପାଇଁ ସୌରଭ ପରିବାର ଅଦାଲତରେ କରିଥିବା ଆବେଦନକୁ ଗତ ମାର୍ଚ୍ଚ ୨୦ତାରିଖରେ ଅଦାଲତ ଖାରଜ କରିଦେଇଥିଲେ। ପରିବାର ଅଦାଲତଙ୍କ ରାୟ ବିରୋଧରେ ସୌରଭ ହାଇକୋର୍ଟରେ କରିଥିବା ଆବେଦନର ଶୁଣାଣି ଗତ ୧୫ ତାରିଖରେ ଶେଷ ହୋଇଥିବାବେଳେ ୨୮ ତାରିଖରେ ରାୟ ପ୍ରକାଶ ପାଇଛି। ହାଇକୋର୍ଟ ଉକ୍ତ ରାୟରେ ଦର୍ଶାଇଛନ୍ତି ଯେ, ସୌରଭ ତାଙ୍କ ମାତାପିତାଙ୍କ ସହିତ ମାସରେ ୨ଥର ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ମହିଳା ମଧ୍ୟସ୍ଥଙ୍କ ଉପସ୍ଥିତିରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ମଧ୍ୟରେ ତାଙ୍କ ଶିଶୁପୁତ୍ରଙ୍କୁ ସାକ୍ଷାତ୍ କରିପାରିବେ। ଏଥିସହ ସୌରଭ ତାଙ୍କ ମାତାପିତାଙ୍କ ସହିତ ପ୍ରତି ୨ୟ ଓ ୪ର୍ଥ ଶନିବାର ଓ ରବିବାର ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ହ୍ୱାଟ୍ସଆପ୍ ଭିଡିଓ କଲିଂ କରିପାରିବେ। ଭିଡିଓ କଲିଂ କରିବା ପାଇଁ ସୌରଭ ତାଙ୍କ ସ୍ତ୍ରୀଙ୍କୁ ଏକ ଆଣ୍ଡ୍ରଏଡ୍ ମୋବାଇଲ ସିମ୍ କାର୍ଡ ସହିତ ଦେବେ। ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ସାକ୍ଷାତ୍ ବେଳେ ପିତା ଓ ଜେଜେ, ଜେଜେମା’ ତାଙ୍କ ନାତିକୁ ଉପହାର ମଧ୍ୟ ଦେଇପାରିବେ। ଏହି ଦିନ ବ୍ୟତୀତ ସେମାନେ ମଧ୍ୟ ନାତି ଜନ୍ମଦିନରେ ତାକୁ ସାକ୍ଷାତ କରିପାରିବେ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ଓ ପ୍ରତିପକ୍ଷରୁ ଆଇନଜୀବୀ ଏସ୍. କେ. ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

# ୪ ମେମୁ ଟ୍ରେନ୍ ବାତିଲ

**ଭୁବନେଶ୍ୱର,୩୦।୧୦ (ଅନୁରାଧା ମହାରଣା)**

ଦକ୍ଷିଣ -ପୂର୍ବ ରେଳପଥର ଖଡ଼ଗପୁର ମଣ୍ଡଳ ଅନ୍ତର୍ଗତ ଅମର୍ଦ୍ଦା ରୋଡ ରେଳ ଷ୍ଟେଶନର ୟାର୍ଡ ପୁନଃମଡେଲିଂ କାର୍ଯ୍ୟ ହେତୁ ୪ଟି ମେମୁ ଟ୍ରେନ୍ ନଭେମ୍ବର ୨ତାରିଖରେ ବାତିଲ ରହିବ। ବାତିଲ ହେବାକୁ ଥିବା ଟ୍ରେନଗୁଡ଼ିକ ମଧ୍ୟରେ ୬୮୦୪୯ ଖଡ଼ଗପୁର-ଭଦ୍ରକ ମେମୁ, ୬୮୦୫୦ ଭଦ୍ରକ-ଖଡ଼ଗପୁର ମେମୁ, ୬୮୦୫୨ ଭଦ୍ରକ-ବାଲେଶ୍ୱର ମେମୁ ଓ ୬୮୦୫୧ ବାଲେଶ୍ୱର-ଭଦ୍ରକ ମେମୁ ରହିଛି।

# ଏମ୍‌ସିସି ଉଲ୍ଲଂଘନ: ଓଆଇଏସ୍ ତନୁଜା ନିଲମ୍ବିତ

**ଭୁବନେଶ୍ୱର,୩୦।୧୦ (ରବିନାରାୟଣ ଜେନା)**

ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣବିଧି(ଏମ୍‌ସିସି) ଉଲ୍ଲଂଘନ ନେଇ ଓଆଇଏସ୍-୨ ତନୁଜା ମହାନ୍ତିଙ୍କୁ ସରକାର ନିଲମ୍ବନ କରିଛନ୍ତି। ଗୁରୁବାର ଏସଂକ୍ରାନ୍ତରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ଆଦର୍ଶ ଆଚରଣବିଧି ଉଲ୍ଲଂଘନକୁ ନେଇ ତନୁଜା ମହାନ୍ତିଙ୍କୁ ନିଲମ୍ବନ କରାଯାଉଛି। ନିଲମ୍ବନ ଅବଧି ମଧ୍ୟରେ ଭୁବନେଶ୍ୱର ମୁଖ୍ୟାଳୟ ଛାଡ଼ି, ବିନା ଅନୁମତିରେ ସେ ଅନ୍ୟତ୍ର ଯାଇପାରିବେ ନାହିଁ। ସୂଚନାଯୋଗ୍ୟ, ତନୁଜା ଏକ ରାଜନୈତିକ ଦଳର ପ୍ରଚାର ଓ ପ୍ରସାର କରୁଥିବା ନେଇ ବିରୋଧୀଦଳ ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା।

# ନିଶାମୁକ୍ତ ହେବ ଶିକ୍ଷାନୁଷ୍ଠାନ କ୍ୟାମ୍ପସ

## ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ହେବେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର

**ଭୁବନେଶ୍ୱର, ୨୫।୧୦ (ସୁଚିସ୍ମିତା ସାହୁ)**

ଶିକ୍ଷାନୁଷ୍ଠାନ କ୍ୟାମ୍ପସଗୁଡିକୁ ନିଶାମୁକ୍ତ କରାଯିବ। ପିଲାମାନେ ଶୈକ୍ଷିକ ବାତାବାରଣରେ ପାଠପଢ଼ିବେ। ପିଲାମାନେ ନିଶାଠାରୁ ଦୂରେଇ ରହି ଯେପରି ପାଠପଢ଼ା ପ୍ରତି ଆଗ୍ରହ ବଢ଼ାଇବେ ସେଥିପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏନେଇ ପ୍ରତି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର ନିଯୁକ୍ତ କରାଯିବ। ଏନେଇ ଜଣେ ଲେଖାଏ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଦାୟିତ୍ୱ ଦିଆଯିବ ବୋଲି ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। କ୍ୟାମ୍ପସକୁ ନିଶାମୁକ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ବିଶେଷକରି ଛାତ୍ରୀଛାତ୍ରଙ୍କ ମନରେ ନିଶାମୁକ୍ତ ପରିବେଶ ପ୍ରତି ସଚେତନତା ସୃଷ୍ଟିକରିବା ସହ ନିଜ ଲୁକ୍କାୟିତ ପ୍ରତିଭା ଯଥା ଖେଳ, ଯୋଗ ଭଳି ବିଭିନ୍ନ କାର୍ଯ୍ୟକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ। କ୍ୟାମ୍ପସଗୁଡିକରେ ସିସିଟିଭି ଲଗାଇ ନିୟମିତ ଭାବେ ଯାଞ୍ଚ କରିବାର ଆବଶ୍ୟକତା ରହିଛି ବୋଲି ୟୁଜିସି ମାର୍ଗଦର୍ଶିକାରେ କୁହାଯାଇଛି। ସେହି ଆଧାରରେ ରାଜ୍ୟ ସରକାର ସପ୍ତାହବ୍ୟାପୀ ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡିକରେ ଆଲୋଚନା ସହ ଯୋଗ, ଶାରୀରିକ ଦକ୍ଷତା ଏଂ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦେବେ। ଏନେଇ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜଣେ ଅଧିକାରୀ ନିଯୁକ୍ତ ହେବେ। ସେ ସେହି କଲେଜ କିମ୍ବା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ହୋଇଥିବେ। ବିଶେଷକରି ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

# ଜେଲ ଜଗିବେ ହୋମ୍‌ଗାର୍ଡ

## ସମସ୍ତ ଏସ୍‌ପିଙ୍କୁ ଚିଠି ଲେଖିଲେ ଜେଲ ଡିଜି

**ଭୁବନେଶ୍ୱର,୩୦।୧୦ (ସତ୍ୟଜିତ ରାଉତ)**

ରାଜ୍ୟରେ ଥିବା ଜେଲଗୁଡିକର ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବାକୁ ସେଠାରେ ହୋମ୍‌ଗାର୍ଡ (ଗୃହରକ୍ଷୀ)ମାନେ ନିୟୋଜିତ ହେବେ। ଜେଲଗୁଡ଼ିକରେ ଏବେ ପର୍ଯ୍ୟାପ୍ତ ୱାର୍ଡର ନ ଥିବାରୁ ଜେଲ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଜେଲ ଡିଜି ସୁଶାନ୍ତ କୁମାର ନାଥ ସମସ୍ତ ଏସ୍‌ପିଙ୍କୁ ଚିଠି ଲେଖିଛନ୍ତି। ଜେଲରେ ଖାଲି ଥିବା ୱାର୍ଡର ପଦବୀ ପୂରଣ ହେବା ପର୍ଯ୍ୟନ୍ତ ହୋମ୍‌ଗାର୍ଡମାନେ ଅସ୍ଥାୟୀ ଭାବେ ପ୍ରାୟ ବର୍ଷେ ଯାଏ ଡ୍ୟୁଟି କରିବେ। ଆବଶ୍ୟକ ପଡ଼ିଲେ ୱାର୍ଡରଙ୍କ ନିୟମିତ ନିଯୁକ୍ତି ହେବା ଯାଏ ମଧ୍ୟ ସେମାନେ କାର୍ଯ୍ୟ କରିବେ। ସୂଚନା ଅନୁଯାୟୀ, ରାଜ୍ୟର ୮୭ଟି ଜେଲରେ ୨୪ ହଜାର ୧୯୬ କଏଦୀ ରହିପାରିବାର କ୍ଷମତା ରହିଥିବାବେଳେ ଏବେ ୧୭ ହଜାର ୩୦୦ କଏଦୀ ରହୁଛନ୍ତି। ଏସବୁ ଜେଲରେ ଥିବା ମୋଟ ୧୮୫୬ ୱାର୍ଡର ପଦବୀରୁ ୬୦୦ଟି ପଦବୀ ଖାଲି ପଡ଼ିଛି। ନୂଆ ୱାର୍ଡର ନିଯୁକ୍ତି ପାଇଁ ପ୍ରକ୍ରିୟା ଚାଲୁରହିଥିବା ବେଳେ ଜେଲ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏଭଳି ଅନ୍ତରୀଣ ପଦକ୍ଷେପ ନିଆଯାଇଛି। କିଛି ମାସ ମଧ୍ୟରେ ଏକାଧିକ ଜେଲରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ତ୍ରୁଟି ଦେଖିବାକୁ ମିଳିଛି। ଏପରିକି ଜେଲରେ ସୁରକ୍ଷା ଢିଲା କାରଣରୁ କଏଦୀମାନେ ଫେରାର ହୋଇଯାଉଥିବା ନଜିର ରହିଛି। କିଛିଦିନ ତଳେ ଚୌଦ୍ୱାର ଜେଲରେ ରହୁଥିବା ୨ ପେସାଦାର ଅପରାଧୀ ଫେରାର ହୋଇଯାଇଥିଲେ। ସେହିପରି ଏହାର କିଛିଦିନ ପରେ ସୋର ସବ୍‌ଜେଲରୁ ଜଣେ ବିଚାରାଧୀନ କଏଦୀ ମଧ୍ୟ ଖସିଯାଇଥିଲେ। ତେଣୁ ଜେଲ ସୁରକ୍ଷାକୁ ଅଧିକ ମଜଭୁତ କରିବାକୁ ଗୃହରକ୍ଷୀମାନେ ଅସ୍ଥାୟୀ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିଭଳି ଜେଲଗୁଡ଼ିକୁ ଏସ୍‌ପି ଓ ଜିଲାପାଳ ଅଚାନକ ଗସ୍ତ କରିବାକୁ କିଛିଦିନ ତଳେ ଜେଲ ଡିଜି ଚିଠି ଲେଖିଥିଲେ। ଜେଲରେ ସୁରକ୍ଷା, ନିରାପତ୍ତା, ସ୍ୱାସ୍ଥ୍ୟକର ପରିବେଶର ସ୍ଥିତି ପରଖିବାକୁ ଚିଠିରେ କୁହାଯାଇଥିଲା।

# ୧ରୁ ସୁଭଦ୍ରା ଶକ୍ତି ମେଳା

## ଓଡ଼ିଶା ସମେତ ୧୧ ରାଜ୍ୟର ଏସ୍‌ଏଚ୍‌ଜି ମହିଳା ସାମିଲ ହେବେ




ଖବରଦାତା ସମ୍ମିଳନୀରେ ସୁଭଦ୍ରା ଶକ୍ତିମେଳା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୩୦।୧୦(ସୁଚିସ୍ମିତା ସାହୁ)**

ଗାଁଠାରୁ ସହର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ନିଜ ସାମର୍ଥ୍ୟ ଓ ସୃଜନଶୀଳତା ପ୍ରତିପାଦିତ କରିଥିବା ଉଦ୍ୟୋଗୀ ନାରୀଙ୍କୁ ନେଇ ନଭେମ୍ବର ୧ରୁ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ସୁଭଦ୍ରା ଶକ୍ତି ମେଳା ଆରମ୍ଭ ହେବ। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଓଡ଼ିଶା ସମେତ ୧୧ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହିଳାମାନେ ଭାଗନେଇ ନିଜ ରାଜ୍ୟର ଉତ୍କୃଷ୍ଟ ଉତ୍ପାଦ ପ୍ରଦର୍ଶନ କରିବେ। ରାଜ୍ୟର ସମସ୍ତ ଜିଲାରୁ ୩ଶହରୁ ଉର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଯୋଗଦେବ। ଏହି ମେଳାରେ ଏସ୍‌ଏଚ୍‌ଜି ଦ୍ୱାରା ୫୦ରୁ ଅଧିକ ଖାଦ୍ୟ ଷ୍ଟଲ ଖୋଲିବ ବୋଲି ଗୁରୁବାର ମିଶନ ଶକ୍ତି ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୁଭଦ୍ରା ଶକ୍ତି ମେଳାରେ ଓଡ଼ିଶା ସମେତ ପଞ୍ଜାବ, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ବିହାର, ଆସାମ, ପଶ୍ଚିମବଙ୍ଗ, ଛତିଶଗଡ, ଗୁଜରାଟ, ତେଲଙ୍ଗାନା, ମଧ୍ୟପ୍ରଦେଶ ଏବଂ ଗୋଆରୁ ନିମନ୍ତ୍ରିତ ଏସ୍‌ଏଚ୍‌ଜିର ମହିଳାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ମେଳା କେବଳ କ୍ରୟ ବିକ୍ରୟର ମଞ୍ଚ ନୁହେଁ, ନାରୀମାନଙ୍କର ଆତ୍ମବିଶ୍ୱାସ, ସଫଳତା ଓ ସାମାଜିକ ସଶକ୍ତୀକରଣର ଏକ ଉଜ୍ଜ୍ୱଳ ପ୍ରତୀକ। ଏଠାରେ ବିବିଧ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ଓ ଅଣ କାଷ୍ଠ ଜଙ୍ଗଲ ଉତ୍ପାଦ ପ୍ରଦର୍ଶିତ ଓ ବିକ୍ରୟ ହେବ। ପରିଦର୍ଶକ ଓ ଅତିଥିମାନେ ଲୁଗାପଟା, ଖାଦ୍ୟଶସ୍ୟ, ଗୃହ ସାଜସଜ୍ଜା ଓ ଘରକରଣା ଜିନିଷର ଅପୂର୍ବ ସମ୍ଭାର କିଣିପାରିବେ। ଏହି ମେଳାରେ ଓଡ଼ିଶା ସଂସ୍କୃତି, ନାରୀ ଶକ୍ତି ଓ ପାରମ୍ପରିକ ସ୍ୱାଦର ମଜା ନେଇପାରିବେ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରଥମଥର ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଓ ପୋଷାକର ଫ୍ୟାଶନ ଶୋ ଆୟୋଜିତ ହେବ। ଲୋକେ ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲରେ ମିଲେଟଭିତ୍ତିକ ସ୍ୱାସ୍ଥ୍ୟକର ଖାଦ୍ୟ ସହିତ ବିବିଧ ପାରମ୍ପରିକ ଓ ଖାଦ୍ୟ ଉପଭୋଗ କରିପାରିବେ। ଏହି ମେଳା ମହିଳାଙ୍କୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଲକ୍ଷପତି ଦିଦି ହେବା ସ୍ୱପ୍ନକୁ ସାକାର କରିବ। ମିଶନ ଶକ୍ତିର ଏହି ପଦକ୍ଷେପ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ଆହୁରି ସୁଦୃଢ଼ କରିବ। ଏହି ମେଳାକୁ ସପରିବାର ଆସି ଓଡ଼ିଶାର ନାରୀ ଶକ୍ତିର ସୃଜନଶୀଳତା, ହସ୍ତଶିଳ୍ପ ଓ ସଂସ୍କୃତିର ଏହି ଅନୁପମ ସମାହାରକୁ ସଫଳ କରିବା ପାଇଁ ମିଶନ ଶକ୍ତି ବିଭାଗ ତରଫରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆମନ୍ତ୍ରଣ କରିଛନ୍ତି। ସମ୍ମିଳନୀରେ ବିଭାଗୀୟ ଶାସନ ସଚିବ ଗିରିଶ ଏସ.ଏନ, ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ରାଧାପାଦ ଦର୍ଶନ

**ସାକ୍ଷୀଗୋପାଳ, ୩୦।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)**

ଅଁଳାନବମୀ ତିଥିରେ ଶୁକ୍ରବାର ପୁରୀ ଜିଲାର ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ପାଦ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ସେହିପରି ଏହିଦିନ ଶ୍ରୀରାଧା ଠାକୁରାଣୀ ଓଡ଼ିଆଣୀ ବେଶରେ ଏବଂ ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ଦର୍ଶନ ଦେବେ। ଏଥିପାଇଁ ଗୁରୁବାର ସକାଳୁ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ବେଢ଼ା ଓ ସିଂହଦ୍ୱାରରେ ଝୋଟିରେ ରଙ୍ଗୋଲି କରାଯାଇଛି। ମନ୍ଦିରକୁ ବିଭିନ୍ନ ପ୍ରକାର ଫୁଲ ଓ ରଙ୍ଗିନ ଆଲୋକରେ ସଜାଯାଇଛି। ଓଡ଼ିଆଣୀ ଓ ନଟବର ବେଶ ପାଇଁ ମନ୍ଦିର ରିଜର୍ଭ ଭଣ୍ଡାରରୁ ସ୍ୱର୍ଣ୍ଣ ଅଳଙ୍କାରମାନ କଢ଼ାଯାଇ ଦୈନିକ ପାଳିଆ ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଛି। ଠାକୁରଙ୍କ ପହୁଡ଼ ନୀତି ଶୀଘ୍ର କରାଯାଇ ରାତି ୧୨ଟାରୁ ମନ୍ଦିର ଦ୍ୱାର ଉନ୍ମୋଚନ ସହ ମଙ୍ଗଳ ଆଳତି ଆଦି ଦେବନୀତି ଆରମ୍ଭ କରାଯାଇଛି।

# ପୁରୀ, ଭୁବନେଶ୍ୱରରେ ବିକଶିତ ହେବ ମଡ୍ୟୁଲାର ରେଳଯାତ୍ରୀ ଧାରଣ କ୍ଷେତ୍ର

**ଭୁବନେଶ୍ୱର,୩୦।୧୦ (ଅନୁରାଧା ମହାରଣା)**


ଦେଶର ବିଭିନ୍ନ ରେଳ ଷ୍ଟେଶନରେ ୭୬ଟି ମଡ୍ୟୁଲାର ଯାତ୍ରୀ ଧାରଣ କ୍ଷେତ୍ର ବିକାଶ ପାଇଁ ଏକ ଯୋଜନାକୁ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନୁମୋଦନ କରିଛନ୍ତି। ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଯାତ୍ରୀ ଧାରଣ କ୍ଷେତ୍ରର ସଫଳତା ପରେ ଏହି ପଦକ୍ଷେପ ନିଆଯାଇଛି। ଦେଶବ୍ୟାପୀ ଯୋଜନା କରାଯାଇଥିବା ନୂଆ ଧାରଣ କ୍ଷେତ୍ରଗୁଡ଼ିକ ମଡ୍ୟୁଲାର ଡିଜାଇନ ଅନୁସରଣ କରିବ ଏବଂ ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିର୍ମାଣ କରାଯିବ। ଏହି କ୍ରମରେ ପୂର୍ବତଟ ରେଳପଥ ଅଧୀନରେ ଭୁବନେଶ୍ୱର, ପୁରୀ ଓ ବିଶାଖାପାଟଣାରେ ଏହି ଯାତ୍ରୀ ଧାରଣ କ୍ଷେତ୍ର ବିକାଶ କରାଯିବ। ସମସ୍ତ ଧାରଣ କ୍ଷେତ୍ର ୨୦୨୬ ପାର୍ବଣ ଋତୁ ପୂର୍ବରୁ ସମ୍ପୂର୍ଣ୍ଣ ହେବା ପାଇଁ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି, ଦୀପାବଳି ଓ ଛଟ୍ ସମୟରେ ନୂଆଦିଲ୍ଲୀ ରେଳ ଷ୍ଟେଶନ ଅତ୍ୟଧିକ ଯାତ୍ରୀ ଭିଡ଼କୁ ତା’ର ନୂଆ ବିକଶିତ ଧାରଣ କ୍ଷେତ୍ର ସାହାଯ୍ୟରେ ପରିଚାଳନା କରିଥିଲା। ଏହି ଧାରଣ କ୍ଷେତ୍ରର ନିର୍ମାଣ ୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା। ଏହା ଯେକୌଣସି ସମୟରେ ପ୍ରାୟ ୭,୦୦୦ ଯାତ୍ରୀଙ୍କୁ ଧାରଣ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ବୋର୍ଡିଂ ପୂର୍ବରୁ ସୁବିଧା ଏବଂ ଯାତ୍ରୀ ପ୍ରବାହକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି। ଏଠାରେ ପୁରୁଷ ଓ ମହିଳାଙ୍କ ପାଇଁ ୧୫୦ଟି ଲେଖାଏ ଶୌଚାଳୟ, ଟିକେଟ କାଉଣ୍ଟର, ସ୍ୱୟଂଚାଳିତ ଟିକେଟ ବିକ୍ରୟ ଯନ୍ତ୍ର ଏବଂ ମାଗଣା ଆର୍‌ଓ ଜଳ ସୁବିଧା ଉପଲବ୍ଧ ରହିଛି। ଏହି ସୁବିଧା ଯାତ୍ରୀ ଚଳନକୁ ସୁଗମ କରିବା ପାଇଁ ୩ଟି ଜୋନ୍ ଟିକେଟିଂ, ପୋଷ୍ଟ-ଟିକେଟିଂ ଏବଂ ପ୍ରି-ଟିକେଟିଂରେ ବିଭକ୍ତ ହୋଇଛି।

# ମହିଳାଙ୍କୁ ମୃତ ଭାବି ରାତିସାରା ଜଗି ରହିଲା ପୋଲିସ

## ହତ୍ୟା ସନ୍ଦେହ କରି ତଥ୍ୟ ଦେବାକୁ ଗାଁରେ ମରାଗଲା ନୋଟିସ

**ବୌଦ୍ଧ,୩୦।୧୦ (ଅଜିତ କୁମାର ବାରିକ)**

ବୌଦ୍ଧ ଥାନା ଅଞ୍ଚଳରେ ଗତ ବୁଧବାର ଏକ ଅଜବ ଘଟଣା ଘଟିଛି। ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଭାବି ପୋଲିସ ରାତିସାରା ଜୀବିତ ମହିଳାଙ୍କ ସନ୍ଦେହଜନକ ମୃତଦେହକୁ ଜଗି ରହିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏପଟେ ଗୁରୁବାର ସକାଳୁ ମହିଳା ଜଣଙ୍କ ଘଟଣାସ୍ଥଳରୁ ଉଠିବା ଦେଖି ପୋଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା।




ଗିରାସିଙ୍ଗା ଗ୍ରାମରେ ପୋଲିସ ନୋଟିସ ମାରିଛି।



ଥାନାରେ ଲକ୍ଷ୍ମୀପ୍ରିୟା ନାଏକ।

**ଅଜବ ଘଟଣା**

ସୂଚନା ଅନୁସାରେ, ବୌଦ୍ଧ ଥାନା ଗିରାସିଙ୍ଗା ଗ୍ରାମର ଲକ୍ଷ୍ମୀପ୍ରିୟା ନାୟକ ନିଖୋଜ ଥିବା ନେଇ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ନାୟକ ବୁଧବାର ସନ୍ଧ୍ୟାରେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗିରାସିଙ୍ଗା ଗ୍ରାମକୁ ଯାଇ ଉକ୍ତ ମହିଳାଙ୍କୁ ଖୋଜାଖୋଜି କରିବା ବେଳେ ଲକ୍ଷ୍ମୀପ୍ରିୟା ଘର ନିକଟରେ ପଡିରହିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରି ପୋଲିସ ରାତିସାରା ଜଗି ରହିଥିଲା। ଏହା ସହ ପୋଲିସ ଗ୍ରାମର ବିଭିନ୍ନ ସ୍ଥାନରେ ନୋଟିସ ଲଗାଇଥିଲା। ଲକ୍ଷ୍ମୀପ୍ରିୟା ନାଏକ ମର୍ଡର କେସ୍‌ର ତଦନ୍ତରେ କୌଣସି ତଥ୍ୟ ଦେବାକୁ ଚାହୁଁଥିଲେ ପୋଲିସକୁ ୭୦୦୮୭୦୪୫୯୮ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ। ତଥ୍ୟ ପ୍ରଦାନକାରୀଙ୍କ ନାମ ଓ ଠିକଣା ଗୋପନ ରଖାଯିବା ସହ ଉପଯୁକ୍ତ ପୁରସ୍କାର ପ୍ରଦାନ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ଗୁରୁବାର ସକାଳୁ ପୋଲିସର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ଲକ୍ଷ୍ମୀପ୍ରିୟାଙ୍କ ଗୋଡ଼ ହାତ ହଲିଥିଲା। ପରେ ପୋଲିସ ଉକ୍ତ ମହିଳା ଜୀବିତ ଥିବା ଜାଣି ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସିତ ହୋଇ ଲକ୍ଷ୍ମୀପ୍ରିୟା ସୁସ୍ଥ ଅନୁଭବ କରିବା ପରେ ପୋଲିସ ଥାନାକୁ ନେଇ ପଚରାଉଚୁରା କରିଥିଲା। ବୌଦ୍ଧ ପୋଲିସ ଏକ ମାମଲା (ନଂ.୪୧୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ବୌଦ୍ଧ ଥାନାଧିକାରୀ ନଳିନୀକାନ୍ତ ଦାସଙ୍କୁ ପଚାରିବାରୁ ସେ କହିଲେ, ମହିଳା ଜଣଙ୍କ ଯେପରି ଘଟଣାସ୍ଥଳରେ ପଡିରହିଥିଲା ତାଙ୍କୁ ଦେଖିବା ପରେ ହତ୍ୟା କରାଯାଇଥିବା ସନ୍ଦେହ ହୋଇଥିଲା। ତେଣୁ ପୋଲିସ କର୍ମଚାରୀ ରାତିସାରା ଜଗି ରହିଥିଲେ ଓ ସକାଳୁ ସାଇଣ୍ଟିଫିକ୍ ଟିମ୍ ଦେଖିବା ପରେ ମହିଳା ଜଣଙ୍କ ଜୀବିତ ଥିବା ଜଣାପଡିଥିଲା। ଏହାସହ ମହିଳାଙ୍କୁ କିଏ ପଛରୁ ଆଘାତ ଦେଇଥିବା ଯୋଗୁ ସେ ଅଚେତ ହୋଇପଡିଥିବା ଦାସ କହିଥିଲେ।

# ପରଲୋକରେ ବରିଷ୍ଠ ନେତା ଶଙ୍କର୍ଷଣ ପରିଡା

- ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦିଆଗଲା ଶ୍ରଦ୍ଧାଞ୍ଜଳି
- ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୧୦(ସୁନିତ୍ ମିଶ୍ର)**



ବରିଷ୍ଠ ରାଜନେତା ତଥା ଭାଜପା ପଞ୍ଚାୟତ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଶଙ୍କର୍ଷଣ ପରିଡା (୬୫)ଙ୍କ ଗୁରୁବାର ବିୟୋଗ ଘଟିଛି। ତାଙ୍କ ବିୟୋଗରେ ରାଜ୍ୟ ଭାଜପା ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଶୋକ ପ୍ରକାଶ କରିବା ସହିତ ପରିଡାଙ୍କ ବିୟୋଗ ରାଜ୍ୟ ରାଜନୀତି ଓ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ପରିଡା ପୁରୀ ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ରହିଥିଲେ। ପୁରୀ ଜିଲାର ସେ ଜଣେ ଜଣାଶୁଣା ଚେହେରା ଥିଲେ। ତାଙ୍କ ପାର୍ଥିବ ଶରୀର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଦଳର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଦଳୀୟ ପତାକା ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଦଳର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ସ୍ୱର୍ଗତ ପରିଡାଙ୍କ ସମର୍ଥକ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ପରିଡାଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରଲୋକ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସ୍ୱର୍ଗତ ପରିଡା କିଛିଦିନ ହେଲା କର୍କଟ ରୋଗରେ ପୀଡ଼ିତ ଥିବାବେଳେ ତାଙ୍କର ଚିକିତ୍ସା ଚାଲିଥିଲା।

## ସଂକ୍ଷେପରେ

### ଗଣ୍ଡରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଦିଗପହଣ୍ଡି,୩୦।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଏନ୍ଏସି ୧୦ ନଂ ୱାର୍ଡ ରାଣୀ ସାହି ମଞ୍ଜରୀ ନଗର ଗଣ୍ଡରେ ବୁଡ଼ି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଶିବ ସାହୁ(୫୦)। ଖବରପାଇ କାଉନସିଲର ଦୀପକ ମିଶ୍ର, ସାମାଜିକକର୍ମୀ କେ.କୁନା ଘଟଣାସ୍ଥଳରେ ପହଞ୍ଚି ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ବୃନ୍ଦ ପହଞ୍ଚି ଶିବଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍

ଚକାପାଦ,୩୦।୧୦(ପ୍ରତାପ କିଶୋର ବେହେରା)

ବେଦାନ୍ତରୁ ଫ୍ଲାଇ ଆସ ବୋଝେଇ ଟ୍ରକ (ଓଆର ୧୨ବି ୬୦୩୨) ଗଞ୍ଜାମ ଜିଲାକୁ ଯାଉଥିବାବେଳେ ଟିକାବାଲି ଠାରୁ ଚକାପାଦର କଢିକାଡୁ ଘାଟିରେ ଗୁରୁବାର ଭାରସାମ୍ୟ ହରାଇ ଦୁର୍ଘଟଣଗ୍ରସ୍ତ ହୋଇଛି। ସୌଭାଗ୍ୟ ବଶତଃ ଗାଡି ଚାଳକ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ବର୍ତ୍ତମାନ କଳିଙ୍ଗା ଘାଟିର ରାସ୍ତା କାମ ଚାଲୁଥିବାରୁ ଗାଡିଗୁଡିକ ଟିକାବାଲି ଠାରୁ ଚକାପାଦ ହୋଇ ନିନ୍ଧିଆପଲିରେ ବାହାରି ବ୍ରହ୍ମପୁର ଯାଇଥାନ୍ତି। ଏହି ଅଣଓସାରିଆ ରାସ୍ତାରେ ନୂଆ ଚାଳକ ହୋଇଥିବାରୁ ଦୁର୍ଘଟଣା ହୋଇଥିବା ଜଣାପଡିଛି। ଘଟଣାସ୍ଥଳରେ ଚକାପାଦ ପୋଲିସ ପହଞ୍ଚି ଆହାତ ଡ୍ରାଇଭରକୁ ଆମ୍ବୁଲାନ୍ସ ଯୋଗେ ଟିକାବାଲି ମେଡିକାଲକୁ ପଠାଇଛି।

### କେ. ଏମ୍. ଭାଲିଆସାହିରେ ରିଲିଫ୍ ବଣ୍ଟନ

ଆର,ଉଦୟଗିରି,୩୦।୧୦(ମନୋଜ କୁମାର ପାଢୀ):

ବାତ୍ୟା ଟଳିଥିଲେ ମଧ୍ୟ ଗଜପତି ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ପ୍ରବଳ ବର୍ଷା ହେତୁ ବିପୁଳ କ୍ଷୟକ୍ଷତି ହୋଇଛି। ଧାନ ସହିତ ମକା ଏବଂ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଯାଇଛି। କେତେକ ସ୍ଥାନରେ ଗମନାଗମନର ବାଧା ପ୍ରାପ୍ତ ହେବା ସହିତ ଅନେକଙ୍କର ବାସଗୃହ ମଧ୍ୟ ଭାଙ୍ଗିଯାଇଛି। ଏଭଳି ସ୍ଥିତିରେ ରାଜ୍ୟ ଜୁନିୟର ରେଡକ୍ରସର ଅଫିସର ଲକ୍ଷ୍ମଣ ସ୍ୱାଇଁ, ସଦସ୍ୟ ବିନୟ କୁମାର ନାୟକ, ଗଜପତି ଜିଲାର ଜୁନିୟର ରେଡକ୍ରସର ଅଫିସର ସଞ୍ଜୀବ କୁମାର ଦାସଙ୍କ ସହିତ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଶିଅଳ, ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ଦଳବେହେରା ଓ ମୁକ୍ତିକାନ୍ତ ମଲ୍ଲିକ ଉପସ୍ଥିତ ରହି କେ. ଏମ. ଭାଲିଆସାହି ଗ୍ରାମର କ୍ଷତିଗ୍ରସ୍ତ ଲୋକମାନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ।

### ସାଧୁତାର ଶପଥପାଠ କରାଇଲେ ମାଜିଷ୍ଟ୍ରେଟ

ଦିଗପହଣ୍ଡି, ୩୦।୧୦(ଅଶେଷ ନାଥ ମିଶ୍ର)

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରେ ଗୁରୁବାର ଦିଗପହଣ୍ଡି ସ୍ଥିତ ସିଭିଲ କୋର୍ଟ ସିନିୟର୍ ଡିଭିଜନର ମାଜିଷ୍ଟ୍ରେଟ ମହାଶ୍ୱେତା ପରିଜା ବିଚାର ବିଭାଗୀୟ କର୍ମଚାରୀଙ୍କୁ ସାଧୁତାର ଶପଥପାଠ କରାଇଛନ୍ତି। ସିଭିଲ କୋର୍ଟ କମ୍ପ୍ଲେକ୍ସରେ ଆୟୋଜିତ କାର୍ଯ୍ୟକ୍ରମରେ ମାଜିଷ୍ଟ୍ରେଟ ଦୁର୍ନୀତି ନିବାରଣ ଆମର ସାମୂହିକ ଦାୟିତ୍ୱ ବୋଲି ମତବ୍ୟକ୍ତ କରିବା ସହ ଅନଲାଇନ ସେବା ମାଧ୍ୟମରେ ଦୁର୍ନୀତିକୁ ବହୁ ମାତ୍ରାରେ କମାଇ ଦିଆଯାଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଦିଗପହଣ୍ଡି ଜେଏମ୍ଏଫ୍ସି କୋର୍ଟରେ ମାଜିଷ୍ଟ୍ରେଟ ନିଲିମା ଷଡ଼ଙ୍ଗୀ, ସରକାରୀ ଓକିଲ ନକୁଳ ପ୍ରଧାନ, ମନୋରଞ୍ଜନ ପଣ୍ଡାଙ୍କ ସମେତ କୋର୍ଟ କର୍ମଚାରୀ ପ୍ରଦୀପ ଶତପଥୀ, ପ୍ରଦୀପ ପୁରୋହିତ, ଅଶ୍ୱିନୀ ପଟ୍ଟନାୟକ, ସସ୍ମିତା ମହାରଣା, ଅଞ୍ଜଳି ମହାରଣା, ସଂଗ୍ରାମ କେଶରୀପଣ୍ଡା, ପପୁନମହାରଣା, ରୁଦ୍ରପ୍ରସାଦ ତାଣ୍ଡିଆ, ପିଲବୁ ହେମ୍ବ୍ରମ, ନିରଞ୍ଜନ ଶବର, କେ.ନୋକେୟା ପ୍ରମୁଖ ଉପସ୍ଥିତ ଥିଲେ।

### ମୋନ୍ଥାରେ ଭୁଶୁଡ଼ିଲା ଘର

ଗୁମ୍ମା,୩୦।୧୦(ପ୍ରବୀଣ କୁମାର ଲିମା)

ମୋନ୍ଥାର ପ୍ରଭାବ ଗୁମ୍ମା ବ୍ଲକର ଗାଇବା ପଞ୍ଚାୟତ ପଡ଼ିଛି। ଏହି ପଞ୍ଚାୟତ କିମ୍ପୁସିଂ ଗ୍ରାମ କୁର୍ଗାସିଂ ସାହିର ରଇସା ନାଇକା (୬୦) ଜଣେ ବଧିର ମହିଳା। ସ୍ୱାମୀ ଚାଲିଯିବା ପରେ ସେ ଏକା ରହୁଥିଲେ। ଚଳିତ ଲଗାଣ ବର୍ଷାରେ ତାଙ୍କ ଘର ଭୁଶୁଡି ଯାଇଛି। ଖବର ପାଇ ରାଜସ୍ୱ ନିରୀକ୍ଷକ ତହସିଲଦାରଙ୍କୁ ଜଣାଇଲା ପରେ ଗାଇବା ପୋଲିସ ଫାଣ୍ଡି ଅଧିକାରୀ ରାମକୃଷ୍ଣ ଦାସ ଓ କନେଷ୍ଟବଳ ରଂଜିତ ରାଉତ ଏବଂ ରାଜସ୍ୱ ନିରୀକ୍ଷକ ସାହାଣୀ ବାବୁ କୁର୍ଗାସିଂ ଗ୍ରାମକୁ ଯାଇ ରଇସା ନାଇକାଙ୍କୁ ଏକ ପାଲ ପ୍ରଦାନ କରିଛନ୍ତି।

# ଗଜପତିରେ ବାତ୍ୟା କ୍ଷୟକ୍ଷତି ସମୀକ୍ଷା କଲେ ମନ୍ତ୍ରୀ

## ୩ ଦିନ ମଧ୍ୟରେ ଆକଳନ ସାରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ପାରଳାଖେମୁଣ୍ଡି,୩୦।୧୦(ଗିରିଧାରୀ ପରିଚ୍ଛା):



ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅଧିକାରୀମାନେ।

ଆଇନ,ପୂର୍ତ୍ତ, ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ଦିନିକିଆ ଗଜପତି ଜିଲା ଗସ୍ତରେ ଆସିଥିଲେ। ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସେ ବାତ୍ୟା 'ମୋନ୍ଥା'ରେ ଜିଲାରେ ହୋଇଥିବା କ୍ଷୟକ୍ଷତିର ସମୀକ୍ଷା କରିଥିଲେ। ବାତ୍ୟାରେ ନଷ୍ଟ ହୋଇଥିବା ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବର୍ଷାରେ ଭାଙ୍ଗିଥିବା କଚ୍ଚା ଘରଗୁଡ଼ିକୁ ତୁରନ୍ତ ପଲିଥିନ ଯୋଗାଇ ଦେବା ସହିତ ସରକାରଙ୍କ ତରଫରୁ ସହାୟତା ପ୍ରଦାନ ପାଇଁ କହିଛନ୍ତି। ଜିଲାରେ ହେଉଥିବା ଭୂସ୍ଖଳନ ସମସ୍ୟାର ସମାଧାନ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାରେ ମୋନ୍ଥା ବାତ୍ୟା ପ୍ରଭାବରେ ହୋଇଥିବା କ୍ଷୟକ୍ଷତିକୁ ଗୁରୁବାରଠାରୁ ୩ ଦିନ ମଧ୍ୟରେ ଆକଳନ ସାରି ତୁରନ୍ତ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାରେ ୨୦ ହଜାର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ୧୯୭ ଜଣ ଗର୍ଭବତୀଙ୍କୁ ମା'ଗୃହ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଜିଲାର ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ, ତହସିଲ କାର୍ଯ୍ୟାଳୟ ଓ ଜିଲା କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ ଖୋଲାଯାଇ ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା ହୋଇଥିଲା। ସଫଳତାର ସହ ଜିଲାର ସମସ୍ତ ଅଧିକାରୀ ଗୋଟିଏ ଟିମ ହୋଇ ବାତ୍ୟା ମୁକାବିଲା କାର୍ଯ୍ୟ କରିଥିବାରୁ ଜିଲା ପ୍ରଶାସନକୁ ମନ୍ତ୍ରୀ ପ୍ରଶଂସା କରିଛନ୍ତି। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲାପାଳ ମଧୁମିତା, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶଙ୍କର କେରକେଟାଙ୍କ ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷ୍ମୀପୁର ଅଞ୍ଚଳରେ ବାଘ ଆତଙ୍କ



ଚାଷ ଜମିରେ ପଡ଼ିଥିବା ପାଦ ଚିହ୍ନ।

ଛତ୍ରପୁର,୩୦।୧୦(ଦିଲୀପ ସାମଲ):

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମ ନିକଟ ଚାଷ ଜମିରେ ବାଘ ବୁଲୁଥିବା ଅଭିଯୋଗ ହୋଇଛି । ଗୁରୁବାର ସକଳେ ଗ୍ରାମର କେତେଜଣ ଲୋକ ମନ୍ଦିରରୁ ଫେରିବା ବେଳେ ଜମିରେ ବାଘ ବୁଲୁଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ । ପରେ ଛତ୍ରପୁର ବନ ବିଭାଗକୁ ଜଣାଇଥିଲେ। ଘଟଣାସ୍ଥଳରେ ଛତ୍ରପୁର ଫରେଷ୍ଟ ଅଫିସର ବାବୁ ସେଠୀଙ୍କ ସମେତ ବହୁ ବନ କର୍ମଚାରୀ ପହଞ୍ଚି ତଦନ୍ତ କରିବା ସହିତ ପାଦଚିହ୍ନ ଏବଂ ଲୋମ ଆଦି ସଂଗ୍ରହ କରିଛନ୍ତି। ପାଦଚିହ୍ନକୁ ସ୍କେଲ ଯୋଗେ ମପାଯାଇଛି । ପ୍ରକୃତରେ ଏହା ବାଘ ନା ଆଉ କୌଣସି ଜନ୍ତୁ ତାକୁ ନେଇ ତଦନ୍ତ ଚାଲିଥିବା ଫେରେଷ୍ଟ ଅଫିସର ସେଠ ସୂଚନା ଦେଇଛନ୍ତି । ଅନ୍ୟପଟେ ଗ୍ରାମରେ ୨ ଦିନ ଧରି ବାଘ ଆତଙ୍କ ଲାଗି ରହିଥିବା ବେଳେ ଛେଳି, କୁକୁଡ଼ା ଆଦିକୁ ଖାଇ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ରାସ୍ତାଟି ମୁଖ୍ୟ ରାସ୍ତା ହୋଇଥିବାରୁ ଲୋକେ ରୀତିମତ ସେହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତ। ଏଣୁ ଏହାର ତଦନ୍ତ କରି ବାଘକୁ ଘଉଡ଼ାଇବା ପାଇଁ ଦାବି ହୋଇଛି।

# ଥାନାରେ ଅଭିଯୋଗ କଲେ ପରିବାର

## ପିନ୍ ଗିଳି ଛାତ୍ରଙ୍କ ମୃତ୍ୟୁ ଘଟଣା

ଦାରିଙ୍ଗବାଡ଼ି,୩୦।୧୦(ଅରୁଣ ସାହୁ)



କନ୍ଧମାଳ ଜିଲାରେ ପିନ୍ଗିଳି ସପ୍ତମଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ପରିବାର ପକ୍ଷରୁ ଦାରିଙ୍ଗବାଡ଼ି ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ତାଙ୍କ ପୁଅ ମୃତ୍ୟୁ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ତ୍ତୃପକ୍ଷ ଦାୟୀ ବୋଲି ଅଭିଯୋଗ କରାଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଅବହେଳା କରି ନ ଥିଲେ ହୁଏତ ତାଙ୍କ ପୁଅ ଆଜି ଜୀବିତ ଥାଆନ୍ତା ବୋଲି ଅଭିଯୋଗରେ ଦର୍ଶାଯାଇଛି। ପ୍ରକାଶ ଯେ, ଦାରିଙ୍ଗବାଡି ବିଦ୍ୟୁତ୍ କାର୍ଯ୍ୟାଳୟ ସାହିରେ ରହୁଥିବା କାଳୀ ପ୍ରସାଦ ମିଶ୍ରଙ୍କ ୧୨ ବର୍ଷର ପୁଅ ତୁଷାର ମିଶ୍ର ତାଙ୍କ ମାମୁଘର ଫୁଲବାଣୀ କଣ୍ଟ୍ରାକ୍ଟରପଡ଼ାରେ ରହି ପାଠପଢୁଥିଲେ। ୧୫ ତାରିଖରେ ବିଦ୍ୟାଳୟରେ ଲାଗିଥିବା ନୋଟିସେ ବୋର୍ଡର ପିନ୍କୁ ଅସାବଧାନତା ବଶତଃ ଗିଳି ଦେଇଥିଲେ। ଏନେଇ ତୁଷାର ଏବଂ ତାଙ୍କ ସାଙ୍ଗସାଥି ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ଜଣାଇଥିଲେ। ତେବେ ତାଙ୍କ କଥାକୁ କେହି ବିଶ୍ୱାସ ନ କରି ପାଣି ପିଇଦେ ବୋଲି କହିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ଛୁଟି ପରେ ତୁଷାର ଘରକୁ ଫେରି ଅଜା ଓ ମାଇଁ ମାମୁଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ମାମୁ ତାଙ୍କୁ ତୁରନ୍ତ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପିନ୍ କାଢ଼ିବା ସମ୍ଭବ ନ ହେବାରୁ ତାଙ୍କୁ ବ୍ରହ୍ମପୁର ପରେ କଟକ ଶିଶୁ ଭବନ ନେଇଥିଲେ। ସେଠାରେ ଅପରେସନ କରି ପିନ୍ଟିକୁ ବାହାର କରାଯାଇଥିଲେ ମଧ୍ୟ ସେ ଗୁରୁତର ଥିଲେ। ୨୬ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକ ତାଙ୍କ ଶେଷ କୃତ୍ୟ ଓ ମେଡିକାଲ ରିପୋର୍ଟ ଓ ଅନ୍ୟାନ୍ୟ କାଗଜପତ୍ର ନେଇ ଗୁରୁବାର ଦାରିଙ୍ଗବାଡ଼ି ଘରକୁ ଫେରିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଦାରିଙ୍ଗବାଡ଼ି ଥାନା ଅଧିକାରୀ ତଥା ଡିଏସ୍ପି କନକ ମାଝୀ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସେ ଉକ୍ତ ଅଭିଯୋଗ ପତ୍ରକୁ ଫୁଲବାଣୀ ଥାନାକୁ ହସ୍ତାନ୍ତର କରିବେ। ଘଟଣାଟି ଫୁଲବାଣୀରୁ ହୋଇଥିବାରୁ ସେଠାକାର ପୋଲିସ ଘଟଣାର ତଦନ୍ତଭାର ନେଇପାରେ ବୋଲି ପୋଲିସ ପକ୍ଷରୁ ଜଣାପଡ଼ିଛି।

# ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ବାଲିଗୁଡ଼ା/ଖଜୁରିପଡ଼ା/ କ.ନୂଆଗାଁ, ୩୦।୧୦
(ବିଦୁର ବେହେରା/ ସଞ୍ଜୟ କୁମାର ପାଣିଗ୍ରାହୀ/ କାଳି ପ୍ରସାଦ ତ୍ରିପାଠୀ)

ଖଜୁରିପଡ଼ା ପୋଲିସ ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଏଥିରେ ବିଦ୍ୟାଳୟର ୬୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା ଲିଖନ ପ୍ରତି ଯୋଗିତ ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିବା ଥାନା ଅଧିକାରୀ ଚାପଧାରୀ ପ୍ରଧାନ କହିଛନ୍ତି। ସେହିପରି ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ପରିସରରେ ବାଲିଗୁଡ଼ା ପୋଲିସ ବିଭାଗ ତରଫରୁ ରାଷ୍ଟ୍ରୀୟ ଏକତା ଦିବସ ତଥା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସ ପାଳିତ ହୋଇଛି। ଏହି ଅବସରରେ ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାମେନ୍ଦ୍ର ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେରେ ରଚନା ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ବିଚାରକ ଭାବେ ବାଲିଗୁଡ଼ା ଆରକ୍ଷୀ ଅଧକାରୀ ରାମେନ୍ଦ୍ର ପ୍ରସାଦଙ୍କ ସମେତ ମହାବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମଣ ପାଳ, ଅଧାପକ ତେଜେଶ୍ୱର ନାୟକ, ଡ଼.ବିଭୂତି ଭୂଷଣ ଆଚାର୍ଯ୍ୟ, ସରୋଜ ପାଠୀ, ନୀଳାଞ୍ଚଳ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ କ.ନୂଆଗାଁ ଥାନା ପୋଲିସ ପକ୍ଷରୁ ଥାନା ଅଧିକାରୀ ଅଶୋକ ହାଁସଦାଙ୍କ ନେତୃତ୍ୱରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମ ରାମେଶ୍ୱର ମନ୍ଦିର ନିକଟରେ ଥିବା ସାଇ ଉଚ୍ଚ ମାଧ୍ୟମିକ କଲେଜ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ତଥା ମହା ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସ ପାଳନ ଅବସରରେ ପ୍ରବନ୍ଧ, କୁଇଜ,ଚିତ୍ର ଓ ବକୃତା ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜନ ହୋଇଥିଲା। ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ମାନେ ଭାଗ ନେଇ ନିଜ ନିଜର ଦକ୍ଷତା ପ୍ରତିପାଦନ କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ଅଧକ୍ଷ ଭାରତୀ ବାରିକ, ଅଧାପକ ଇଭାନ ନାୟକ ଓ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭୂସ୍ଖଳନ ସ୍ଥଳ ପରିଦର୍ଶନ କଲେ ଆଇନ ମନ୍ତ୍ରୀ

ରାମଗିରି,୩୦।୧୦(ବୃନ୍ଦାବନ ଗୌଡ଼)

'ମୋନ୍ଥା' ପ୍ରଭାବରେ ଗଜପତି ଜିଲାରେ ଏକାଧିକ ସ୍ଥାନରେ ଭୂସ୍ଖଳନ ଘଟିଛି। ଏହା ଯୋଗୁ ରାସ୍ତାରେ ଗଛ, ବଡବଡ ପଥର ପଡିରହିଛି। ଗଜପତି ଜିଲା ଆର. ଉଦୟଗିରି ବ୍ଲକ ଅନସ୍ଥା ପଞ୍ଚାୟତ ବଡଗାଁ ଠାରେ ପାହାଡ଼ରୁ ବିରାଟକାୟ ପଥର ଖସି ରାସ୍ତା ଅବରୋଧ କରିଛି। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଥିଲେ ମଧ୍ୟ ପଥର ହଟିପାରି ନ ଥିଲା। ଶେଷରେ ବ୍ଲାଷ୍ଟିଂ କରି ପଥର ହଟାଇବାକୁ ପ୍ରଶାସନ ପକ୍ଷରୁ କାମ ଚାଲିଥିବା ବେଳେ ଗୁରୁବାର ଆଇନ ମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।ଏନେଇ ମନ୍ତ୍ରୀ କହିଥିଲେ ଯେ ଆଉ କିଛିଦିନ ଯାତାୟାତରେ ବାଧା ହେଲେ ମଧ୍ୟ ଆଗକୁ ଯେପରି ଏଭଳି ଅସୁବିଧା ନ ହୁଏ ତାହାର ସ୍ଥାୟୀ ପ୍ରତିକାର କରିବା ସହିତ ଯେଉଁ ପଥର ଗୁଡିକ ପୁଣି ତଳକୁ ଖସିବାର ସମ୍ଭାବନା ଅଛି ସେଗୁଡିକୁ ବାହାର କରିବାକୁ ପଡିବ। ଆଗକୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ସବୁଜ ଜଙ୍ଗଲ ସୃଷ୍ଟି କରିବା ସହିତ ଅତ୍ୟାଧୁନିକ ଜ୍ଞାନ କୌଶଳରେ କାର୍ଯ୍ୟ କରିବାକୁ ପଡିବ ବୋଲି କହିଥିଲେ। ମନ୍ତ୍ରୀଙ୍କ ଗସ୍ତ ଅବସରରେ ଜିଲାପାଳ ମଧୁମିତା, ଉପଜିଲାପାଳ ଅନୁପ ପଣ୍ଡା, ଏଡିଏମ ମୁନୀନ୍ଦ୍ର ମହାନନ୍ଦା, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ବିଡ଼ିଓ ଲୋରିମନ ଖର୍ଷେଲ, ତହସିଲଦାର ଜ୍ୟୋର୍ତିମୟ ଦାଶ, ଜିଲା ପରିଷଦ ଦଣ୍ଡପାଣି ବଡମୁଣ୍ଡି, ଏସପି ଜ୍ୟୋତିନ୍ଦ୍ର ପଣ୍ଡା ଓ ରାମଗିରି ଥାନାଧିକାରୀ ଡି.ଗଜପତି ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ଠକେଇରୁ ବର୍ତ୍ତିବା ପାଇଁ ସଚେତନତା ଲୋଡ଼ା



ଉପସ୍ଥିତ ଛାତ୍ରୀଛାତ୍ର।

ଭଞ୍ଜନଗର,୩୦।୧୦(ବାବୁଲା ପ୍ରଧାନ):

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଗୁରୁବାର ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଇବର ଠକଙ୍କଠାରୁ ବର୍ତ୍ତିବା ପାଇଁ ସର୍ବଦା ଷ୍ଟ୍ରଙ୍ଗ ପାସୱାର୍ଡ ବ୍ୟବହାର କରିବା, ଓଟିପି କାହାକୁ ନଦେବା ଓ ସୋସିଆଲ ମିଡ଼ିଆ ବ୍ୟବହାର କରିବା ସମୟରେ ସତର୍କ ରହିବା ଓ ଅଧିକରୁ ଅଧିକ ସଚେତନ ହେବାକୁ କାର୍ଯ୍ୟକ୍ରମରେ ବକ୍ତାମାନେ କହିଥିଲେ। ଭଞ୍ଜନଗର ଥାନା ଏବଂ କଲେଜ ଜାତୀୟ ସେବା ଯୋଜନା ଶାଖା ୧ ଓ ୨, ଏନସିସି ଆର୍ମି ୱିଙ୍ଗ, ନାଭାଲ ୱିଙ୍ଗ ଏବଂ ଯୁବ ରେଡକ୍ରସ ମିଳିତ ସହଯୋଗରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଭଞ୍ଜନଗର ଏଏସପି ରଞ୍ଜନ କୁମାର ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏସଡିପିଓ ଡ. ଦୀପକ ମିଶ୍ର, ଥାନା ଅଧିକାରୀ ଜିବନାନନ୍ଦ ଜେନା, ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶାଳ, ଡ. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜୀ, ଶୁଳପାଣି ଶତପଥି, ଜଗବନ୍ଧୁ ଜେନା, ସନ୍ତୋଷ ଜେନା, ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିଚାଳକ ପାତ୍ର, ଏଚଡିଏଫସି ଡେପୁଟି ପରିଚାଳକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ସଭାରେ ଅଧକ୍ଷତା କରିଥିବା ବେଳେ ପ୍ରଶାସନିକ ଅଧିକାରୀ ବିଭାସ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଜୟକୃଷ୍ଣ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ବି. କେ. ପ୍ରଧାନ, ସସ୍ମିତା ଦାସ, ଯୁବ ରେଡକ୍ରସ ଅଧିକାରୀ ବିଦେଶୀ ରାଉତ, ଏନସିସି ସିଟିଓ ଅର୍ପଣ ପ୍ରଧାନ, ବିଭୂତି ଭୂଷଣ ଗୌଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଦାସକାଠିଆ ମାଧ୍ୟମରେ ଛାତ୍ରୀ ଛାତ୍ରଙ୍କୁ ସଚେତନ କରାଯାଇଥିଲା। ସଭା ପୂର୍ବରୁ ଚକରା ବିଷୋୟୀ ଛକରୁ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରା କରିଥିଲେ।

# ସଞ୍ଚୟ କଲେ ଭବିଷ୍ୟତରେ କାମରେ ଆସେ




ଜଣେ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଫୁଲବାଣୀ,୩୦।୧୦ (ରାକେଶ କୁମାର ରାଉତ)

ଫୁଲବାଣୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ମିତବ୍ୟୟତା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ ଯୋଗଦେଇ ସଞ୍ଚୟ କରିବା ନିମନ୍ତେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେନ୍ଦ୍ର ନାୟକ, ଅତିରିକ୍ତ ଏସ୍ପି ବିଭୁତି ଭୁଷଣ ମହାପାତ୍ର, ଫୁଲବାଣୀ ବିଡିଓ ସୌମ୍ୟରଞ୍ଜନ ପାତ୍ର, ଜିଲା ମୁଖ୍ୟ ପରିଚାଳକ ସିଦ୍ଧାର୍ଥ ପତି, ଡାକ ଅଧିକ୍ଷକ ରାଜକିଶୋର ମହାରଣା ଯୋଗଦେଇ ସଞ୍ଚୟ କଲେ ଆମେ କି ଲାଭ ପାଇଥାଉ ଏବଂ ଏହା କାହିଁକି ଅତ୍ୟନ୍ତ ଜରୁରୀ, ତାହା ଉପରେ ମତ ରଖିଥିଲେ । ଏହି ଅବସରରେ ପୂର୍ବରୁ ସଞ୍ଚୟ ପକ୍ଷପାଳନ ନିମନ୍ତେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରା ଯାଇଥିଲା । ସର୍ବାଧିକ ସ୍ୱଳ୍ପ ସଞ୍ଚୟ ସଂଗ୍ରହ କରିଥିବା ବବିତା ପତି, ବି.ସନ୍ତୋଷ ପାତ୍ର, କଳ୍ପନା କୁମାରୀ ପାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଶେଷରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ହୋଇଥିଲା । ସଠିକ୍ ଉତର ଦେଇଥିବା ପ୍ରାର୍ଥିଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଜୟ ଚନ୍ଦ୍ର ପାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗୋଷ୍ଠାଷ୍ଟମୀ ଉତ୍ସବରେ ଯୋଗଦେଲେ ଏମ୍ପି



ଶେରଗଡ,୩୦।୧୦(ସୂର୍ଯ୍ୟ ନାରାୟଣ ଦାଶ):

ଶେରଗଡ଼ ବ୍ଲକ ଅନ୍ତର୍ଗତ କରଞ୍ଜେଇ ପୀଠ ପରିସରରେ ଥିବା ଗୋଶାଳାରେ ଗୁରୁବାର ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ସକାଳେ ସେଠାରେ ଥିବା ୧୦୦ରୁ ଅଧିକ ଗୋରୁଙ୍କୁ ପୂଜା ପରେ ଖାଇବାକୁ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆସିକା ଏମ୍ପି ଅନିତା ଶୁଭଦର୍ଶିନୀ, ଭାଜପା ନେତା ବିଜୟ ସାଇଁ, ଗୌରହରି ସାବତଙ୍କ ସମେତ ବହୁ ନେତା ଯୋଗଦେଇ ଥିଲେ। ଏମ୍ପି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାଈଗୋରୁଙ୍କୁ ଫଳ ଖୁଆଇଥିଲେ। ସେ କହିଥିଲେ, ଗୋ ସେବା କଲେ ପ୍ରାଣୀମାନଙ୍କର ପୂଣ୍ୟ ପ୍ରାପ୍ତି ହୁଏ। ଏଭଳି ଗୋଶାଳା ପ୍ରତିଷ୍ଠା କରି ଗାଈଗୋରୁ ମାନଙ୍କ ସେବା କରିବାକୁ ଦଳୀୟ ନେତା ଓ କର୍ମୀ ମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଗୋଶାଳାର ମୁଖ୍ୟ ସନ୍ଥ କମଳାକ୍ଷ ଦାସ ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଯୋଗଦେଇ ଗୋମାତାଙ୍କ ପୂଜାରେ ସାମିଲ ହୋଇଥିଲେ।

# ଜିଦ୍‌ରେ ଗ୍ରାମବାସୀ, କେନ୍ଦ୍ର ଖୋଲିବାକୁ ପ୍ରଶାସନର ନିର୍ଦ୍ଦେଶ

## ଅଙ୍ଗନୱାଡିରେ ତାଲା ପକାଇବା ଘଟଣା

ଫୁଲବାଣୀ/ଫିରିଙ୍ଗିଆ, ୩୦।୧୦ (ରାକେଶ କୁମାର ରାଉତ/ବିମଳ ଦିଗାଲ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତ ମଣିପଦର ଗ୍ରାମର ଅଙ୍ଗନୱାଡି କର୍ମୀ ଚୟନକୁ ନେଇ ଚାଲିଥିବା ବିବାଦ ଥମୁନାହିଁ। ଚୟନ ହୋଇଥିବା କର୍ମୀ ଗ୍ରାମର ନୁହନ୍ତି ବୋଲି ଗ୍ରାମବାସୀ କହୁଥିବା ବେଳେ ପ୍ରଶାସନ ପାଖରେ ସେ ଗ୍ରାମର ବୋହୂ ହୋଇଥିବା ପ୍ରମାଣ ରହିଛି। ଏହାକୁ ନେଇ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ସେପଟେ ପ୍ରଶାସନ ପାଖରେ ସମସ୍ତ ପ୍ରମାଣପତ୍ର ଥିବାରୁ ଶୁକ୍ରବାର କେନ୍ଦ୍ର ଖୋଲିବା ପାଇଁ ଗ୍ରାମବାସୀଙ୍କୁ କୁହାଯାଇଛି। ଗୁରୁବାର ଅଙ୍ଗନୱାଡି କେନ୍ଦ୍ରକୁ ଫିରିଙ୍ଗିଆ ବିଡିଓ ଅନୁପ ଅଭିଷେକ ବେହେରା, ସିଡିପିଓ ନିବେଦିତା ପ୍ରଧାନ ଏବଂ ୨ ଜଣ ସୁପରଭାଇଜର ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ଥିଲେ ବି ଘଟଣାର ସମାଧାନ ହୋଇନାହିଁ। ନିଯୁକ୍ତି ପାଇଥିବା ଅଙ୍ଗନୱାଡି କର୍ମୀଙ୍କ ଚୟନ ପ୍ରକ୍ରିୟା ଠିକ୍ ଅଛି । ସେ ଅଧିକ ମାର୍କ ରଖି ଚୟନ ହୋଇଛନ୍ତି । ସେ ବି ଏହି ଗ୍ରାମର ବୋହୂ ୨୦୨୨ ମସିହାରୁ ହୋଇଛନ୍ତି। ଯାହାର ପ୍ରମାଣପତ୍ର ସେ ଦାଖଲ କରିଛନ୍ତି । ପ୍ରଶାସନିକ ଅଧିକାରୀ ଏହା କହିବାରୁ ଗ୍ରାମବାସୀ ଏହାକୁ ମାନି ନାହାନ୍ତି। ଅନୁସୁଚିତ ଜନଜାତି ପରମ୍ପରା ଅନୁସାରେ ବାହାଘର ହୋଇନାହିଁ। ତେଣୁ ଏହାକୁ ଆମେ କିପରି ମାନିବୁ। ଯଦି କହୁଛନ୍ତି ବାହାଘର ପ୍ରମାଣପତ୍ର ଅଛି, ତାହାଲେ ଏଇଠି ଦେଖାନ୍ତୁ ବୋଲି ଗ୍ରାମବାସୀ ଅଡି ବସିଥିଲେ। କିନ୍ତୁ ଅଧିକାରୀମାନେ ଏହା ଦେଖେଇ ନ ଥିଲେ।

ଚୟନ ପ୍ରକ୍ରିୟାକୁ ନେଇ ଯେଉଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ସେଥିରେ ଗ୍ରେସ ମାର୍କ ସମ୍ପର୍କରେ କିଛି ଉଲ୍ଲେଖ ନ ଥିଲା। ନିୟମ ଅନୁସାରେ ପ୍ରାର୍ଥି ଯଦି ଅନୁସୁଚିତ ଜାତି ଏବଂ ଜନଜାତିର ହୋଇଥିବେ, ଯୁକ୍ତ ୨ ପଢ଼ିଥିବେ ତାହାଲେ ସେମାନଙ୍କୁ ୧୦ ମାର୍କ ମିଳିବ। ଯଦି କିଏ ଯୁକ୍ତ ୨ରୁ ଯୁକ୍ତ ୩ ପଢ଼ିଥିବେ ତାହାଲେ ତାଙ୍କୁ ଅଧିକ ୫ ମାର୍କ ମିଳିବ। ଯାହା ଦାବିଦାର ଥିବା ପ୍ରାର୍ଥୀଙ୍କୁ ପ୍ରଦାନ କରାଯାଇଛି। ଯିଏ ଚୟନ ହୋଇଛନ୍ତି ସେ ଯୁକ୍ତ ୩ ପଢ଼ି ଥିବାରୁ ତାଙ୍କୁ ୧୫ ମାର୍କ ଅଧିକ ମିଳିଛି। ସମାନ ଭାବେ ଯିଏ ଦ୍ୱିତୀୟ ସ୍ଥାନରେ ଅଛନ୍ତି, ସେ ଜଣେ ଅନାଥ ଝିଅ। ନିୟମ ଅନୁସାରେ ଅନାଥ ଶ୍ରେଣୀରେ ଯିଏ ପ୍ରାର୍ଥି ଥିବେ ତାଙ୍କୁ ମଧ ୫ ମାର୍କ ଅଧିକ ମିଳିବ। କିନ୍ତୁ ଏହି ୫ ମାର୍କ ସମ୍ପୃକ୍ତ ପ୍ରାର୍ଥି ପାଇ ନାହାନ୍ତି। ଯାହା ଫଳରେ ଚୟନ ହୋଇଥିବା ପ୍ରାର୍ଥିଙ୍କ ଅଧିକ ମାର୍କ ହୋଇଛି। କିନ୍ତୁ ଯୁକ୍ତ ୨ରେ ଦ୍ୱିତୀୟରେ ଥିବା ପ୍ରାର୍ଥିଙ୍କ ଅଧିକ ମାର୍କ ରହିଛି। ତାଙ୍କୁ ଅନୁସୁଚିତ ଜାତି ହିସାବରେ ୧୦ ମାର୍କ ମିଳିଥିବା ବେଳେ ଅନାଥ ଲାଗି ୫ ମାର୍କ ମିଳିନାହିଁ । କାରଣ ସେ ଅନାଥ ଶ୍ରେଣୀର ପ୍ରମାଣପତ୍ର ଦାଖଲ କରି ନାହାନ୍ତି । ତାଙ୍କୁ ବି ଏଥିପାଇଁ ସୁଯୋଗ ଅବା ସମୟ ଦିଆଯାଇନାହିଁ ବୋଲି ଗ୍ରାମର ଜଣେ ଯୁବକ ନିଜ ନାମ ଗୋପନ ରଖି କହିଛନ୍ତି।

ସୂଚନାଯୋଗ୍ୟ, ଏହି ଚୟନ ପ୍ରକ୍ରିୟାକୁ ବିରୋଧ କରି ଗ୍ରାମବାସୀ ଗତ ୨୮ ତାରିଖରେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଥିଲେ। କର୍ମୀ ଚୟନରେ ବ୍ୟାପକ ଅନିୟମିତତା ଏବଂ ଅର୍ଥ କାରବାର ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ।

## ଏବିଭିପିର ନଗର ସମ୍ମିଳନୀ

ବୁଗୁଡ଼ା,୩୦।୧୦(କାଳିଚରଣ ଦାଶ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ କାର୍ଯ୍ୟକ୍ରମ ସ୍ଥାନୀୟ ନିକୁଞ୍ଜ ମୋହନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ବଳଦେବସ୍ୱାମୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯିବା ସହ ନଗର ସମ୍ପାଦକ ସଂଗ୍ରାମ ଦାସ, ସହସମ୍ପାଦକ ଶମ୍ଭୁ ପ୍ରଧାନ, ପ୍ରଭଞ୍ଜନ ସେଠୀ ଓ ଯସ୍ମିନ ପରିଡାଙ୍କ ସମେତ ୩୦ ଜଣଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

## ଲୁହା ଛଡ଼ ଜବତ ; ଜଣେ ଗିରଫ, ୩ ଫେରାର

ଗୋପାଳପୁର,୩୦।୧୦(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଞ୍ଚଳର ଏକ ଘର ଛାତ ପକେଇବା ପାଇଁ ରଖିଥିବା ଲୁହା ଛଡ଼କ ଚୋରି କରିବା ଘଟଣାରେ ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସାନକୁସ୍ଥଳୀ ଗ୍ରାମର ସୁନୀଲ ସେଠି (୨୮)। ଅଭିଯୁକ୍ତ ଠାରୁ ଚୋରୀ ହୋଇଥିବା ପ୍ରାୟ ୧୫ ଶହ କେଜି ଲୁହା ଛଡ଼ ଜବତ ହୋଇଛି। ଗୋଳନ୍ଥରା ଥାନା ଅଧିନସ୍ଥ କନିସି ଗ୍ରାମ ଅଜୟ କୁମାର ପଣ୍ଡା ଠିକା ନେଇ ଘର ନିର୍ମାଣ କାର୍ଯ୍ୟ କରନ୍ତି। ଗୋପାଳପୁର ଥାନା ଅଧିନସ୍ଥ ପଲ୍ଲୀଗୁଲୁଲା ନିକଟରେ ମଞ୍ଜିତା ରଥଙ୍କ ଘର ନିର୍ମାଣ କାର୍ଯ୍ୟ କରୁଥିଲେ। ଚଳିତ ମାସ ୨୬ ତାରିଖରେ ଅଜୟ ଛାତ ପକେଇବା ପାଇଁ ଲୁହା ଛଡ଼ ଆଣି ରଖିଥିଲେ। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଲୁହା ଛଡ଼ ଗୁଡିକ ଚୋରି କରି ନେଉଥିବା ଖବର ପାଇ ଅଜୟ ଆସିଥିଲେ। ଏକ ଡାଲା ଅଟୋରେ କିଛି ଲୋକ ଲୋଡ଼ କରି ନେଉଥିବା ବେଳେ ଅଜୟ ବାଇକ ଯୋଗେ ପିଛା କରିଥିଲେ ମଧ୍ୟ ଟେର ପାଇନଥିଲେ। ଏ ନେଇ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ଥାନା କେଶ ନଂ ୩୭୯/୨୫ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପ୍ରାଥମିକ ତଦନ୍ତରୁ ୪ ଜଣ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ଗୁରୁବାର ସକାଳେ ସୁନୀଲକୁ କାବୁ କରି ଜଗନ୍ନାଥପୁର ନିକଟରେ ଚୋରୀ ହୋଇଥିବା ୨୩ ଟି ଲୁହା ରଡ଼ ବଣ୍ଡଲ ପୋଲିସ ଜବତ କରିଥିଲା। ସନ୍ଧ୍ୟାରେ ସୁନୀଲକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୩ ଜଣ ଫେରାର ଥିବା ପୋଲିସ ସୂଚନା ଦେଇଛି।

# ଋଷିକୁଲ୍ୟା ମୁହାଣ ଖୋଲିଲେ ଗ୍ରାମବାସୀ

ଗଞ୍ଜାମ,୩୦।୧୦(ଅଖିଳ ତରାଇ)

ଗଞ୍ଜାମ ବ୍ଲକର ସମୁଦ୍ରକୂଳ ଅଞ୍ଚଳରେ ଥିବା ମତ୍ସ୍ୟଜୀବୀମାନେ ନିଜର ଦୀର୍ଘ ଦିନର ଦାବିକୁ ପୁନରୁତ୍ଥାନ କରି ନିଜ ଉଦ୍ୟମରେ ଋଷିକୁଲ୍ୟା ନଦୀ ମୁହାଣ ଖୋଲିଛନ୍ତି। ବନ୍ୟା ନିୟନ୍ତ୍ରଣ ଏବଂ ଜୀବିକା ସୁରକ୍ଷାକୁ ନେଇ ଗ୍ରାମବାସୀମାନେ ଏହି ପଦକ୍ଷେପ ନେଇଛନ୍ତି। ପୁରୁଣାବନ୍ଧ, ଅଗସ୍ତି ନୂଆଗାଁ ଏବଂ ଅନ୍ୟାନ୍ୟ ସ୍ଥାନୀୟ ମତ୍ସ୍ୟଜୀବୀମାନେ ମିଳିତ ଭାବେ ଦିନ ତମାମ କଠିନ ପରିଶ୍ରମ କରି ଋଷିକୁଲ୍ୟା ନଦୀର ମୁହାଣକୁ ବଙ୍ଗୋପସାଗର ସହ ମିଶାଇବା ପାଇଁ ଏହି ଖୋଳିବା କାର୍ଯ୍ୟରେ ଲାଗିଥିଲେ। ଗ୍ରାମବାସୀଙ୍କ ଏହି ପ୍ରୟାସ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ମତ୍ସ୍ୟଜୀବୀମାନଙ୍କ କହିବାନୁସାରେ, ଯଦି ନଦୀ ଏବଂ ସମୁଦ୍ରର ମିଶ୍ରଣ ସ୍ଥଳ ସାଧାରଣ ଭାବେ ଖୋଲା ରୁହେ, ତେବେ ନଦୀର ଜଳ ପ୍ରବାହ ସୁଗମ ହେବ ଏବଂ ନଦୀ ମୁହାରେ ଜଳ ଜମା ହେବନାହିଁ। ଏହାଦ୍ୱାରା ପ୍ରତିବର୍ଷ ବନ୍ୟା ଆଶଙ୍କା ଯଥେଷ୍ଟ କମିବ ଏବଂ ଜଳସ୍ତର ନିୟନ୍ତ୍ରଣରେ ରହିବ। ବର୍ତ୍ତମାନର ବନ୍ୟା ପରିସ୍ଥିତିରେ ମୁହାଣ ଖୋଲିବା ନଦୀର ଜଳସ୍ତର କମାଇବାରେ ତୁରନ୍ତ ସହାୟକ ହେବ। କେବଳ ବନ୍ୟା ନୁହେଁ, ଏହି ମୁହାଣ



ଋଷିକୁଲ୍ୟା ମୁହାଣ ଖୋଲୁଛନ୍ତି ଗ୍ରାମବାସୀ

### ବନ୍ୟା, ଜୀବିକା ପାଇଁ ଦୀର୍ଘ ଦିନର ଦାବିର ପୁନରାବୃତ୍ତି

ଖୋଲିବା ସେମାନଙ୍କ ଜୀବିକା ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନଦୀ ଏବଂ ସମୁଦ୍ର ମଧ୍ୟରେ ସୁଗମ ଜଳ ପ୍ରବାହ ଯୋଗୁ ମାଛ ଧରିବା ଅଧିକ ସୁବିଧାଜନକ ହେବ। ଏହା ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କର ଜୀବିକା ସୁଦୃଢ଼ ହୋଇପାରିବ ବୋଲି ସେମାନେ ଦୃଢ଼ ବିଶ୍ୱାସ ରଖିଛନ୍ତି। ଦୀର୍ଘ ଦିନ ଧରି ଏହି ଦାବି ସରକାରଙ୍କ ନିକଟରେ କରାଯାଉଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ନ ହେବାରୁ ଗ୍ରାମବାସୀମାନେ ଶେଷରେ ଏହି ପଦକ୍ଷେପ ନେଇଛନ୍ତି। ଏ ଦିଗରେ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ସେମାନେ ଅନୁରୋଧ କରିଛନ୍ତି।

# ପାହାଡ଼ରୁ ଖସୁଛି ମାଟି ଅତଡ଼ା

ମୋହନା,୩୦।୧୦(ମନ୍ମଥ ମିଶ୍ର):

ବାତ୍ୟା ପ୍ରଭାବରେ ହୋଇଥିବା ଲଗାଣ ବର୍ଷାରେ ଗତ ୨ ଦିନରେ ଗଜପତି ଜିଲାର କେତେକ ପାହାଡ଼ରୁ ମାଟି ଧସିଛି। ଗୁରୁବାର ବର୍ଷା କମିଥିଲେ ମଧ୍ୟ ମୋହନା ବ୍ଲକର ଘାଟି ରାସ୍ତାରେ ଏବେ ବି ପାହାଡ଼ରୁ ମାଟି ଅତଡ଼ା ଖସୁଥିବାରୁ ଗାଡ଼ିମୋଟର ଯାତ୍ରୀ ଓ ସ୍ଥାନୀୟ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବ୍ଲକ ଅନ୍ତର୍ଗତ ଲୁହଗୁଡ଼ି ପଞ୍ଚାୟତ ବାଲିବାଡ଼ ଗାଁ ଘାଟି ରାସ୍ତାରେ ପାହାଡ଼ ଧସିବା ଆରମ୍ଭ ହୋଇଛି। ମାଟି ଖସି ଏବେ ରାସ୍ତା ଅବରୋଧ କରୁଛି। ଫଳରେ ୫ ଖଣ୍ଡ ଗାଁ ଯଥା ବାଲିବାଡ଼, ରାମଚନ୍ଦ୍ରପୁର, ଶ୍ୟାମଚନ୍ଦ୍ରପୁର, ଓ ଜୋଳାମ୍ବାକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବାତ୍ୟା ମୋନ୍ଥା ପ୍ରଭାବରେ ଦୁହାକୁ ଦୁହା ଯେଉଁ ବର୍ଷା ଲାଗି ରହିଥିଲା ତାହା ଏବେ ପାହାଡ ଉପରୁ ପାଣି ଝରି ଚାଲିଛି। ଫଳରେ ମାଟି ଅତଡ଼ା ଖସିବାରେ ଲାଗିଛି। ରାସ୍ତା ସ୍ୱାଭାବିକ କରିବା ପାଇଁ ପ୍ରଶାସନ ପକ୍ଷରୁ ଜେସିବି ମେସିନ ମାଧ୍ୟମରେ ରାସ୍ତାରୁ ମାଟି ଅତଡ଼ା ସହ ପଥର ହଟାଯାଉଛି।

### ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

# ଛତ୍ରପୁର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ



ଛତ୍ରପୁର,୩୦।୧୦(ଦିଲୀପ ସାମଲ):

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହୋଇଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଗଞ୍ଜାମ ଜିଲା ଛତ୍ରପୁର କେନ୍ଦ୍ରୀୟ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ ଅଭିପ୍ସା ସେଠୀ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହା ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କିଶୋରୀ ବାଳିକାମାନଙ୍କୁ ସଶକ୍ତ କରିବା ପାଇଁ ଏକ ପଦକ୍ଷେପ ଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମର ବିଜେତାମାନଙ୍କୁ ସମ୍ମାନିତ କରିଥିଲେ। ରାଜ୍ୟର ୨୭ଟି ଜିଲାର ପ୍ରତିନିଧିମାନେ ଆସିଥିବା ବେଳେ ଅଭିପ୍ସା ଗଞ୍ଜାମ ଜିଲାରୁ ପ୍ରତିନିଧିତ୍ୱ କରୁଥିଲେ। ବିଭାଗର କମିଶନର ସହ ପ୍ରମୁଖ ସଚିବ ଶୁଭା ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ସ୍କୁଲର ପ୍ରିନ୍ସିପାଲ ରାଜେନ୍ଦ୍ର କୁମାର ପଣ୍ଡା ଏବଂ ଅନ୍ୟ ଶିକ୍ଷକମାନେ ଅଭିପ୍ସାଙ୍କୁ ସହଯୋଗ କରିବା ସହ ଉତ୍ସାହିତ କରିଥିଲେ।

# ସାଇବର ଠକେଇ ରୋକିବା ପାଇଁ ସତର୍କତା ଏକମାତ୍ର ବିକଳ୍ପ



### ସାଇବର ସୁରକ୍ଷା ଅଭିଯାନ

ରାଇକିଆ, ୩୦।୧୦ (ପ୍ରଦୀପ ବେହେରା)

ଇଣ୍ଟରନେଟର ବହୁଳ ବ୍ୟବହାର ସହିତ ତାଳ ଦେଇ ସାଇବର କ୍ରାଇମ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ମୋବାଇଲ ବ୍ୟବହାର ପ୍ରମୁଖ କାରଣ ସାଜିଥିବା ବେଳେ ସତର୍କତା ହିଁ ଏହାକୁ ରୋକିବାରେ ଏକ ମାତ୍ର ବିକଳ୍ପ ବୋଲି ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ରାଇକିଆ ଥାନା ଆଇଆଇସି ଆଶୁତୋଷ ପାଇକରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୁଲବାଣୀ ସାଇବର ଥାନା ଆଇଆଇସି ଗେଲି ସାହୁ ଯୋଗଦେଇ ସାଇବର ଠକେଇକୁ ରୋକିବାପାଇଁ ମୋବାଇଲରେ ସୁରକ୍ଷିତ ପାସୱାର୍ଡ଼ ବ୍ୟବହାର, ଇଣ୍ଟରନେଟ ବ୍ୟବହାର କରି ଆର୍ଥିକ ନେଣଦେଣ କାରବାରରେ ଯଥେଷ୍ଟ ସତର୍କତା ଅବଲମ୍ବନ ସହ ଲୋଭନୀୟ ଅଫର ଠାରୁ ଦୂରେଇ ରହିବା, କୌଣସି ଲିଙ୍କ ମାଧ୍ୟମରେ କେୱାଇସି ଅପଡେଟ ନ କରିବା, ମୋବାଇଲରେ ସର୍ଚ୍ଚ ଇଞ୍ଜିନ ବ୍ୟବହାର ବେଳେ ସାବଧାନତା ଅବଲମ୍ବନ କରିବା, ଋଣ ପାଇଁ ବିଭିନ୍ନ ପ୍ରକାର ଆପ ବ୍ୟବହାର ବେଳେ ସତର୍କ ରହିବା ନେଇ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଏଭଳି ଘଟଣା କିଛି ଘଟିଲେ ଥାନାରେ ଅଭିଯୋଗ କରିବା ସହ ଏହାର ଆଇନଗତ ଦିଗ ସମ୍ପର୍କରେ ଥାନା ଅଧିକାରୀ ଆଶୁତୋଷ ପାଇକରାୟ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରିନା ପ୍ରଧାନ, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ବେରେଡାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, ଦଡିଙ୍ଗିଆ ସମିତିସଭ୍ୟ ପ୍ରଦୀପ ପ୍ରଧାନ, ନାରାୟଣ ମହାନ୍ତି, ପୋଲିସ ବିଭାଗ କର୍ମଚାରୀଙ୍କ ସମେତ ସହରର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର, ଅଭିଯୁକ୍ତ ଜେଲଗଲେ

ଦିଗପହଣ୍ଡି,୩୦।୧୦(ଅଶେଷ ନାଥ ମିଶ୍ର)

ସାନଖେମୁଣ୍ଡି ବ୍ଲକ୍ ଅଞ୍ଚଳର ଜଣେ ବିବାହିତାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପାଟପୁର ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟକୁ ଚାଲାଣ କରିଛି। ସେ ହେଲେ ପପୁ ଦାସ। ମାମଲା ନଂ.୪୮୧/୨୫ ଅନୁଯାୟୀ ଜାମିନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ପପୁ ତାଙ୍କ ସାହିର ୨ଟି ସନ୍ତାନ ଥିବା ଜଣେ ମହିଳାଙ୍କୁ ସ୍ତ୍ରୀର ମର୍ଯ୍ୟାଦା ଦେବାର ପ୍ରତିଶ୍ରୁତି ଦେଇ ପ୍ରେମ କରିବା ସହ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ମହିଳାଙ୍କ ସ୍ୱାମୀ ଘଟଣା ଜାଣିବା ପରେ ସାହିରେ ସଭା କରିଥିଲେ। ସଭାରେ ମହିଳା ଜଣକ ବିବାହ ପାଇଁ ପପୁଙ୍କୁ କହିବାରୁ ସେ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ପରେ ମହିଳା ଜଣକ ପାଟପୁର ଥାନାରେ ଏତଲା ଦେବାପରେ ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସଆଇ ସୁଲେମାନ ଭୁୟାଁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଉଭୟ ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଇବା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି।

# କାମ୍ପ, କଳିଙ୍ଗ ଜାତିକୁ ପଛୁଆବର୍ଗରେ ସାମିଲ ଦାବି କଲେ ରାଜ୍ୟ ଭାଜପା ଉପ ସଭାପତି

ପାରଳାଖେମୁଣ୍ଡି,୩୦।୧୦(ଗିରିଧାରୀ ପରିଚ୍ଛା):

ଗଜପତି ଜିଲାର ବରିଷ୍ଠ ଭାଜପା ନେତା ତଥା ରାଜ୍ୟ ଭାଜପା ଉପସଭାପତି କେ.ନାରାୟଣ ରାଓ ଭୁବନେଶ୍ୱରଠାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ପଛୁଆ ବର୍ଗ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏକ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗଜପତି ଜିଲାରେ ବିଶେଷକରି ପାରଳାଖେମୁଣ୍ଡି ନିର୍ବାଚନୀ ମଣ୍ଡଳୀରେ ବହୁଳ ଭାବେ ବାସ କରୁଥିବା କାମ୍ପ, କଳିଙ୍ଗ, ପାଲ୍ଲୀ, ଅଗ୍ନିକ୍ଷେତ୍ରିୟ ଆଦି ଜାତିର ଲୋକଙ୍କୁ କେନ୍ଦ୍ରୀୟ ପଛୁଆ ବର୍ଗରେ ସାମିଲ କରିବାକୁ ସେ ଦାବି ଜଣାଇଥିଲେ। କେନ୍ଦ୍ର ସରକାରଙ୍କ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଆହିରଙ୍କ ନିକଟରେ ସେ ଏହି ଦାବି ଜଣାଇଥିଲେ। ରାଜ୍ୟ ଅତିଥି ଭବନ ପରିସରରେ ଆୟୋଜିତ ଏହି ଶୁଣାଣି କାର୍ଯ୍ୟକ୍ରମ ବେଳେ ରାଜ୍ୟ ଭାଜପା ପଛୁଆ ବର୍ଗ ମୋର୍ଚ୍ଚା ସଭାପତି ସୁରଥ ବିଶାଳଙ୍କ ସମେତ ଅନେକ କାମ୍ପ, କଳିଙ୍ଗ, ପାଲ୍ଲୀ ଜାତିର ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜାତିଗୁଡ଼ିକୁ ପଡୋଶୀ ଆନ୍ଧ୍ର ପ୍ରଦେଶରେ ବହୁ ପୂର୍ବରୁ କେନ୍ଦ୍ରୀୟ ପଛୁଆ ଜାତି ଭାବେ ବିଚାର କରାଯାଉଛି। ଓଡ଼ିଶାରେ ଏମାନଙ୍କୁ କେନ୍ଦ୍ରୀୟ ପଛୁଆ ବର୍ଗରେ ସାମିଲ କରାଗଲେ କେନ୍ଦ୍ର ସରକାରଙ୍କ ମଙ୍ଗଳ ଯୋଜନା ଗୁଡ଼ିକରେ ସୁବିଧାରେ ଏହି ବର୍ଗର ଲୋକେ ଉପକୃତ ହେବେ ବୋଲି ନାରାୟଣ ରାଓ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ଆସିକା,୩୦।୧୦(ସୁରେନ୍ଦ୍ର ନାଥ ସାହୁ):

ଆସିକା ବିଜ୍ଞାନ ମହାବିଦ୍ୟାଳୟ ଓ କେନ୍ଦୁପଦରସ୍ଥିତ ଏନ୍‌ବିସି ମହାବିଦ୍ୟାଳୟରେ ଗୁରୁବାର ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍କାଉଟ, ଗାଇଡ ଓ ରୋଭର ଲିଡର ଅଧ୍ୟାପକ ସରୋଜ କୁମାର ପଣ୍ଡା ସଂଯୋଜନା କରିଥିଲେ। ଏହି ଅବସରରେ କଲେଜ ଛାତ୍ରୀଛାତ୍ରମାନେ ଦୁର୍ନୀତିର ମୂଳ ଉତ୍ପାଟନ ନିମନ୍ତେ କାର୍ଯ୍ୟ କରିବା, ଜୀବନର ପ୍ରତିଟି କ୍ଷେତ୍ରରେ ସଚେତନତା ଓ ଆଇନର ଶାସନକୁ ଅନୁପାଳନ କରିବା, ଉତ୍କୋଚ ଦେବା ନାହିଁ କି ନେବା ନାହିଁ, ସମସ୍ତ ଦାୟିତ୍ୱକୁ ସାଧୁତା ଓ ସ୍ୱଚ୍ଛତାର ସହ କରିବା ଏବଂ ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଦୃଷ୍ଟିକୁ ଆସିଲେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି ଶପଥପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଭୂତି ଭୂଷଣ ବେବର୍ତ୍ତା, ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଅଧ୍ୟାପକ ରାଜେଶ କୁମାର ସାହୁ, ବିମ୍ବରାଜ ପାଢୀ ପ୍ରମୁଖ ସାମିଲ ଥିଲେ। ସେହିଭଳି କେନ୍ଦୁପଦର କଲେଜରେ ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ଶାଖାର ଅପରେଶନ ମ୍ୟାନେଜର ନରସିଂହ ପାଢୀ, ମାନବ ସମ୍ବଳ ଅଧିକାରୀ ଦିଲ୍ଲୀପ କୁମାର ରାଉତରାୟ, ଖବରଦାତା ଯୋଗେନ୍ଦ୍ରନାଥ ପ୍ରଧାନ, ହରିହର ପାଢୀ ପ୍ରମୁଖ ଯୋଗଦେଇ ଦୁର୍ନୀତି କିଭଳି ରୋକାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

# ଦୁର୍ନୀତିର ନିବାରଣରେ ଦେଶର ବିକାଶ ସମ୍ଭବ

ଜି.ଉଦୟଗିରି,୩୦।୧୦(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ସ୍ଥିତ କଳିଙ୍ଗ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକଙ୍କ ସଭାପତିତ୍ୱ କରିଛନ୍ତି। ବର୍ତ୍ତମାନର ସ୍ଥିତିରେ ଦୁର୍ନୀତି ହିଁ ଦେଶର ତଥା ସମାଜର ବିକାଶରେ ପ୍ରତିବନ୍ଧକ ସାଜିଥିବା ଦେଖିବାକୁ ମିଳିଛି। ଆର୍ଥିକ, ସାମାଜିକ ଏବଂ ରାଜନୈତିକ କ୍ଷେତ୍ରରେ ଏହାର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ତେଣୁ ଦୁର୍ନୀତିର ବିନାଶରେ ହିଁ ଦେଶର ବିକାଶ ସମ୍ଭବ ବୋଲି ଆଲୋଚନାରେ ଅଂଶଗ୍ରହଣ କରି ଓଡ଼ିଆ ବିଭାଗ ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆ, ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ରାଜେଶ୍ ବାଗ୍ ଓ ଅର୍ଥନୀତି ବିଭାଗ ଅଧ୍ୟାପକ ରଞ୍ଜିତ ନାୟକ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟକ୍ଷ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପକ ତପନ ଚନ୍ଦ୍ର ନାୟକ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଗିରିଶ୍ ମୁଠାମାଝି ଦୁର୍ନୀତି ନିବାରଣ ସମ୍ପର୍କରେ ଶପଥ ଗ୍ରହଣ କରାଇଥିବା ବେଳେ ଧନ୍ୟବାଦ ଦେଇଥିଲେ।

# ସାଇବର ସୁରକ୍ଷା ନିମନ୍ତେ ସଚେତନତା

ଛତ୍ରପୁର/ଗଞ୍ଜାମ,୩୦।୧୦(ଦିଲୀପ ସାମଲ/ବିଦ୍ୟାଧର ସାହୁ/ଅଖିଳ ତରାଇ):

ଗଞ୍ଜାମ ପୋଲିସ ପ୍ରଶାସନ ତରଫରୁ ଛତ୍ରପୁର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପ୍ରକୋଷ୍ଠରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଅତିରିକ୍ତ ଆରକ୍ଷୀ ଅଧିକାରୀ ସୀମା ସ୍ୱାଇଁ, ଉପଖଣ୍ଡ ପୋଲିସ ଅଧିକାରୀ ଚନ୍ଦନ କୁମାର ଘଡେଇ, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ସାଇବର ଅଧିକାରୀ କିରଣ କୁମାର ସ୍ୱାଇଁ ଉପସ୍ଥିତ ରହି ସାଇବର ଠକେଇ କ'ଣ ଓ କିପରି ହୁଏ ତାହା ଜଣାଇଥିଲେ। ଭୁଲବଶତଃ ସାଇବର ଠକାମୀର ଶିକାର ହେଲେ ତୁରନ୍ତ ୧୯୩୦ କିମ୍ବା ୧୦୪୫ ନଂ କିମ୍ବା www.cyber.gov.inକୁ ତୁରନ୍ତ ଜଣାଇବା ପାଇଁ କହିଥିଲେ। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ସୁରେନ୍ଦ୍ରନାଥ ପାଢ଼ୀ, କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର ପାଢ଼ୀ, ସମ୍ପାଦକ ସୋମନାଥ ସାହୁ, ଉପସଭାପତି ପ୍ରଶାନ୍ତ କୁମାର ଶତପଥୀ, ସହ ସମ୍ପାଦକ ସନ୍ତୋଷ କୁମାର ବଡ଼ତ୍ୟା, କୋଷାଧ୍ୟକ୍ଷ ଜି. ପାପା ରାଓ ପୋଲିସ ଅଧିକାରୀଙ୍କ ସହ ମଞ୍ଚାସୀନ ଥିଲେ। ଉପଦେଷ୍ଟା ନରସିଂହ ଆଚାରୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସେହିପରି ଗଞ୍ଜାମ ଥାନା ପୋଲିସ ପକ୍ଷରୁ ଗୁରୁବାର ଗ୍ରାସୀମ କମ୍ପାନୀ କାର୍ଯ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କମ୍ପାନୀ ୟୁନିଟ ହେଡ଼ ଅଜୟ ଗୁପ୍ତା, ମାନବ ସମ୍ବଳ ଅଧିକାରୀ ତଥା ଏଚ୍‌ଆର ହେଡ଼ ନୀରୋଜ ପଟ୍ଟନାୟକ, ସିଏସ୍‌ଆର ମୁଖ୍ୟ ସୁସ୍ମିତା ବେହେରା, ଆଡିଶନାଲ ଏସ୍‌ପି ସୀମା ସ୍ୱାଇଁ, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼ାଇ, ଆଇଆଇସି ସୁମିତ୍ରା ପାତ୍ର ଏବଂ ଏସ୍‌ଆଇ ଅନିରୁଦ୍ଧ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସମାଜରେ ବଢିଚାଲିଥିବା ସାଇବର କ୍ରାଇମକୁ ନିୟନ୍ତ୍ରଣ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଆଇଆଇସି ସୂଚନା ଦେଇଛନ୍ତି।


**ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ.**
ମୁଖ୍ୟ କାର୍ଯ୍ୟାଳୟ, ଟାଉନ୍ ହଲ୍ ରୋଡ୍, ବ୍ରହ୍ମପୁର, ଗଞ୍ଜାମ
ନୋଟିସ କ୍ର. ନଂ. ୨୯୬୮/୨୦୨୫-୨୬ ତା୩୦।୧୦।୨୦୨୫

**ସୂଚନା**

ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିମିଟେଡ୍, ବ୍ରହ୍ମପୁର ଅନ୍ତର୍ଗତ ସମସ୍ତ ଅଂଶୀଦାର ସଭ୍ୟ ଓ ସଭ୍ୟାମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୭୯ତମ ବାର୍ଷିକ ସାଧାରଣ ସଭା/ବୈଠକ ଆସନ୍ତା ତା୧୪।୧୧।୨୦୨୫ରିଖ (ଶୁକ୍ରବାର) ଦିନ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ., ବ୍ରହ୍ମପୁରର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ଯୋଗଦାନ କରିବା ପାଇଁ ସମସ୍ତ ଯୋଗ୍ୟ ବିବେଚିତ ସଭ୍ୟ ଓ ସଭ୍ୟାମାନଙ୍କୁ ଅନୁରୋଧ।

**କାର୍ଯ୍ୟସୂଚୀ**

୧. ପୂର୍ବ ଅଧିବେଶନର ବିବରଣୀ ପଠନ ଓ ଦୃଢ଼ୀକରଣ। ୨. ୨୦୨୪-୨୫ ଆର୍ଥିକ ବର୍ଷର ସମୀକ୍ଷା ରିପୋର୍ଟ (Statutory Audit Report) ବିବରଣୀ ପଠନ ଏବଂ ଅନୁମୋଦନ। ୩. ୨୦୨୫-୨୬ ମସିହା ଆର୍ଥିକ ବାର୍ଷିକ ପାଇଁ ବ୍ୟବସାୟଗତ କାର୍ଯ୍ୟକ୍ରମ ଓ ବାର୍ଷିକ ଚିଠା ଅଟକଳର ଅନୁମୋଦନ। ୪. ଅତିରିକ୍ତ ବଜେଟ - ୨୦୨୪-୨୫ ମସିହା ନିମନ୍ତେ ପଠନ ଏବଂ ଅନୁମୋଦନ। ୫. ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷର ସମୀକ୍ଷା ନିମନ୍ତେ ଆର୍‌ବିଆଇ (RBI)ର ଅନୁମୋଦନ ଅନୁଯାୟୀ ସମୀକ୍ଷକ (ଷ୍ଟାଚୁଟୋରୀ ଅଡିଟର)ଙ୍କ ନିଯୁକ୍ତି। ୬. ୨୦୨୪-୨୫ ଆର୍ଥିକ ବର୍ଷର ଲାଭାଂଶ ବଣ୍ଟନ ଓ ଏହାର ଅନୁମୋଦନ। ୭. ୨୦୨୩-୨୪ ଆର୍ଥିକ ବର୍ଷର ସମୀକ୍ଷା ପ୍ରମାଣପତ୍ର (Audit Certificate) ପଠନ ଏବଂ ଅନୁମୋଦନ। ୮. ବ୍ୟାଙ୍କର ଉପବିଧି କ୍ର. ନଂ. ୧୧(ଘ), ତା୧୮।୧୦।୨୦୨୫ ଅନୁଯାୟୀ ବରୋଇଂଗ ପାୱାର (Borrowing Power) ବର୍ଦ୍ଧିତ ପାଇଁ Bye-Law Amendment ନିମନ୍ତେ ମଞ୍ଜୁରୀ। ୯. ଅନ୍ୟାନ୍ୟ ବିଷୟ (ସଭାପତିଙ୍କ ଅନୁମତି କ୍ରମେ)।

ପରିଚାଳନା ପରିଷଦର ଆଦେଶ କ୍ରମେ
ସ୍ୱା./- (ଭରତ ଚନ୍ଦ୍ର ସାହୁ), ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିମିଟେଡ୍, ବ୍ରହ୍ମପୁର-ଗଞ୍ଜାମ



**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-VHF-KUR-511, ତା.23.10.2025ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସର୍ବନିମ୍ନ ସ୍କୋୟାର ଉପକରଣଗୁଡ଼ିକ ଦ୍ୱାରା 101 ସ୍ଥାନଗୁଡ଼ିକ ନିମନ୍ତେ 25 ୱାଟ୍ ଡିଜିଟାଲ VHF ସେଟ୍‌ର ବ୍ୟବସ୍ଥା।
ଟେଣ୍ଡର ମୂଲ୍ୟ (₹): 68,55,447.26, EMD (₹) : 1,37,100.00।
ବିଡ୍ ଆରମ୍ଭ ହେବା ତାରିଖ : ତା.31.10.2025ରିଖ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.11.2025 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-740/Q/25-26



**SEBI** भारतीय प्रतिभूति और विनिमय बोर्ड Securities and Exchange Board of India

**ନିଯୁକ୍ତି - ୨୦୨୫**

**ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଅଫିସର ଗ୍ରେଡ୍ "ଏ" ପଦବୀ ଲାଗି ଆବେଦନ**

ପ୍ରତିଭୂତି ବଜାରର ବିକାଶ ଏବଂ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଭୂତି ନିବେଶକଙ୍କ ସ୍ୱାର୍ଥକୁ ସୁରକ୍ଷା ଯୋଗାଇବା ନିମନ୍ତେ ଏକ ସଂସଦୀୟ ଅଧିନିୟମ ଭାବେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବୀ)ର ପ୍ରତିଷ୍ଠା କରାଯାଇଛି। ସେବୀ ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଗ୍ରେଡ୍ 'ଏ'ରେ ଅଫିସର ପଦବୀରେ ନିଯୁକ୍ତି ଲାଗି ଭାରତୀୟ ନାଗରିକଙ୍କଠାରୁ ଆବେଦନ ଆହ୍ୱାନ କରୁଛି।
ଆବେଦନକୁ **ଅନ୍‌ଲାଇନ୍‌ରେ ଅକ୍ଟୋବର ୩୦, ୨୦୨୫ରୁ ନଭେମ୍ବର ୨୮, ୨୦୨୫** ପର୍ଯ୍ୟନ୍ତ ପୂରଣ କରାଯାଇପାରିବ।
ସବିଶେଷ ବିଜ୍ଞାପନ ଏବଂ ଅନ୍‌ଲାଇନ୍ ଆବେଦନ ପତ୍ର ପାଇଁ ସେବୀର ନିମ୍ନଲିଖିତ ୱେବସାଇଟ୍ ପରିଦର୍ଶନ କରନ୍ତୁ: https://www.sebi.gov.in/sebiweb/about/AboutAction.do?doVacancies=yes
CBC 15204/11/0175/2526



केनरा बैंक Canara Bank | सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଦାଣ୍ଡିସାହି ଶାଖା** (୧)ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୪୦। | (କ)ଟ.୧୯,୦୦,୦୦୦/- / (ଖ) ୨୮.୧୦.୨୦୨୫ / (ଗ) ୩୦.୧୦.୨୦୨୫ | ୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ପ୍ରଦୀପ କୁମାର ମଲ୍ଲିକ** ଏବଂ **ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍‌ଆରଓ/ତହସିଲି/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ। |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ। ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି। (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

ତାରିଖ: ୩୦.୧୦.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ସଂଖ୍ୟା:** ବିଆର୍-ଏଚ୍‌କ୍ୟୁ-ଏଡିଏ-ଆର୍‌ଏନ୍‌ସି-୨୫-୨୬-୦୬; **କାର୍ଯ୍ୟର ବର୍ଣ୍ଣନା:** "ରାଞ୍ଚି ଆଦ୍ରା ଡିଭିଜନ" – "୨୫ଟି ଏକ୍ସିଲ ଲୋଡେଡ୍ ଫ୍ରେଟ୍ ଟ୍ରେନ୍‌ଗୁଡ଼ିକର @ ୧୦୦ କିମି ପ୍ରତିଘଣ୍ଟା ଚଳାଚଳ ପାଇଁ ସେତୁଗୁଡ଼ିକର ରିଗିର୍ଡରିଂ (କ) ଓର୍ଗା – ହାତୀ ସେକ୍ସନର ସେତୁ ନଂ. ୪୮୯ (୯x୧୮.୩ ମି) ଓ ୫୭୪ (୬x୧୮.୩ ମି) (ଖ) ଓର୍ଗା – ହାତିଆ ସେକ୍ସନର ସେତୁ ନଂ. ୫୨୦ (୧୧x୧୮.୩ ମି) (ଗ) ମୁରି – କୋଟଶିଳା ସେକ୍ସନର ସେତୁ ନଂ. ୧୫୬ ୟୁପି (୯x୧୮.୩ ମି) (ଘ) ଆଦ୍ରା – ଗୋମୋ ସେକ୍ସନର ସେତୁ ନଂ. ୪୦୯ ୟୁପି (୫x୧୨.୨ ମି + ୫x୩୦.୫ ମି) (ଙ) ଆଦ୍ରା – ଚାନ୍ଦିଲ ସେକ୍ସନର ସେତୁ ନଂ. ୪୧୪ ଡିଏନ୍ (୫x୩୦.୫୦ ମି + ୧x୨୪.୪୦ ମି) (ଚ) ଆଦ୍ରା – ମେଦିନାପୁର ସେକ୍ସନର ସେତୁ ନଂ. ୨୮୪ (୧୩x୧୮.୩ ମି) (ଛ) ବୋକାରୋ ଷ୍ଟିଲ୍ ସିଟି – ତଲଗୋରିଆ ସେକ୍ସନର ସେତୁ ନଂ. ୪୪୩ (୧x୧୮.୩ ମି) (ଜ) ଆଦ୍ରା – ଏନ୍.ସି.ବି. ଗୋମୋ ସେକ୍ସନର ସେତୁ ନଂ. ୪୧୨ ଡିଏନ୍ (୧x୩୦.୫ ମି + ୫x୪୫.୭ ମି + ୧x୧୨.୨ ମି) (ଝ) କେଟିଡି – ୟୁଆର୍‌ଏ ଷ୍ଟେଶନର ସେତୁ ନଂ.୩୯୨ ୟୁପି (୨x୧୮.୩ ମି) ଏବଂ ୩୯୪ ୟୁପି (୨x୧୮.୩ ମି)।" **ଟେଣ୍ଡର ମୂଲ୍ୟ:** ₹୧୦୨,୨୧,୦୨,୧୪୫.୧୮; **ଅମାନତ ରାଶି:** ₹୫୨,୬୦,୫୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ; **ବନ୍ଦ ହେବା ତାରିଖ ଓ ସମୟ:** ତା୦୮।୧୨।୨୦୨୫ରିଖ ୧୧.୩୦ ଘଟିକାରେ। **ସମାପ୍ତି ଅବଧି:** ୧୮ (ଅଠର) ମାସ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। (PR-781)



**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. 45-SBP-TRD-OT-2025-26, ତା.23.10.2025ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ 105 sq mm ଜମ୍ପର ପରିବର୍ତ୍ତେ ଆଇସୋଲେଟର ସ୍ଥାନଗୁଡ଼ିକ ଠାରେ 160 sq mm ଜି-ଜମ୍ପର (jumper) ର ବ୍ୟବସ୍ଥା।
ଆନୁମାନିକ ମୂଲ୍ୟ (₹): 42,00,386.32, EMD (₹): 84,000.00, ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.11.2025 ରିଖ 1530 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ।
ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-737/Q/25-26

# ନୂତନ ମର୍ଦ୍ଦରାଜ ମାର୍କେଟ କମ୍ପ୍ଲେକ୍ସରେ ନଭେମ୍ବରରେ ବ୍ୟବସାୟୀଙ୍କୁ ଥଇଥାନ

ବ୍ରହ୍ମପୁର,୩୦।୧୦(ସ୍ମୃତି ରଞ୍ଜନ ମହାଲିକ)

ସହରରେ ବ୍ୟବସାୟୀଙ୍କ ସୁବିଧା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଛି। ଏଭଳି ସ୍ଥଳେ ବିଏମସି ପକ୍ଷରୁ ନବ ନିର୍ମିତ ମର୍ଦ୍ଦରାଜ ମାର୍କେଟ କମ୍ପ୍ଲେକ୍ସ କୋଠା ଗତ ଅଗଷ୍ଟ ୩୧ ତାରିଖରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଉଦଘାଟିତ ହୋଇଥିଲା। କମାପଲ୍ଲୀ ଓଭର ବ୍ରିଜ ତଳେ ବ୍ୟବସାୟ କରୁଥିବା ବ୍ୟବସାୟୀ ଓ ପୁରୁଣା କୋଠାରେ ପୂର୍ବରୁ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଥଇଥାନ ନିମନ୍ତେ ଆସନ୍ତା ମାସରୁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଏମସି ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ର ସୂଚନା ଦେଇଛନ୍ତି। ନୂତନ କୋଠାରେ ବିଦ୍ୟୁତ ସମ୍ବନ୍ଧୀୟ କାର୍ଯ୍ୟ ବାକି ରହିଛି। ଏହାର କାର୍ଯ୍ୟ ଖୁବ ଶୀଘ୍ର ଶେଷ ହେବ। ଏହାପରେ ବ୍ୟବସାୟୀଙ୍କୁ ଥଇଥାନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ସହରରେ ଗେଟ ବଜାର, କର୍ପୋରେସନ ରୋଡ ଓ ଏମକେସିଜି ଫାଟକ ସମ୍ମୁଖରେ ୨ଟି ଭେଣ୍ଡିଙ୍ଗ ଜୋନ ରହିଛି। ଏଥିମଧ୍ୟରୁ ଗେଟ ବଜାର ଓ ମର୍ଦ୍ଦରାଜ ଭେଣ୍ଡିଂ ଜୋନ (ଆମିଷ ବଜାର)ରେ ବ୍ୟବସାୟୀମାନେ ବ୍ୟବସାୟ କରୁଛନ୍ତି। ପୁରୁଣା ମର୍ଦ୍ଦରାଜ ଭେଣ୍ଡିଙ୍ଗ ଜୋନ ବ୍ୟବସାୟୀଙ୍କୁ ଉଚିତ ଥଇଥାନ ପାଇଁ ବିଏମସି ପକ୍ଷରୁ ଗତ ୨୦୨୨ ରେ ମାର୍କେଟ କଂପ୍ଲେକ୍ସ ନିର୍ମାଣ ପ୍ରସ୍ତାବ ପାରିତ ହୋଇଥିଲା। ୨୦୨୩ ଏପ୍ରିଲରେ ନିଗମ ପକ୍ଷରୁ କୋଠା ନିର୍ମାଣ ଘୋଷିତ ହୋଇଥିଲା। କିନ୍ତୁ ଡିପିଆର ପ୍ରସ୍ତୁତି ବିଳମ୍ବରୁ ୨୦୨୩ ମାର୍ଚ୍ଚ ୬ ତାରିଖରେ କାର୍ଯ୍ୟାଦେଶ ପ୍ରଦାନ ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣଧୀନ କୋଠାରେ ୩ ଟି ମହଲା ନିର୍ମାଣ ହୋଇଛି। କଂପ୍ଲେକ୍ସର ତଳ କୋଠାରେ ୨୦୦ ପିଣ୍ଡିର ସୁବିଧା ରହିଛି। ଏଥିରେ ୧୬୦ଟି ବଡ ପିଣ୍ଡି ରହିଛି। ପ୍ରାୟ ୧ ଏକର ଜାଗାରେ କଂପ୍ଲେକ୍ସ ନିର୍ମାଣ କାର୍ଯ୍ୟ ସରିଛି। କିନ୍ତୁ ଥଇଥାନରେ ବିଳମ୍ବ କାରଣରୁ ବର୍ଷା ସମୟରେ ବ୍ୟବସାୟୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ବହୁ ବ୍ୟବସାୟୀ କମାପଲ୍ଲୀ ଓଭର ବ୍ରିଜ ସମେତ କୋର୍ଟପେଟା ମୁଖ୍ୟ ରାସ୍ତା ପାର୍ଶ୍ୱ ଓ ପୁରୁଣା ବିଇଡିଏ କାର୍ଯ୍ୟାଳୟ ପାର୍ଶ୍ୱ ରାସ୍ତାରେ ବ୍ୟବସାୟ କରୁଛନ୍ତି। କିନ୍ତୁ ଆନୁସଙ୍ଗିକ ସୁବିଧା ନ ଥିବା କାରଣରୁ କ୍ଷତି ସହୁଥିବା ବହୁ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଏଣୁ ନୂତନ କୋଠାରେ ଶୀଘ୍ର ଥଇଥାନ ପାଇଁ ବ୍ୟବସାୟୀମାନେ ଦାବି କରିଛନ୍ତି। ଥଇଥାନ ସମୟରେ କୌଣସି ପାତର ଅନ୍ତର ନ କରିବା ପାଇଁ ବ୍ୟବସାୟୀମାନେ କହିଛନ୍ତି। ଏଥିସହ ନୂତନ କୋଠାରେ ପାନୀୟ ଜଳ, ଆଲୋକୀକରଣ ସୁବିଧା ଓ ପରିଷ୍କାର ପରିଛନ୍ନତା କ୍ଷେତ୍ରରେ ବିଏମସି ଦୃଷ୍ଟି ଦେବା ପାଇଁ ବ୍ୟବସାୟୀମାନେ ଦାବି କରିଛନ୍ତି।



ବିଏମ୍‌ସି ପକ୍ଷରୁ ନିର୍ମିତ ନୂତନ ମର୍ଦ୍ଦରାଜ ମାର୍କେଟ କମ୍ପ୍ଲେକ୍ସ।

## ସାପୁଆନାଳରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବ୍ରହ୍ମପୁର, ୩୦।୧୦( ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ ମାୟାପୁରୀ ନିକଟ ଦେଇ ସାପୁଆନାଳରୁ ଗୁରୁବାର ପୋଲିସ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିନାହିଁ। ତାଙ୍କର ଆନୁମାନିକ ବୟସ ୬୦ ହେବ ବୋଲି ପୋଲିସ କହିଛି। ମୃତକଙ୍କ ଦେହରେ କୌଣସି କ୍ଷତ ଚିହ୍ନ ନାହିଁ। ସେ ଶୌଚ ପାଇଁ ଯାଇଥିବା ବେଳେ ଖସି ଯାଇଥିବାରୁ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ନଂ.୩୧/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକଙ୍କ ପରିଚୟ ସ୍ପଷ୍ଟ କରିବା ପାଇଁ ଶବ ସଂରକ୍ଷଣ ଗୃହରେ ମୃତ ଶରୀରକୁ ରଖାଯାଇଛି। ଗୁରୁବାର ନାଳରେ ମୃତଦେହ ଭାସୁଥିବା କିଛି ଲୋକ ଦେଖି ପୋଲିସକୁ ଖବର କରିଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ମୃତଦେହ ଜବତ କରିଥିଲା।

## ଗାଡ଼ି ସଜାଡ଼ିବା ବେଳେ ଅଘଟଣ, ଲକ୍ଷ୍ମୀ ବସ୍ ଚାଳକ ଗୁରୁତର

ବୁଗୁଡ଼ା,୩୦।୧୦(କାଳିଚରଣ ଦାଶ)

ବୁଗୁଡ଼ା ଅଞ୍ଚଳରେ ଚଳାଚଳ କରୁଥିବା ଲକ୍ଷ୍ମୀ ବସରେ ଥିବା ତ୍ରୁଟି ସଜାଡୁଥିବା ବେଳେ ଅଘଟଣ ଘଟି ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବୁଗୁଡାର ଚନ୍ଦ୍ର ଶେଖର ପୋଲାଇ(୪୨)। ତାଙ୍କୁ ପ୍ରଥମେ ବ୍ରହ୍ମପୁର ଏବଂ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ସନ୍ଧ୍ୟାରେ ଲକ୍ଷ୍ମୀ ବସରେ ଥିବା ତ୍ରୁଟି ସୁଧାରିବା ପାଇଁ ଚାଳକ ଚନ୍ଦ୍ର ଜାଗି ଲଗାଇ କାମ କରୁଥିବା ବେଳେ କୌଣସି କାରଣରୁ ଜାଗିଟି ଖସି ପଡିଥିଲା ଏବଂ ତାଙ୍କର ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା ମେଡିକାଲକୁ ନିଆଯାଇଥିଲା। ଚିକିତ୍ସା ପରେ ଘରକୁ ଯାଇ ବିଶ୍ରାମ ନେବାକୁ ଡାକ୍ତର କହିଥିଲେ। ତେବେ ଶିରପୀଡ଼ା ହେବାରୁ ଆଉ ବୁଗୁଡା ଡାକ୍ତରଙ୍କୁ ଭରସା କରିନପାରି ଚନ୍ଦ୍ରଙ୍କ ପରିବାର ଲୋକେ ଘରକୁ ନ ଯାଇ ନିଜସ୍ୱ ବ୍ୟବସ୍ଥାରେ ବ୍ରହ୍ମପୁରକୁ ଯାଇ ମୁଣ୍ଡର ସ୍କାନିଂ କରିଥିଲେ ଏବଂ ଆଘାତ ଯୋଗୁ ଡାହାଣ ପଟ ମୁଣ୍ଡ ଖପୁରୀ ଟିକେ ଦବିଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ଚନ୍ଦ୍ରଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ସ୍କାନିଂ ରିପୋର୍ଟ ଏବଂ ବୁଗୁଡା ଡାକ୍ତରଙ୍କ ପ୍ରେସ୍କ୍ରିପସନ ଦେଖି ବିରକ୍ତ ଭାବ ପ୍ରକାଶ କରିବା ସହ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ।

## ପାଣିରେ ଭାସୁଛି ଧାନ

ଗଞ୍ଜାମ,୩୦।୧୦(ବିଦ୍ୟାଧର ସାହୁ)

ବାତ୍ୟା ପ୍ରଭାବରେ ଏବେ ବି ଗଞ୍ଜାମ ବ୍ଲକ ଅଞ୍ଚଳରେ ବର୍ଷା ଲାଗି ରହିଛି। ବାତ୍ୟା ଯୋଗୁ ହୋଇଥିବା ବର୍ଷା ଓ ପବନରେ ବ୍ଲକ ଅଞ୍ଚଳର ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ବ୍ଲକର ମୟୁର ପଦା, ପୁଇଁତୋଳା, ନୀଳାଦ୍ରି ପୁର, ସୂର୍ଯ୍ୟ ନାରାୟଣ ପୁର, ବରପଲ୍ଲୀ, ଲକ୍ଷ୍ମୀ ପୁର, ଝାଡ଼ କୁଦା, ପାଳିବନ୍ଧ ଆଦି ଅଞ୍ଚଳ ଚାଷ ଜମିରେ ପାଣିରେ ଅଧିକାଂଶ ପାଚିଲା ଧାନ ପାଣିରେ ପଡିଯାଇଛି। ଏହି ବ୍ଲକରେ ୧୨ ହଜାର ୮୭୬ ହେକ୍ଟର ଚାଷ ଜମିରୁ ୮ ହଜାର ୪୭୮ ହେକ୍ଟର ଜମିରେ ଧାନ ଚାଷ ହେଉଅଛି। ଚଳିତ ବର୍ଷ ଅଭାବୀ ସାର ବିକ୍ରି ଯୋଗୁଁ ଅଧିକାଂଶ ଚାଷୀ ସାର ନପାଇ ହଇରାଣ ହୋଇଥିବା ବେଳେ ଚଳିତ ବର୍ଷ ବାତ୍ୟା ଦାଉ ସାଧିଲା ବୋଲି ଲକ୍ଷ୍ମୀପୁର ଅଞ୍ଚଳର ଜଣେ ଚାଷୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ଭାରୋତ୍ତୋଳନ: ଜଗଦୀଶଙ୍କୁ ସ୍ୱର୍ଣ୍ଣ




ମେଡାଲ ସହିତ ଜଗଦୀଶ ନାହାକ ଓ ଅନ୍ୟମାନେ।

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଗତ ୨୮ରୁ ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ଚାମ୍ପିୟନଶିପରେ ବ୍ରହ୍ମପୁରର ଜଗଦୀଶ ନାହାକ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ହରିଡାଖଣ୍ଡି ଶାନ୍ତିନଗର ପ୍ରଥମ ଗଳିରେ ରହୁଥିବାବେଳେ ହନୁମାନ କ୍ଲବରେ କୋଚ ସୀତା ପ୍ରସାଦ ପଟ୍ଟନାୟକଙ୍କ ଅଧୀନରେ ଅଭ୍ୟାସ କରୁଥିଲେ। ସେ ବର୍ତ୍ତମାନ ସିଆଇଏସଏଫରେ କାମ କରୁଛନ୍ତି। ଗତ ୧୩ରୁ ୧୭ ତାରିଖ ମଧ୍ୟରେ ଆନ୍ଧ୍ରର ଗୁଣ୍ଟୁରଠାରେ ଅନୁଷ୍ଠିତ ଅଲ ଇଣ୍ଡିଆ ପୋଲିସ ଗେମରେ ଭାରୋତ୍ତୋଳନରେ ସେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେ ରାଜ୍ୟସ୍ତରୀୟ ଚାମ୍ପିୟନଶିପରେ ସ୍ନାଚରେ ୧୧୭ କେଜି ଓ ଜର୍କରେ ୧୫୦ କେଜି ଏଭଳି ୨୬୭ କେଜି ଭାରୋତ୍ତୋଳନ କରି ଏହି ପଦକ ପାଇଛନ୍ତି ବୋଲି କହିଛନ୍ତି।

## ହତ୍ୟା ଉଦ୍ୟମ ମାମଲା: ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର, ୩୦।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଅତିରିକ୍ତ ଜିଲା ଦୌରା ଜଜ-୨ ଅୟୁଷମାନ ମହନ୍ତ ଏକ ହତ୍ୟା ଉଦ୍ୟମ ମମାଲର ଶୁଣାଣି କରିଛନ୍ତି। ପ୍ରମାଣ ଅଭାବରୁ ସେ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଗଂଜାମ ଥାନା ଅନ୍ତର୍ଗତ ସାନ କାଇଅଁପୁର ଗ୍ରାମର ପି.ମୋହନ ରେଡ୍ଡୀ(୬୫)। ଘଟଣାର ୨୭ବର୍ଷ ପରେ ତାଙ୍କୁ ଏଭଳି ରାୟ ମିଳିଛି। ଏହି ମାମଲାରେ ଅଭିଯୁକ୍ତ ଥିବା ଅନ୍ୟ ୮ଜଣ ଗତ ୨୦୦୪ରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ। ବଡ଼ କାଇଅଁପୁର ଗ୍ରାମର ସୁବାସ ବେହେରା, ହୀନ ବେହେରା ଓ ବଳରାମ ବେହେରା ୧୯୯୮ ଡିସେମ୍ବର ୨୩ରେ ଋଷିକଲ୍ୟା ନଦୀରୁ ମାଛ ଧରି ଗାଁକୁ ଫେରୁଥିଲେ। ସନ୍ଧ୍ୟାରେ ଗାଁ ଛକରେ ସେମାନଙ୍କୁ ଏନ.ଗଣେଶ ରେଡ୍ଡୀ, ପି.ମୋହନ ରେଡ୍ଡୀ ସମେତ ୯ଜଣ ଅଟକାଇ ବୋମାମାଡ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସୁବାସ ବେହେରା ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୨୦/୧୯୯୮ ରେ ଉକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ୨୦୦୪ରେ ଉକ୍ତ ମାମଲାର ବିଚାରଣା ବେଳେ ଗଣେଶ ରେଡ୍ଡୀ ସମେତ ୮ଜଣ କୋର୍ଟରେ ହାଜର ହୋଇଥିବା ବେଳେ ମୋହନ ରେଡ୍ଡୀ ହାଜର ହୋଇନଥିଲେ। କୋର୍ଟ ଉକ୍ତ ୮ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲା। ଅନ୍ୟପଟେ କୋର୍ଟ ମୋହନଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ୨୦୨୫ ଅଗଷ୍ଟ ୪ତାରିଖରେ ପୋଲିସ ମୋହନଙ୍କୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାର ବିଚାରଣା ବେଳେ ୪ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସୁରେନ୍ଦ୍ର ବେହେରା, ପୱନ କୁମାର, ଦମୟନ୍ତୀ ସେଠୀ ଓ ପ୍ରମୋଦ ଚନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ୪ ଦିନ ପରେ ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

ଦିଗପହଣ୍ଡି,୩୦।୧୦(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପଦ୍ମପୁର ପଞ୍ଚାୟତ ମଣିପୁର ଗ୍ରାମ ଡୁମାଖାଳି ଦଳିତ ସାହିର ଦାଦନ ଶ୍ରମିକ ଅଜୟ ନାୟକ (୨୦)ଙ୍କ ତାମିଲନାଡୁର କନ୍ୟାକୁମାରୀଠାରେ ମୃତ୍ୟୁ ଘଟିଛି। ତାଙ୍କ ମୃତଦେହ ବୁଧବାର ବିଳମ୍ବିତ ରାତିରେ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଅନ୍ତିମ ସଂସ୍କାର କରାଯାଇଛି। ଗୁରୁବାର ସାନଖେମୁଣ୍ଡି ବିଡ଼ିଓ ଜିତେନ୍ଦ୍ର ମିଶ୍ର, ସରପଞ୍ଚ ସିମାଞ୍ଚଳ ପ୍ରଧାନ ଅଜୟଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶିର ଚେକ୍ ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଅଜୟ ସେଠାକାର ଏକ ଦିଆସିଲି କାରଖାନାରେ କାମ କରୁଥିଲେ। ସେ ଆକସ୍ମିକ ଅସୁସ୍ଥ ହୋଇପଡ଼ିବାରୁ ଗତ ୪ ଦିନ ହେଲା ସେଠାକାର ଏକ ମେଡ଼ିକାଲରେ ସେ ଚିକିତ୍ସିତ ହେଉଥିଲେ। ରବିବାର ଘରକୁ ଫୋନ୍ କରି ଚିକିତ୍ସା ପାଇଁ ୧ ହଜାର ଟଙ୍କା ପଠାଇବାକୁ ମା'ଙ୍କୁ କହିଥିଲେ। ସନ୍ଧ୍ୟାରେ ଅଜୟଙ୍କ ମୃତ୍ୟୁ ହୋଇଥିବା ମେଡିକାଲ କର୍ତ୍ତୃପକ୍ଷ ତାଙ୍କ ମା'ଙ୍କୁ ଫୋନ କରି ଜଣାଇଥିଲେ। ସରପଞ୍ଚ ଏନେଇ ଜିଲା ଶ୍ରମ ଅଧିକାରୀଙ୍କୁ ସୂଚନା ଦେବା ସହ ମୃତଦେହ ଗାଁକୁ ଆଣିବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଅଜୟ ତାଙ୍କ ବାପାଙ୍କ ମୃତ୍ୟୁ ପରେ ମା ଓ ଭଉଣୀଙ୍କ ସହ ଗାଁରେ ରହୁଥିଲେ। ବାହାରେ କାମ କରି ପରିବାର ଚଳାଇବା ପାଇଁ ଚିନ୍ତା କରି ସେ ଜଣେ ଦାଦନ ସର୍ଦ୍ଦାରଙ୍କ ସହ କନ୍ୟାକୁମାରୀ ଯାଇ ଦିଆସିଲି କାରଖାନାରେ ସ୍ୱଳ୍ପ ମଜୁରୀରେ କାମ କରୁଥିଲେ ବୋଲି ତାଙ୍କ ଭଉଣୀ ବନିତା କହିଛନ୍ତି।

## ମହିଳାଙ୍କୁ ଧମକ ସହ ବୋମାମାଡ ମାମଲାରେ ୨ ଭାଇ ଗିରଫ

ବ୍ରହ୍ମପୁର, ୩୦।୧୦( ସୁବାସ ଚନ୍ଦ୍ର ପାଢ଼ୀ)

ଜନୈକା ମହିଳାଙ୍କୁ ଧମକଚମକ ଦେବା ସହ ଘର ଉପରକୁ ବୋମାମାଡ ଅଭିଯୋଗରେ ବଡ଼ବଜାର ଥାନା ପୋଲିସ ୨ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ଆସ୍କାରୋଡ ଧାନମେରା ସାହିର ରୋହନ ବିଷୋୟୀ(୨୩) ଓ ତାଙ୍କ ଭାଇ ହସିନା ବିଷୋୟୀ(୨୫)। ଏହି ଘଟଣାରେ ଅନ୍ୟ କେତେକ ଅଭିଯୁକ୍ତ ଫେରାର ରହିଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ପୋଲିସ କହିଛି। ମାମଲା ନଂ. ୪୮୬/୨୫ରେ ୨ ଭାଇଙ୍କୁ କୋର୍ଟଚାଲାଣ କରାଯାଇଛି। ଉକ୍ତ ସାହିରେ ରହୁଥିବା ଅଞ୍ଜଳି ବିଷୋୟୀ ଗତ ମାସ ୨୫ ତାରିଖ ରାତ୍ର ଘରେ ଥିବା ବେଳେ ତାଙ୍କ ପଡୋଶୀ ଘର ଲୋକ ତାଙ୍କ ସହ ଝଗଡା କରିଥିଲେ। ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ଧମକ ଦେବା ସହ ଘର ଉପରକୁ ଟେକା ପଥର ଫିଙ୍ଗିଥିଲେ। ସେ କବାଟ ବନ୍ଦ କରି ଘର ଭିତରେ ରହିଯାଇଥିଲେ। ପୁଣିଥରେ ୨୬ ତାରିଖ ସକାଳେ ସଂଘବଦ୍ଧ ହୋଇ ୭/୮ ଜଣ ଯୁବକ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ପୁଣି ଧମକଚମକ ଦେଇ ଜୀବନରେ ମାରିଦେବା ଲକ୍ଷ୍ୟରେ ବୋମା ଫିଙ୍ଗିଥିଲେ। ବୋମାଟି ତାଙ୍କ କାନ୍ଥରେ ବାଜି ନିକଟରେ ଛିଡା ହୋଇଥିବା ମୋହିନୀ ପାତ୍ର ଓ ବୃନ୍ଦାବନ ନାୟକଙ୍କୁ ବୋମାର ଛିଟା ବାଜି ସେମାନେ ସାମାନ୍ୟ ଆହତ ହୋଇଥିଲେ। ଏପରିକି ତାଙ୍କ ସମ୍ପର୍କୀୟମାନେ ସେମାନଙ୍କୁ ବୁଝସୁଝା କରିବାକୁ ଆସିଥିବା ବେଳେ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ପରେ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ।

# ଫସଲ କ୍ଷତି ଅନୁଧ୍ୟାନ କଲେ ଜିଲାପାଳ

ଛତ୍ରପୁର,୩୦।୧୦(ଦିଲ୍ଲୀପ ସାମଲ):

ବାତ୍ୟା ପ୍ରଭାବରେ ହୋଇଥିବା ବର୍ଷା ଯୋଗୁ ଚାଷଜମିରେ ପାଣି ଜମିଥିବାରୁ ଚିନ୍ତାରେ ଚାଷୀ। ଛତ୍ରପୁର ବ୍ଲକ ଅଗସ୍ତିନୁଆଗାଁରେ ହେକ୍ଟର ହେକ୍ଟର ଧାନ ଜମିରେ ପାଣି ଠିକ ଭାବେ ନିଷ୍କାସନ ନହୋଇ ଜମି ରହିଛି। ଧାନ ଫସଲ ନଷ୍ଟ ହେବା ଆଶଙ୍କା ଥିବା ଚାଷୀ କହିଛନ୍ତି । ଗୁରୁବାର ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନ ଜମି ଅନୁଧ୍ୟାନ କରିବା ସହ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ବର୍ଷା ସତ୍ତ୍ୱେ କାଦୁଅ ବିଲ ରାସ୍ତାରେ ଯାଇ ଜିଲାପାଳ ସ୍ଥିତି ପରଖିଥିଲେ । ଋଷିକୁଲ୍ୟାର ପାଣି ଠିକ ନିଷ୍କାସନ ହୋଇପାରୁନଥିବାରୁ ଏହି ସମସ୍ୟା ଦେଖାଦେଉଛି । ଗାର୍ଡ ୱାଲ, ମୁହାଣ ଖନନ ହୋଇପାରିଲେ ଏହି ସମସ୍ୟା ହେବ ନାହିଁ ବୋଲି ଚାଷୀମାନେ ଜିଲାପାଳଙ୍କୁ କହିଥିଲେ। ଫସଲ ଜମିରେ ପାଣି କମିଲେ ସଠିକ କ୍ଷତି ଆକଳନ ସମେତ ଯେଉଁ ସମସ୍ୟା ରହିଛି ତାହାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ପରିଦର୍ଶନ ବେଳେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି,ବିଡିଓ ସମ୍ପିତ ସଂଗ୍ରାମଜିତ ସାହୁଙ୍କ ସମେତ କୃଷି ବିଭାଗ ଉପସ୍ଥିତ ଥିଲେ ।



## ସାଇବର ଗ୍ୟାଙ୍ଗ ନେଇଗଲେ ୬ ଲକ୍ଷ

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ନିଜ ମୋବାଇଲକୁ ଏକ ଅଜଣା ନମ୍ବରରୁ ଆସିଥିବା ଏପିକେ ଫାଇଲକୁ କ୍ଲିକ କରିଥିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡିଛି। ସାଇବର ଗ୍ୟାଙ୍ଗ ତାଙ୍କ ଏକାଉଣ୍ଟରୁ ୧୦ ମିନିଟ ମଧ୍ୟରେ ୬ ଲକ୍ଷରୁ ଅଧିକ ଟଙ୍କା ନେଇଯାଇଛନ୍ତି। ଏ ନେଇ ସେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୮୬/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବ୍ରହ୍ମପୁର ସହରର ଏହି ବ୍ୟକ୍ତି ଜଣଙ୍କ ଏକ ଘରୋଇ କମ୍ପାନୀରେ ଟ୍ରାନ୍ସପୋର୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି । ୨ ଦିନ ତଳେ ସେ ଅଫିସ କାମରେ ଭଞ୍ଜନଗର ଯାଇଥିଲେ । ଏହି ସମୟରେ ତାଙ୍କ ମୋବାଇଲକୁ ଏକ ଅଜଣା ନମ୍ବର(୯୩୪୬୫୩୮୦୫୫)ରୁ ଗୋଟିଏ ଏପିକେ ଫାଇଲ ଆସିଥିଲା । ହ୍ୱାଟସଆପରେ ଆସିଥିବା ଏହି ଏପିକେ ଫାଇଲରେ କ'ଣ ଅଛି ତାହା ଜାଣିବାକୁ ସେ ତା' ଉପରେ କ୍ଲିକ କରିଥିଲେ । ଏହାପରେ ତାଙ୍କ ମୋବାଇଲରେ ଏକ ଆପ୍ଲିକେସନ ଇନଷ୍ଟଲ ହୋଇଥିଲା। ଏହାର ୧୦ ମିନଟ ପରେ ତାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମରେ ୬ ଲକ୍ଷ ୬ ହଜାର ୫୦୭ ଟଙ୍କା କଟି ଯାଇଥିଲା। ଆକାଉଣ୍ଟରୁ ଟଙ୍କା କଟିବା ମେସେଜ ଆସିବା ପରେ ସେ ଚିନ୍ତାରେ ପଡି ଯାଇଥିଲେ । କେଉଁ କାରଣରୁ ଟଙ୍କା କଟିଲା ତାହା ଜାଣିବାକୁ ବିଭିନ୍ନ ଆଡେ ଯାଞ୍ଚ କରିଥିଲେ । ଏହି ଅଜଣା ନମ୍ବରରୁ ଆସିଥିବା ଏପିକେ ଫାଇଲ କ୍ଲିକ କରିବା ପରେ ତାଙ୍କ ମୋବାଇଲର ସମସ୍ତ ତଥ୍ୟ ସାଇବର ଠକମାନେ ନେଇ ଯାଇଥିଲେ । ଅଭିଯୋଗ ପ୍ରକାରେ ତଦନ୍ତ କରାଯାଉଥିବା ସାଇବର ଥାନା ଅଧିକାରୀ ଶଙ୍କର ପଣ୍ଡା କହିଛନ୍ତି।

## ଘରୋଇ ହସ୍ପିଟାଲରେ ମାଓବାଦୀ ନେତା ସବ୍ୟସାଚୀ

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ବ୍ରହ୍ମପୁର ଜେଲ ବାହାରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି । କିଛିଦିନ ହେଲା ତାଙ୍କ ବେକ ଓ ଦାନ୍ତରେ ଯନ୍ତ୍ରଣା ହେଉଥିଲା। ଏଥିପାଇଁ ସେ ତାଙ୍କ ଓକିଲଙ୍କ ଜରିଆରେ ଜେଲ ବାହାରେ ଥିବା ଏକ ଘରୋଇ ଡାକ୍ତରଖାନାରେ ଉତ୍ତମ ଚିକିତ୍ସା କରିବାକୁ ଚାହୁଁଥିଲେ। ତେଣୁ ସେ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଓକିଲଙ୍କ ଜରିଆରେ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ। ଅନୁମତି ମିଳିବା ପରେ ଗୁରୁବାର କଡା ସୁରକ୍ଷା ମଧ୍ୟରେ ସବ୍ୟସାଚୀଙ୍କୁ ଜେଲରୁ ଏକ ଘରେଇ ଡାକ୍ତରଖାନାକୁ ନିଆଯାଇଥିଲା । ସେହି ଘରେଇ ଡାକ୍ତରଖାନାରେ ଯାହା ଚିକିତ୍ସା ବାବଦରେ ଟଙ୍କା ଖର୍ଚ୍ଚ ହେବ ସବ୍ୟସାଚୀ ବହନ କରିବେ ବୋଲି ସୂଚନା ମିଳିଛି। ଚିକିତ୍ସା ପରେ ତାଙ୍କୁ ପୁଣି ଜେଲକୁ ଫେରାଇ ନିଆଯାଇଥିଲା।

## ଦଳପତି ଜାତିକୁ ପଛୁଆ ବର୍ଗରେ ଅନ୍ତର୍ଭୁକ୍ତ ପାଇଁ ସତ୍ୟପାଠ ଦାଖଲ



ସତ୍ୟପାଠ ଦାଖଲ ସମୟରେ ଉପସ୍ଥିତ କେନ୍ଦ୍ରୀୟ କମିଟିର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୩୦।୧୦(ସ୍ମୃତି ରଞ୍ଜନ ମହାଲିକ)

ଦଳପତି (ଦଳୁଆ) ଜାତିକୁ ପଛୁଆ ବର୍ଗରେ ଅନ୍ତର୍ଭୁକ୍ତ ନିମନ୍ତେ ଦଳପତି ମହାସଭା କେନ୍ଦ୍ରୀୟ କମିଟି ପକ୍ଷରୁ ଭୁବନେଶ୍ୱରଠାରେ ଅନୁଷ୍ଠିତ ପଛୁଆ ବର୍ଗ କମିଶନଙ୍କ ଜନ ଶୁଣାଣୀରେ ମହାସଭା ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ଏଥିରେ ଦଳପତି ଜାତି କେନ୍ଦ୍ରୀୟ କମିଟି ସଭାପତି ପ୍ରମୋଦ ଜେନାଙ୍କ ନେତୃତ୍ୱରେ ୭ ଜଣିଆ ପ୍ରତିନିଧି ଦଳ ଉପସ୍ଥିତ ଥିଲେ। ଏଥିରେ ଜାତୀୟ ପଛୁଆ ବର୍ଗ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହୀର, ସଚିବ ରାଜୀବ ଲୋଚନ, ସଦସ୍ଯ ଭବନ ଭୂଷଣ କମଲ ଓ ରାଜ୍ଯ ଅନୁସୂଚିତ ଜାତି ଏବଂ ଜନଜାତି ବିକାଶ ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିଭାଗ ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସାମାଜିକ ଓ ଶିକ୍ଷାଗତ ଅବସ୍ଥା ସଂପର୍କରେ ୨୪ ପ୍ରାସଙ୍ଗିକ ପ୍ରଶ୍ନାବଳୀର ସଠିକ ଉତ୍ତର ସତ୍ୟପାଠ ଜରିଆରେ ଦାଖଲ ଉପସ୍ଥାପନ କରିବାକୁ ଉପସ୍ଥିତ ଅଧିକାରୀ କହିଥିଲେ। ଦଳପତି ମହାସଭାର ସାଧାରଣ ସଂପାଦକ ସୂର୍ଯ୍ୟକାନ୍ତ ପାତ୍ର ଓ କାର୍ଯ୍ୟକାରିଣୀ ସଦସ୍ୟ ଡ ଶଙ୍କର ମାଝି ବିଭିନ୍ନ ତଥ୍ୟ ସଂଗ୍ରହ କରି ପ୍ରଶ୍ନାବଳୀର ଉତ୍ତର ଜନ ଶୁଣାଣୀରେ ପ୍ରଦାନ କରିଥିଲେ। ଯାହାକୁ ନେଇ କମିଶନର ସକାରାତ୍ମକ ମନୋଭାବ ପୋଷଣ କରିଥିବା ସଂଘ ପକ୍ଷରୁ କୁହାଯାଇଛି। ଯଦ୍ୱାରା ଦୀର୍ଘ ଦିନର ଦାବି ସଫଳ ହେବା ନେଇ ସଦସ୍ୟଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। କମିଟର କାର୍ଯ୍ୟକାରୀ ସଭାପତି ଶିବ ଶଙ୍କର ସାହାଣୀ, ସାଧାରଣ ସଂପାଦକ ସୂର୍ଯ୍ୟକାନ୍ତ ପାତ୍ର, ଉପସଭାପତି ଆରତୀ ଦେବୀ, ସଂପାଦକ ପବିତ୍ର କୁମାର ନାୟକ, ଭୁବନେଶ୍ୱର ଶାଖା ସଭାପତି ସୁରେଶ ଚନ୍ଦ୍ର ନାୟକ, ଲୋକନାଥ ସାମଲ ଓ ସଞ୍ଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଦାବି ପୂରଣ ନ ହେଲେ ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ ୬ରୁ ପିନ୍ଧିବ କଳାବ୍ୟାଜ୍

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ ବିଭିନ୍ନ ଦାବି ରଖିଛି। ଏ ସଂକ୍ରାନ୍ତରେ ଏକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିଛି। ଓଡ଼ିଶାର ସମସ୍ତ ଆୟୁଷ ସଂଗଠନ ଏଥିରେ ସାମିଲ ଅଛନ୍ତି। ଓଡ଼ିଶା ରେ ନୂତନ ଆୟୁଷ ପଦବୀ ଓପିଏସସି ଦ୍ୱାରା ଖୋଲାଯାଉ, ପିଜି ଓ ପିଏଚଡି ଆସନ ସଂଖ୍ୟା ବୃଦ୍ଧି କରାଯାଉ, ଡାଇନାମିକ ଭତ୍ତା ଇର୍ଣ୍ଣନଶିପ ପିଲାଙ୍କୁ ଦିଆଯା, ସମସ୍ତ ଆୟୁଷ କଲେଜରେ ପରିଚାଳନା କମିଟି ଗଠନ କରାଯାଉ, ଆୟୁଷ ମନ୍ତ୍ରଣାଳୟ ନିର୍ଦ୍ଦେଶାବଳି ଅନୁଯାୟୀ ଭିତ୍ତିଭୂମି ଓ ମାନବ ସମ୍ବଳ ଯୋଗାଇ ଦିଆଯାଉ, ରାଜ୍ୟ ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ଯୋଜନାରେ ଆୟୁଷ କ୍ଷେତ୍ରରେ ଲାଗୁ କରାଯାଉ, ଆୟୁଷ ଚିକିତ୍ସାର ପ୍ରଚାର ପ୍ରସାର କରାଯାଉ, ରାଜ୍ୟରେ ଆୟୁଷ ବିଭାଗ ସ୍ଥାପନ କରାଯାଉ ଆଦି ଦାବି କରାଯାଇଛି। ଦାବି ପୂରଣ ନହେଲେ ଆସନ୍ତା ୬ରୁ ସେମାନେ ଉପରୋକ୍ତ ପଦକ୍ଷେପ ନେବାକୁ ବାଧ୍ୟ ହେବେ ବୋଲି ସାଧାରଣ ସମ୍ପାଦକ ସୌମ୍ୟଦର୍ଶନ ସ୍ୱାଇଁ କହିଛନ୍ତି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଓ ଆୟୁଷ ନିର୍ଦ୍ଦେଶକଙ୍କୁ ବି ପତ୍ର ପ୍ରେରଣ କରାଯାଇଥିବା ସେ କହିଛନ୍ତି।

# ଗଞ୍ଜାମ ଅଟୋମୋବାଇଲ କ୍ଷେତ୍ରରେ ଜିଏସ୍‌ଟି ହ୍ରାସର ପ୍ରଭାବ

ବ୍ରହ୍ମପୁର, ୩୦।୧୦ (ଅଶୋକ କୁମାର ସାହୁ) ଗଞ୍ଜାମ ଜିଲାରେ ଅଟୋମୋବାଇଲ କ୍ଷେତ୍ରର ବ୍ୟାପକତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛିଦିନ ଧରି ମାନ୍ଦା ପଡିଥିବା ଏହି ବଜାର ବର୍ତ୍ତମାନ ଚଳଚଞ୍ଚଳ ହୋଇପଡିଛି। ଗତ ସେପ୍ଟେମ୍ବର ୨୨ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣଙ୍କ ଦ୍ୱାରା ଜିଏସ୍‌ଟିରେ ସୁଧାର ଆଣିବା ପାଇଁ ଏହାକୁ ସଂଶୋଧନ କରାଯାଇ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ଖସାଇ ଦିଆଯାଇଛି। ଜିଏସ୍‌ଟି ୧୦ ପ୍ରତିଶତ କମିବା ପରେ ଏହାର ପ୍ରଭାବ ବଜାରରେ ଦେଖିବାକୁ ମିଳିଛି। ପାର୍ବଣରେ ଅଟୋମୋବାଇଲ କମ୍ପାନୀଗୁଡିକ ଲୋକଙ୍କୁ ଆକୃଷ୍ଟ କଲା ଭଳି ଡିଜାଇନ ଓ ରିହାତି ଆଦି ଘୋଷଣା କରିଥିଲେ। ଜିଏସଟି ହ୍ରାସ ସେମାନଙ୍କ ପାଇଁ ବରଦାନ ସଦୃଶ ହୋଇପଡିଥିଲା। ଯାହାକି, କ୍ରେତା ଓ ବିକ୍ରେତାଙ୍କୁ ସୁହାଇଲାଭଳି ହୋଇଛି। ଏ ନେଇ ବ୍ରହ୍ମପୁର ସହରର ଅଟୋମୋବାଇଲ କ୍ଷେତ୍ରକୁ ଅବଲୋକନ କରାଯାଇଛି। ବିଭିନ୍ନ ଡିଲରଙ୍କ ସହ ସାକ୍ଷାତ ପରେ ସେମାନଙ୍କଠାରୁ ଅଧିକ ତଥ୍ୟ ଜଣାପଡିଛି।

### ହୋଣ୍ଡା ଲଞ୍ଚ୍ କରିବ ବ୍ୟାଟେରି ଗାଡ଼ି



ଶୋ'ରୁମ୍ ପ୍ରାରମ୍ଭରେ ବ୍ୟବସାୟ ସେଭଳି ହେଉ ନ ଥିଲା। ପରେ ଧୀରେ ଧୀରେ ବ୍ୟବସାୟ ବଢ଼ିଥିଲା। ପୂର୍ବରୁ ଥିବା ୨୮ ପ୍ରତିଶତ ଜିଏସ୍‌ଟି ଯୋଗୁ ଗ୍ରାହକଙ୍କ ନୂଆ ଗାଡି କିଣିବା ଆଗ୍ରହ କମିଯାଇଥିଲା। ଦିନକୁ ୨୦/୨୫ ଗାଡି ବିକ୍ରି ହେବା ସ୍ଥଳେ ଗୋଟିଏ ଦୁଇଟି ଗାଡି ବିକ୍ରି ହେଉଥିଲା। ଜିଏସ୍‌ଟି କମିବା ଓ କମ୍ପାନୀର ପୂଜା ଅଫର ଯୋଗୁ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଲୋକଙ୍କ ଗାଡି କିଣିବା ଆଗ୍ରହ ବି ବୃଦ୍ଧି ପାଇଛି। ବିଶେଷକରି ପ୍ରିମିୟମ, କମୁଟେର ଓ ଏଣ୍ଟ୍ରିଲେଭଲ ସେଗ୍‌ମେଣ୍ଟରେ ଗାଡି ବିକ୍ରି ହୋଇଥାଏ। ଜିଏସଟି ହ୍ରାସ ଯୋଗୁ କମୁଟେର ସେଗ୍‌ମେଣ୍ଟରେ ୧୫ ପ୍ରତିଶତ ଗାଡି ଅଧିକ ବିକ୍ରି ହେଉଛି। ଅନ୍ୟ ସେଗମେଣ୍ଟରେ ମଧ୍ୟ ଅନୁରୂପ ବିକ୍ରି ବୃଦ୍ଧି ପାଇଛି। ଫାଇନାନ୍ସ ଏବଂ କ୍ୟାଶ୍ ଉଭୟ କ୍ଷେତ୍ରକୁ ଏହା ପ୍ରଭାବିତ କରିଛି। ଚଳିତବର୍ଷ ଫସଲ ଭଲ ହୋଇଥିବାରୁ ଏହି ପ୍ରକ୍ରିୟା ବଜାୟ ରହିବ ବୋଲି ଆଶା କରାଯାଉଛି। ଆଗାମୀ ଦିନରେ ହୋଣ୍ଡା ବ୍ୟାଟେରି ଗାଡି ଲଞ୍ଚ୍ କରିବ। ବର୍ତ୍ତମାନ ପ୍ରସ୍ତୁତି ଚାଲିଛି। ଆକର୍ଷଣୀୟ ଅଫର ବି ରଖାଯିବ ବୋଲି ସେ କହିଛନ୍ତି।

**ସୁଶାନ୍ତ ସାହୁ, ସାଧାରଣ ପରିଚାଳକ, ଓମ୍ ହୋଣ୍ଡା**

### ୱାନ୍ ଟାଇମ ବଦଳରେ ବାର୍ଷିକ ଟ୍ୟାକ୍ସ କଲେ ଚାହିଦା ବଢ଼ିବ



ଚଳିତବର୍ଷର ଜିଏସ୍‌ଟି ହ୍ରାସ ପ୍ରତ୍ୟକ୍ଷ ଭାବେ କାର ବଜାର କ୍ଷେତ୍ରକୁ ପ୍ରଭାବିତ କରି ନ ଥିଲେ ବି ପରୋକ୍ଷ ଭାବେ ବିକ୍ରି କ୍ଷେତ୍ରରେ ୧୦ ପ୍ରତିଶତ ବୃଦ୍ଧି ହୋଇଛି। ଯେଉଁ ବ୍ୟକ୍ତିବିଶେଷ କିଛିଦିନ ଧରି ପୁରୁଣା ଗାଡ଼ି କିଣିବାକୁ ମନସ୍ଥ କରିଥିଲେ ଜିଏସ୍‌ଟି ହ୍ରାସ ଏବଂ କମ୍ପାନୀ ପକ୍ଷରୁ ଦିଆଯାଉଥିବା ରିହାତି ଯୋଗୁ ସେମାନେ ନୂଆ ଗାଡି କିଣିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଫଳରେ ପୁରୁଣା ଗାଡି ଅପେକ୍ଷା ନୂଆ ଗାଡିର ଚାହିଦା ବଢ଼ିଛି। ଗାଡି କିଣାରେ ଗାଡିର ମୂଲ୍ୟ ସହ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଟିକସ, ବୀମା ଓ ଫାଇନାନ୍ସ କମ୍ପାନୀ ପକ୍ଷରୁ ନିର୍ଦ୍ଧାରିତ ଋଣ ଆଦି ପ୍ରଭାବ ପକାଇଥାଏ। ଯାହାକି ଗାଡିର ମୂଲ୍ୟକୁ ବୃଦ୍ଧି କରିଥାଏ। ଯଦି ୱାନ୍ ଟାଇମ ଟ୍ୟାକ୍ସ ନୀତିକୁ ସରଳୀକରଣ କରି ଏହାକୁ ବାର୍ଷିକ ଟିକସ ଦେୟ ବ୍ୟବସ୍ଥା କରାଗଲେ ଗାଡିର ମୂଲ୍ୟ ହ୍ରାସ ପାଇବା ସହ ଏହି ସମସ୍ୟାର ସମାଧାନ ହୋଇପାରିବ। ଏହା କ୍ରେତାଙ୍କ ପକେଟକୁ ସୁହାଇବ ଏବଂ ନୂଆ ଗ୍ରାହକ ସୃଷ୍ଟି କରିବାରେ ସାହାଯ୍ୟ କରିବ।

**ଜିତେନ୍ଦ୍ର ଶତପଥୀ, ଶାଖା ପରିଚାଳକ, ଉତ୍କଳ ହୁଣ୍ଡାଇ**

# ବୀମା ଟଙ୍କା ପାଇବାକୁ ଚୋରି ନାଟକ

ଭୁବନେଶ୍ୱର,୩୦।୧୦
(ସତ୍ୟଜିତ ରାଉତ)

## ମାଲିକ, ବ୍ୟବସାୟୀ ପାର୍ଟନର, ଅନ୍ୟ ୧୧ ଗିରଫ


ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

ବ୍ୟବସାୟରେ କ୍ଷତି ହେବାରୁ ଦେଇପାରୁ ନ ଥିଲେ ଦୋକାନ ଭଡ଼ା। ଋଣଭାର ଏତେ ବଢ଼ିଯାଇଥିଲା ଯେ, ଏହାକୁ ପରିଶୋଧ କରିବାକୁ ଚିନ୍ତାରେ ପଡ଼ିଥିଲେ। ଏସବୁ ସମସ୍ୟାରୁ ମୁକୁଳିବାକୁ ଯାଇ ବାଛିଥିଲେ ଅପରାଧର ବାଟ। ବୀମା ଟଙ୍କା ପାଇଁ ନିଜ ବ୍ୟବସାୟ ପ୍ରତିଷ୍ଠାନରୁ ଚୋରିର ନାଟକ ରଚିବାକୁ କରିଥିଲେ ବଡ଼ ଯୋଜନା। ତମାଣ୍ଡୋ ବଜାରସ୍ଥିତ ଏକ ପ୍ଲାଇଉଡ୍ ଦୋକାନରୁ ଚୋରି ହେବା ପୂର୍ବରୁ କମିଶନରେଟ୍ ପୋଲିସ ଏହାକୁ ଭଣ୍ଡୁର କରିଛି। ସମ୍ପୃକ୍ତ ବ୍ୟବସାୟ ପ୍ରତିଷ୍ଠାନର ମାଲିକ, ତାଙ୍କ ବିଜନେସ୍ ପାର୍ଟନର ଓ ଚୋରିରେ ନିୟୋଜିତ ହେବାକୁ ଥିବା ୧୧ଜଣ ବ୍ୟକ୍ତିଙ୍କୁ ତମାଣ୍ଡୋ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ତମାଣ୍ଡୋ ବଜାରସ୍ଥିତ 'ଆଦ୍ୟାଶା ଟ୍ରେଡର୍ସ'ର ମାଲିକ ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିର ସନ୍ତୋଷ କୁମାର ମହାରଣା (୪୩), ବ୍ୟବସାୟୀ ପାର୍ଟନର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ମନୋଜ ସେଜପାଡ଼ା (୩୪)। ଅନ୍ୟ ୧୧ଜଣ ଅଭିଯୁକ୍ତ ହେଲେ ଖୁଣ୍ଟା ଥାନା ଅଞ୍ଚଳର ହରିହର ସଡୁଆଲ (୩୭), ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଅଞ୍ଚଳର ଏସ୍‌କେ ମାକ୍ସୁଦ (୩୨), ଏସ୍‌କେ, ଅବଦୁଲ୍ ରେହମାନ (୩୩), ଏସ୍‌କେ ନାସିର୍ (୨୦), ହରେକୃଷ୍ଣ ନାୟକ (୫୩), ଶ୍ୟାମସୁନ୍ଦର ସିଂ (୨୪), ଏସ୍‌କେ ରାଜା (୨୦), ବରହମପୁର ଥାନା ଅଞ୍ଚଳର ବସନ୍ତ କୁମାର ସେନାପତି (୩୬), ସମୀର ଜେନା (୨୦), ବାଲେଶ୍ୱର ଟାଉନ ଥାନା ଅଞ୍ଚଳର ଏସ୍‌କେ ରାଜୁ (୨୨) ଓ ଜିସାନ୍ ଖାନ୍ (୨୫)। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ପିକଅପ୍ ଭ୍ୟାନ୍, ଦୁଇଟି ଟାଟା ଏସିଇ, ଗୋଟିଏ ବୋଲେରୋ, ଗୋଟିଏ ବୁଲେଟ୍, ୮ଟି ଫେସ୍ ମାସ୍କ, ଗୋଟିଏ ଆଇରନ କଟର୍ ମେଶିନ୍, ୨ଟି ପ୍ଲାସ୍, ୬ଟି ହ୍ୟାଣ୍ଡ ଗ୍ଲୋଭ୍‌ସ, ଗୋଟିଏ ସ୍କ୍ରୁଡାଇଭର, ଦୁଇଟି ଛୁରି, ମୋବାଇଲ ଆଦି ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚୋରିରେ ନିୟୋଜିତ ଥିବା ୧୧ଜଣ ଅଭିଯୁକ୍ତଙ୍କ ପୂର୍ବ ଆପରାଧିକ ଇତିହାସ ବିଷୟରେ ଜାଣିବାକୁ ପ୍ରୟାସ ଚାଲିଥିବା ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି।

### ୟୁଟ୍ୟୁବ୍‌ରୁ ଶିଖିଥିଲେ କୌଶଳ

ଅଭିଯୁକ୍ତ ସନ୍ତୋଷ ତମାଣ୍ଡୋ ବଜାରରେ ଅଭିଯୋଗକାରୀ ଅବିନାଶ ପଟ୍ଟନାୟକଙ୍କ ଘରକୁ ମାସିକ ୨୫ ହଜାର ଟଙ୍କା ଭଡ଼ାରେ ନେଇ ୮ରୁ ୯ବର୍ଷ ହେବ ବ୍ୟବସାୟ ପ୍ରତିଷ୍ଠାନ 'ଆଦ୍ୟାଶା ଟ୍ରେଡର୍ସ' ଚଳାଉଛନ୍ତି। ସନ୍ତୋଷଙ୍କ ବ୍ୟବସାୟରେ କ୍ଷତି ହେବା କାରଣରୁ ସେ ଦେଢ଼ବର୍ଷ ହେବ ଦୋକାନ ଭଡା ଦେଇପାରି ନ ଥିଲେ। ଏପରିକି ୨୦୨୪ ନଭେମ୍ବରରୁ ସେ ଅବିନାଶଙ୍କଠାରୁ ୩ ଲକ୍ଷ ଟଙ୍କା ମଧ୍ୟ ଋଣ ନେଇଥିଲେ। ଏଭଳି ୭.୨୫ ଲକ୍ଷ ଟଙ୍କା ସେ ଅବିନାଶଙ୍କୁ ଦେବାର ଥିଲା। ତେବେ ସେ ବ୍ୟବସାୟିକ ପ୍ରତିଷ୍ଠାନ ନାଁରେ ବୀମା କରିଥିବାବେଳେ ଚୋରି ମାମଲା ଦେଖାଇ ୧୮ଲକ୍ଷ ବୀମା ଟଙ୍କା ପାଇବାକୁ ଯୋଜନା କରିଥିଲେ। ଏଥପାଇଁ ସନ୍ତୋଷ ୟୁଟ୍ୟୁବ୍‌ରୁ ଭିଡିଓ ଦେଖି କୌଶଳ ଶିଖିଥିଲେ। ସେ ଏଥିପାଇଁ ଖୁଣ୍ଟାରେ ଫର୍ନିଚର ଦୋକାନ କରିଥିବା ମନୋଜଙ୍କ ସହାୟତା ନେଇଥିଲେ। ଚୋରି କାଣ୍ଡ ଭିଆଇବାକୁ ମନୋଜ ୧୧ଜଣ ଲୋକ ଠିକ୍ କରିଥିଲେ। ଚୋରି ହେବା ପରେ ଉକ୍ତ ସାମଗ୍ରୀକୁ ମନୋଜ ତାଙ୍କ ଦୋକାନରେ ବିକ୍ରି କରିବାକୁ କଥା ଛିଡ଼ିଥିଲା। ତେବେ ୧୧ ଜଣ ବ୍ୟକ୍ତିଙ୍କୁ କାମ ପାଇଁ ହଜାରେ ଲେଖାଏ ଦିଆଯାଇଥିବା ବେଳେ ବୀମା ଟଙ୍କା ପାଇବା ପରେ ଆଉ ୫ ହଜାର ଟଙ୍କା ଲେଖାଏ ଦିଆଯାଇଥାନ୍ତା ବୋଲି ପୋଲିସ ନିକଟରେ ସନ୍ତୋଷ କହିଛନ୍ତି।

### ଢାବାରେ ଯୋଜନା ବେଳେ ଧରାପଡ଼ିଲେ

ବୁଧବାର ବିଳମ୍ବିତ ରାତିରେ ସନ୍ତୋଷ ତାଙ୍କ ନିଜ ଦୋକାନରେ ଚୋରି କରିବାକୁ ନିକଟସ୍ଥ ଏକ ଢାବାରେ ବସି ଯୋଜନା କରିଥିଲେ। ସେମାନେ ସେଠାରେ ରାତ୍ରିଭୋଜନ କରିବା ସହ କିଭଳି ଚୋରିକୁ ସଫଳ ରୂପ ଦେବେ ସେନେଇ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଜାଣିପାରି ତମାଣ୍ଡୋ ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ପଚରାଉଚରା ପରେ ବୀମା ଟଙ୍କା ପାଇବାକୁ ଏହି କାଣ୍ଡ ହୋଇଥାନ୍ତା ବୋଲି ଜଣାପଡ଼ିଥିଲା। ପୋଲିସ ଠାରୁ ସୂଚନା ପାଇ ଦୋକାନ ଘର ମାଲିକ ଅବିନାଶ ଏତଲା ଦେଇଥିଲେ। ତମାଣ୍ଡୋ ଥାନା ଏନେଇ ମାମଲା (ନଂ.୩୨୫/୨୦୨୫) ରୁଜୁ କରି ତଦନ୍ତ କରୁଛି।

# ମାସେ ପରେ ଜେଲରୁ ବାହାରିଲେ ୯୪ ଏସ୍‌ଆଇ ଆଶାୟୀ

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)


ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଥିବା ଚାକିରି ଆଶାୟୀମାନେ।

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୧୧୪ ଜଣ ପରୀକ୍ଷାର୍ଥୀ (ଚାକିରି ଆଶାୟୀ)ଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଦୀର୍ଘ ୧ ମାସ ପରେ ଗୁରୁବାର ସେମାନଙ୍କ ମଧ୍ୟରୁ ୯୪ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଛନ୍ତି। ପୂର୍ବାହ୍ନରେ ପ୍ରଥମେ ୬ଜଣ ମହିଳା ପରୀକ୍ଷାର୍ଥୀ କାରାଗାରରୁ ବାହାରିଥିଲେ। ପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲାର ଅନ୍ୟ ୮୮ଜଣ ପରୀକ୍ଷାର୍ଥୀ କାରାଗାରରୁ ବାହାରି ସେମାନଙ୍କ ଅଭିଭାବକ ତଥା ସମ୍ପର୍କୀୟଙ୍କ ସହ ଯାଇଛନ୍ତି। ଶୁକ୍ରବାର ବଳକା ୨୦ ଜଣ ଜେଲ୍‌ରୁ ବାହାରିବେ ବୋଲି ଜଣାପଡିଛି।


ଚାକିରି ଆଶାୟୀମାନେ କାରାଗାର ଭିତରୁ ବାହାରକୁ ଆସିବା ବେଳେ କପଡ଼ାରେ ନିଜ ମୁହଁ ଘୋଡାଇ ଦେଇଥିଲେ। ସେମାନଙ୍କୁ ନେବାକୁ ଆସିଥିବା ଅଭିଭାବକମାନେ କାରାଗାର ମୁଖ୍ୟ ଫାଟକ ସମ୍ମୁଖରେ ରହିଥିଲେ। ଏଥିଯୋଗୁ ଦିନତମାମ କମାପଲ୍ଲୀ-ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳେ ଗହଳି ଦେଖାଯାଇଥିଲା। ପିଲାମାନେ ନିର୍ଦ୍ଦୋଷ ଅଛନ୍ତି। କୋର୍ଟ ନ୍ୟାୟ ଦେବେ ବୋଲି ଭରସା ଅଛି। ନ୍ୟାୟ ନ ମିଳିଲେ ହାଇକୋର୍ଟରେ ପିଟିଶନ ଦାଖଲ କରିବୁ ବୋଲି ଅଭିଭାବକମାନେ କହିଛନ୍ତି।

ସୂଚନାଯୋଗ୍ୟ, ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ବ୍ରହ୍ମପୁର ପୋଲିସ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ମୋଟ ୧୨୩ ଜଣଙ୍କୁ ଗିରଫ କରାଯାଇଥିଲା। ସେପ୍ଟେମ୍ବର ୨୯ ତାରିଖରୁ ବ୍ରହ୍ମପୁର ପୋଲିସ ଦ୍ୱାରା ଗିରଫ ହୋଇଥିବା ୧୧୪ ଜଣ ଚାକିରି ଆଶାୟୀଙ୍କ ସମେତ ୭ ଜଣ ଦଲାଲ ତଥା ଏଜେଣ୍ଟଙ୍କୁ ଜାମିନ ପାଇଁ ସେମାନଙ୍କ ଓକିଲ ବ୍ରହ୍ମପୁର ଭିଜିଲାନ୍ସ ଅଦାଲତରେ ଆବେଦନ କରିଥିଲେ। କୋର୍ଟ କେବଳ ୧୧୪ ଜଣ ଚାକିରି ଆଶାୟୀଙ୍କୁ ବୁଧବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

# ବିମାନବନ୍ଦରରୁ ଧରାପଡ଼ିଲେ ମୋଷ୍ଟୱାଣ୍ଟେଡ୍

ଭୁବନେଶ୍ୱର,୩୦।୧୦(ସତ୍ୟଜିତ ରାଉତ)

## ଜାରି ହୋଇଥିଲା ଲୁକ୍ ଆଉଟ ସର୍କୁଲାର୍


ଦ୍ୱିବେନ୍ଦୁ ମହାରଣା

ଦିଲ୍ଲୀରେ ଏକ ବଡ଼ଧରଣର ଠକେଇ ମାମଲାରେ ସମ୍ପୃକ୍ତ ଥିବା ମୋଷ୍ଟୱାଣ୍ଟେଡ୍ ଦ୍ୱିବେନ୍ଦୁ ମହାରଣା ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରୁ ଧରାପଡ଼ିଛନ୍ତି। ସିଆଇଏସ୍‌ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ) ଟିମ୍ ତାଙ୍କୁ ଅଟକ ରଖି ଭୁବନେଶ୍ୱର ଏୟାରପୋର୍ଟ ଥାନାକୁ ହସ୍ତାନ୍ତର କରିଛି। ଦ୍ୱିବେନ୍ଦୁଙ୍କ ଘର କଟକ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ। ସେ ଫେରାର ଥିବାବେଳେ ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର୍ ଜାରି ହୋଇଥିଲା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦିଲ୍ଲୀରେ ଦ୍ୱିବେନ୍ଦୁଙ୍କ ବିରୋଧରେ ବହୁ କୋଟି ଟଙ୍କାର ଠକେଇ ମାମଲା ରହିଛି। ସେ ଗିରଫଦାରିକୁ ଏଡ଼ାଇବା ପାଇଁ ସିବିଆଇକୁ ଚକ୍‌ମା ଦେଇ ଲୁଚି ରହିଥିଲେ। ଗିରଫ ପରେ ଦିଲ୍ଲୀ ସିବିଆଇ ଟିମ୍ ଦ୍ୱିବେନ୍ଦୁଙ୍କୁ ଗିରଫ କରି ନେବା ପାଇଁ ଭୁବନେଶ୍ୱର ଆସୁଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ମାମଲାରେ ଦ୍ୱିବେନ୍ଦୁଙ୍କ ଅନ୍ୟ ସହଯୋଗୀଙ୍କୁ ମଧ୍ୟ ସିବିଆଇ ପୂର୍ବରୁ ଗିରଫ କରିଛି। ହେଲେ ଦ୍ୱିବେନ୍ଦୁ ବହୁଦିନ ଧରି ଫେରାର ଥିବାରୁ ତାଙ୍କ ବିରୋଧରେ ସିବିଆଇ କୋର୍ଟ ଏନ୍‌ବିଡବ୍ଲ୍ୟୁ (ଗିରଫ ବିହୀନ ଜାମିନ ପରୱାନା) ଜାରି କରିଥିଲା। ଏପରିକି କିଛିମାସ ତଳେ ସିବିଆଇର ଅନୁରୋଧକ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ ପକ୍ଷରୁ ଦ୍ୱିବେନ୍ଦୁଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରାଯାଇଥିଲା। ତେବେ ଦ୍ୱିବେନ୍ଦୁ ଆବୁଧାବିରେ ଥିବାବେଳେ କଟକସ୍ଥିତ ଘରକୁ ଆସିବାକୁ ଯୋଜନା କରିଥିଲେ। ଗୁରୁବାର ସକାଳେ ସେ ଫ୍ଲାଇଟ୍ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ଇମିଗ୍ରେଶନ୍ ଅଧିକାରୀମାନେ ତାଙ୍କର ପରିଚୟ ପତ୍ର ଯାଞ୍ଚ କରିବା ପରେ କାବୁ କରିଥିଲେ। ଏୟାରପୋର୍ଟରେ ନିୟୋଜିତ ସିଆଇଏସ୍‌ଏଫ୍ ଯବାନଙ୍କ ସହାୟତାରେ ଇମିଗ୍ରେଶନ୍ ଅଧିକାରୀମାନେ ଦ୍ୱିବେନ୍ଦୁଙ୍କୁ ଧରି ଏୟାରପୋର୍ଟ ଥାନାକୁ ନେଇଥିଲେ। ଦିଲ୍ଲୀ ସିବିଆଇ ଟିମ୍ ଭୁବନେଶ୍ୱରରେ ପହଞ୍ଚିବା ପରେ ଦ୍ୱିବେନ୍ଦୁଙ୍କୁ ଗିରଫ କରିନେବ ବୋଲି ସୂଚନା ମିଳିଛି।

# ୫ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

## ପାଓମେକ୍ସ ଷ୍ଟିଲ କାରଖାନା ଡିଜିଏମ ହତ୍ୟା ମାମଲା

କଟକ,୩୦।୧୦(କାର୍ତ୍ତିକ ସାହୁ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ପାଓମେକ୍ସ ଷ୍ଟିଲ କାରଖାନାର ଡିଜିଏମ୍ ରାଧେଶ୍ୟାମ ରାୟଙ୍କ ହତ୍ୟା ମାମଲାରେ ୫ ଅଭିଯୁକ୍ତଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ଅନ୍ୟପକ୍ଷରେ ମାମଲାର ଅନ୍ୟତମ ଅଭିଯୁକ୍ତ ମହତାବ ଖାରସେଲଙ୍କ ଜାମିନ ଆବେଦନ ହାଇକୋର୍ଟ ଖାରଜ କରିଛନ୍ତି। ଜାମିନ ପାଇଥିବା ଅଭିଯୁକ୍ତମାନେ ହେଲେ ପୂର୍ଣ୍ଣଚନ୍ଦ୍ର ନାଗ, ଅନ୍ତରାମ ବିଶି, ବୀରେନ୍ଦ୍ର ବାଗ, ଗରୁଡ଼ଧ୍ୱଜ ସାହୁ ଓ ମଦନ ଜାଲ। ପ୍ରତ୍ୟେକ ୫୦ ହଜାର ଟଙ୍କାର ୨ଜଣ ଜାମିନଦାରଙ୍କ ବ୍ୟକ୍ତିଗତ ମୁଚାଲିକାରେ ନିମ୍ନ ଅଦାଲତରୁ ଜାମିନରେ ଯିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଜାମିନରେ ଯିବା ପରେ ଅଭିଯୁକ୍ତମାନେ କୌଣସି ଆପରାଧିକ କାର୍ଯ୍ୟରେ ଲିପ୍ତ ହେବେ ନାହିଁ। ଏଥିସହ ପ୍ରତି ତାରିଖରେ ଅଦାଲତରେ ହାଜର ହେବେ ବୋଲି ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଯେ, ଟିଟିଲାଗଡ଼ରେ ଥିବା ପାଓମେକ୍ସ ଷ୍ଟିଲ କାରଖାନାର ଡିଜିଏମ ରାଧେଶ୍ୟାମ ରାୟଙ୍କୁ ୨୦୧୧ରେ ହତ୍ୟା କରାଯାଇଥିଲା।

## Business

# ୧୨,୨୦୦କୋଟିରେ ବିକଶିତହେବ ଜାତୀୟ ଜଳପଥ ୫, ୬୪

## ଆଇଡବ୍ଲ୍ୟୁଏଆଇ, ଓଡ଼ିଶା ସରକାର, ପିପିଏ ଏବଂ ଏମ୍‌ସିଏଲ୍ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୩୦।୧୦(ଅନୁରାଧା ମହାରଣା)



ଜାତୀୟ ଜଳପଥ-୫(ଏନ୍‌ଡବ୍ଲ୍ୟୁ-୫) ଏବଂ ଜାତୀୟ ଜଳପଥ-୬୪ (ଏନ୍‌ଡବ୍ଲ୍ୟୁ-୬୪)ର ବିକାଶ ଏବଂ କାର୍ଯ୍ୟକ୍ଷମ କରାଯିବ। ପ୍ରାୟ ୧୨,୨୦୦ କୋଟି ଟଙ୍କାର ଆନୁମାନିକ ନିବେଶରେ ଏହି ପ୍ରକଳ୍ପ ରୂପାୟନ କରାଯିବ। ମୁମ୍ବାଇର ନେସ୍କୋ ଗ୍ରାଉଣ୍ଡରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ ୨୦୨୫ କାର୍ଯ୍ୟକ୍ରମରେ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ), ଓଡ଼ିଶା ସରକାର, ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଏବଂ ମହାନଦୀ କୋଲ୍‌ଫିଲ୍ଡ୍‌ସ ଲିମିଟେଡ୍ (ଏମ୍‌ସିଏଲ୍) ମଧ୍ୟରେ ଏନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। କେନ୍ଦ୍ର ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଏବଂ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି।

ସ୍ଥାୟୀ ମାଲ ପରିବହନ ଏବଂ ଆଞ୍ଚଳିକ ଆର୍ଥିକ ଅଭିବୃଦ୍ଧି ପାଇଁ ଓଡ଼ିଶାର ନଦୀ ପ୍ରଣାଳୀକୁ ଉପଯୋଗ କରିବା ଦିଗରେ ଏହି ଚୁକ୍ତିନାମା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଆଭ୍ୟନ୍ତରୀଣ ଜଳପଥ ଦେଇ ତାଳଚେର କୋଇଲା କ୍ଷେତ୍ରରୁ ପାରାଦୀପ ଏବଂ ଧାମରା ବନ୍ଦରକୁ କୋଇଲା ଏବଂ ଅନ୍ୟାନ୍ୟ ବଲ୍କ କାର୍ଗୋର ସୁଗମ ପରିବହନ କରାଯିବ। ଏହି ପଦକ୍ଷେପ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ, ରାସ୍ତା ଏବଂ ରେଳ ନେଟ୍‌ୱର୍କକୁ କମ୍ କରିବାରେ ଏବଂ ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ। ଏହା ଭାରତ ସରକାରଙ୍କ ବିକଶିତ ଭାରତ @୨୦୪୭ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବ। ଏହି ପ୍ରକଳ୍ପ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ- ଓଡ଼ିଶା ଲିମିଟେଡ୍ (ଆଇଡବ୍ଲ୍ୟୁସିଓଏଲ୍) ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଆଇଡବ୍ଲ୍ୟୁଏଆଇ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତି, ବୈଧାନିକ ମଞ୍ଜୁରୀ ହାସଲ ଏବଂ ଟର୍ମିନାଲ, ବ୍ୟାରେଜ ଏବଂ ନାଭିଗେଶନ ସିଷ୍ଟମ ସମେତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶ କରିବାରେ ନେତୃତ୍ୱ ନେବ। ଓଡ଼ିଶା ସରକାର ଜବରଦଖଲମୁକ୍ତ ଜମି ଯୋଗାଇବ, ମଞ୍ଜୁରୀକୁ ସହଜ କରିବ ଏବଂ ପ୍ରଶାସନିକ ସହାୟତା ପ୍ରଦାନ କରିବ। ଏମ୍‌ସିଏଲ୍ ନିଶ୍ଚିତ କାର୍ଗୋ ପରିବହନ ଏବଂ ପ୍ରଥମ ମାଇଲ ସଂଯୋଗୀକରଣ ନିଶ୍ଚିତ କରିବ। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ କାର୍ଗୋ ପରିଚାଳନାକୁ ପ୍ରୋତ୍ସାହିତ କରିବ ଏବଂ ଅନ୍ତର୍ଦେଶୀୟ ଜଳପଥକୁ ମୋଡାଲ ସ୍ଥାନାନ୍ତରକୁ ପ୍ରୋତ୍ସାହିତ କରିବ।

# ଆଇଏମ୍‌ଡବ୍ଲ୍ୟୁ-୨୦୨୫ରେ ଓଡ଼ିଶା ଷ୍ଟଲ୍ ପୁରସ୍କୃତ

ଭୁବନେଶ୍ୱର,୩୦।୧୦

ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ ସପ୍ତାହ (ଆଇଏମ୍‌ଡବ୍ଲ୍ୟୁ) ୨୦୨୫ରେ ଓଡ଼ିଶା ରାଜ୍ୟ ଷ୍ଟଲ୍ ଏହାର ସୃଜନଶୀଳ ଡିଜାଇନ, ଆକର୍ଷଣୀୟ ବିଷୟବସ୍ତୁ ଏବଂ ରାଜ୍ୟର ସାମୁଦ୍ରିକ ଐତିହ୍ୟ ଏବଂ ଭବିଷ୍ୟତ ଦୃଷ୍ଟିକୋଣର ଦୂରଦୃଷ୍ଟିପୂର୍ଣ୍ଣ ଉପସ୍ଥାପନାକୁ ସ୍ୱୀକୃତି ଦେଇ ଶ୍ରେଷ୍ଠ ଷ୍ଟଲ୍ ମଧ୍ୟରୁ ଗୋଟିଏ ଭାବରେ ବିବେଚିତ ହୋଇଛି। ଏହି ପୁରସ୍କାର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପ୍ରଦାନ କରିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ଶାସନ ସଚିବ ବିଧାନ ଚନ୍ଦ୍ର ରାୟ ବନ୍ଦର ଓ ଆଇଡବ୍ଲ୍ୟୁଟି ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ଏବଂ କ୍ୟାପ୍‌ଟେନ ସୁଶାନ୍ତ ରାଉଳ ବାଗ ଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଓଡ଼ିଶା ସାମୁଦ୍ରିକ ବୋର୍ଡ ଦ୍ୱାରା ସଂଯୋଜିତ, ଷ୍ଟଲ୍ 'ଓଡ଼ିଶା – ଐତିହ୍ୟ ଏବଂ ଆଶାର ଯାତ୍ରା' ବିଷୟବସ୍ତୁ ଉପରେ ଡିଜାଇନ କରାଯାଇଥିଲା। ଏଥିରେ ପ୍ରାଚୀନ ବୋଇତ ବନ୍ଦାଣ ପରମ୍ପରା ଏବଂ କଳିଙ୍ଗର ଜାହାଜ ନିର୍ମାଣ କାରିଗରିଠାରୁ ଆରମ୍ଭକରି ରାଜ୍ୟର ଆଧୁନିକ ବନ୍ଦର-ନେତୃତ୍ୱାଧୀନ ବିକାଶ, ଜାହାଜ ନିର୍ମାଣ କ୍ଲଷ୍ଟର, ଆଭ୍ୟନ୍ତରୀଣ ଜଳପଥ, କ୍ରୁଜ୍ ପର୍ଯ୍ୟଟନ ଏବଂ ନୀଳ ଅର୍ଥନୀତି ପଦକ୍ଷେପ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକଳାପ ପ୍ରଦର୍ଶିତ କରାଯାଇଥିଲା।

# ୮୦୦ ଜଣଙ୍କୁ ବୃତ୍ତିଗତ ତାଲିମ



ଭୁବନେଶ୍ୱର,୩୦।୧୦

## ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ

ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ ଅଧୀନରେ ବର୍ତ୍ତମାନ ସୁଦ୍ଧା ଭବାନୀପାଟଣା ଏବଂ ଲାଞ୍ଜିଗଡ଼ର ୮୦୦ରୁ ଅଧିକ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ୫୫% ମହିଳା ଅଂଶଗ୍ରହଣ ସହିତ କଳାହାଣ୍ଡିରେ ଏହି କାର୍ଯ୍ୟକ୍ରମ ଲୋକଙ୍କ ପାଇଁ ରୋଜଗାରର ଦ୍ୱାର ଉନ୍ମୁକ୍ତ କରୁଛି। ବେଦାନ୍ତର ଭବାନୀପାଟଣା ଓ ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ରଗୁଡ଼ିକ ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ) ଓ ନାବାର୍ଡ ସହଯୋଗରେ ଚାଲୁଛି। ଏଠାରେ ଅତିଥି ସେବା, ବିକ୍ରୟ, ଖାଦ୍ୟ ଓ ପାନୀୟ ସେବା ଭଳି ବିଭିନ୍ନ ଶିଳ୍ପ ସମ୍ପର୍କିତ ତାଲିମ ଦିଆଯାଉଛି। ତାଲିମପ୍ରାପ୍ତ ଯୁବପିଢ଼ିଙ୍କ ମଧ୍ୟରୁ ୭୫% କାମରେ ନିଯୁକ୍ତ ହୋଇଥିବା ବେଦାନ୍ତ ପକ୍ଷରୁ ସୂଚନା ଦିଆଯାଇଛି। ଭଟଗୁଡ଼ା ଗାଁର ୨୧ ବର୍ଷୀୟ ବିଘ୍ନନାଶିନୀ ବିଶି ବେଦାନ୍ତ ଆଲୁମିନିୟମ ଦ୍ୱାରା ଦିଆଯାଇଥିବା ପ୍ରଶିକ୍ଷଣ ପରେ ପୁଣେର ଫିଏଷ୍ଟା ବାରବିକ୍ୟୁ ନେସନରେ କାମ କରୁଛନ୍ତି। ଅନ୍ୟପଟେ ଖାଦ୍ୟ ଓ ପାନୀୟ ବର୍ଗର ୨୨ତମ ବ୍ୟାଚ୍ ୧୦୦% ପ୍ଲେସ୍‌ମେଣ୍ଟ ହାସଲ କରିଛି। ଏହି ବ୍ୟାଚ୍‌ର ୨୪ଜଣଙ୍କ ମଧ୍ୟରୁ ଛାତ୍ରମାନେ ମଦୁରାଇର ଏଭିଏନ୍ ଗ୍ରୁପ୍, ବାଙ୍ଗାଲୋରର ସୋଡେକ୍ସୋ, ପୁଣେର କ୍ଲବ୍ ମହିନ୍ଦ୍ରା ଓ ଭୁବନେଶ୍ୱରର ଅସ୍ମିତା ହଲିଡେଜ୍ ଭଳି ପ୍ରସିଦ୍ଧ ସଂସ୍ଥାରେ କାମ ପାଇଛନ୍ତି। ବେଦାନ୍ତ ଆଲୁମିନା ବିଜ୍‌ନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଯୁବପିଢ଼ିକୁ ଦକ୍ଷତା ବିକାଶ ତାଲିମ ମାଧ୍ୟମରେ ସଶକ୍ତ କରିବା ଆମ ବିକାଶ ଦୃଷ୍ଟିକୋଣର କେନ୍ଦ୍ରସ୍ଥଳ।

# ନିଃଶୁଳ୍କ ଗୁଗଲ ଏଆଇ ପ୍ରୋ ଆକ୍ସେସ୍ ଆରମ୍ଭ

ଭୁବନେଶ୍ୱର,୩୦।୧୦

## ରିଲାଏନ୍ସ ଓ ଗଗୁଲର ସହଭାଗିତା

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ରିଲାଏନ୍ସ ଇଣ୍ଟେଲିଜେନ୍ସ ଲିମିଟେଡ୍ ଏବଂ ଗୁଗଲ ମାଧ୍ୟମରେ ଦେଶରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିପ୍ଳବକୁ ତ୍ୱରାନ୍ୱିତକରିବା ପାଇଁ ଏକ ସହଭାଗିତା ଘୋଷଣା କରାଯାଇଛି। ରିଲାଏନ୍ସ ଇଣ୍ଟେଲିଜେନ୍ସ ସହ ସହଭାଗିତାରେ ଗୁଗଲ, ଯୋଗ୍ୟ ଜିଓ ଉପଭୋକ୍ତାଙ୍କ ପାଇଁ ଗୁଗଲର ଏଆଇ ପ୍ରୋ ଯୋଜନା ସହ ଗୁଗଲ ଜେମିନିର ନୂଆ ସଂସ୍କରଣ ୧୮ ମାସ ପାଇଁ ନିଃଶୁଳ୍କରେ ଉପଲବ୍ଧ ହେବ। ଏହି ଅଫରରେ ଜେମିନି ଆପ୍‌ରେ ଗୁଗଲର ସବୁଠାରୁ ସକ୍ଷମ ଜେମିନି ୨.୫ ପ୍ରୋ ମଡେଲ୍‌କୁ ଅଧିକ ପ୍ରବେଶ, ସେମାନଙ୍କର ଅତ୍ୟାଧୁନିକ ନାନୋ ବାନାନା ଏବଂ ଭିଓ ୩.୧ ମଡେଲ ସହ ଚମତ୍କାର ଚିତ୍ର ଏବଂ ଭିଡିଓ ସୃଷ୍ଟିକରିବାର ଉଚ୍ଚ ସୀମା, ଅଧ୍ୟୟନ ଏବଂ ଗବେଷଣା ପାଇଁ ନୋଟ୍‌ବୁକ୍ ଏଲ୍‌ଏମ୍‌କୁ ବିସ୍ତାରିତ ପ୍ରବେଶ, ୨ ଟିବି କ୍ଲାଉଡ୍ ଷ୍ଟୋରେଜ ସୁବିଧା ମିଳିବ। ଏହି ୧୮ ମାସର ଅଫରର ବାସ୍ତବ ମୂଲ୍ୟ ୩୫,୧୦୦। ଯୋଗ୍ୟ ଜିଓ ଉପଭୋକ୍ତାମାନେ ମାଇଜିଓ ଆପ୍ ମାଧ୍ୟମରେ ଏହି ଅଫରକୁ ସକ୍ରିୟ କରିପାରିବେ। ଏହି ରୋଲ୍‌ଆଉଟ୍ ୧୮ରୁ ୨୫ ବର୍ଷ ବୟସ୍କଙ୍କ ପାଇଁ ଅସୀମିତ ୫ଜିପ୍ଲାନ୍‌ର ପ୍ରାରମ୍ଭିକ ପ୍ରବେଶ ସହିତ ଆରମ୍ଭ ହେବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଅଧ୍ୟକ୍ଷ ମୁକେଶ ଡି. ଅମ୍ବାନୀ କହିଛନ୍ତି, ଗୁଗଲ ଭଳି ରଣନୈତିକ ଏବଂ ଦୀର୍ଘକାଳୀନ ଅଂଶୀଦାରଙ୍କ ସହ ଆମର ସହଯୋଗ ମାଧ୍ୟମରେ, ଆମେ ଭାରତକୁ କେବଳ ଏଆଇ-ସକ୍ଷମ ନୁହେଁ ବରଂ ଏଆଇ-ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଗୁଗଲ ଏବଂ ଆଲ୍‌ଫାବେଟର ସିଇଓ ସୁନ୍ଦର ପିଚାଇ ସହଭାଗିତା ପାଇଁ ଉତ୍ସାହିତ ଥିବା କହିଛନ୍ତି।

# ଏନ୍‌ଏଚ୍‌ଏଆଇର ଟୋଲ୍ ସଂଗ୍ରହ ୨,୦୬୨ କୋଟି ହ୍ରାସ

ଭୁବନେଶ୍ୱର,୩୦।୧୦

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ( ଏନ୍‌ଏଚ୍‌ଏଆଇ) ସାର୍ବଜନୀନ ବିତ୍ତ ପୋଷିତ ପ୍ଲାଜାଗୁଡ଼ିକରେ ଟୋଲ୍ ସଂଗ୍ରହ ହ୍ରାସ କରିଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ୪,୭୩୬ କୋଟି ଟଙ୍କା ଟୋଲ ସଂଗ୍ରହ ହୋଇଥିବାବେଳେ ଆର୍ଥିକ ବର୍ଷ ୨୦୨୪-୨୫ରେ ଏହା ୨,୬୭୪ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ବର୍ଷକରେ ଏନ୍‌ଏଚ୍‌ଏଆଇକୁ ୨,୦୬୨ କୋଟି ଟଙ୍କା ଟୋଲ୍ ସଂଗ୍ରହ ହ୍ରାସ କରିଛି। ଅର୍ଥାତ୍ ଟୋଲ୍ ସଂଗ୍ରହ ଆର୍ଥିକ ବର୍ଷ ୨୦୨୩-୨୪ରେ ୧୭.୨୭%ରୁ ଆର୍ଥିକ ବର୍ଷ ୨୦୨୪-୨୫ରେ ୯.୨୭%କୁ ହ୍ରାସ ପାଇଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ଟୋଲ୍ ଏଜେନ୍ସିଗୁଡ଼ିକ ଦ୍ୱାରା ମୋଟ ଟୋଲ୍ ସଂଗୃହୀତ ୨୭,୪୧୭ କୋଟି ଥିଲା, ଯେଉଁଥିରୁ ପ୍ରାୟ ୨୨,୬୮୧ କୋଟି ଟଙ୍କା ଏନ୍‌ଏଚ୍‌ଏଆଇକୁ ଜମା କରାଯାଇଥିଲା। ମାତ୍ର ଆର୍ଥିକ ବର୍ଷ ୨୦୨୪-୨୫ରେ ଟୋଲ୍ ଏଜେନ୍ସିଗୁଡ଼ିକ ମୋଟ ପ୍ରାୟ ୨୮,୮୨୩ କୋଟି ଟୋଲ୍ ଫି' ସଂଗ୍ରହ କରିଥିଲେ, ଯେଉଁଥିରୁ ପ୍ରାୟ ୨୬,୧୪୯ କୋଟି ଟଙ୍କାର ଏନ୍‌ଏଚ୍‌ଏଆଇକୁ ଜମା କରାଯାଇଛି। ଏନ୍‌ଏଚ୍‌ଏଆଇ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଉଦ୍ୟମ ଯୋଗୁ ହୋଇଛି ଯେପରି ବର୍ତ୍ତମାନର ଚୁକ୍ତିଗୁଡ଼ିକର ନିକଟ ନିରୀକ୍ଷଣ, ୩ ମାସର ଡିମଡ୍ ଏକ୍ସଟେନସନ ବ୍ୟବସ୍ଥା ବିଲୋପ, ସମୟାନୁସାରେ ବିଡିଂ, ଅଧିକାଂଶ ଚୁକ୍ତିକୁ ୧ ବର୍ଷ ଅବଧି ପାଇଁ ପ୍ରଦାନ ନିଶ୍ଚିତ କରିବା ଏବଂ ୩ ମାସର ସ୍ୱଳ୍ପକାଳୀନ ଚୁକ୍ତିଗୁଡ଼ିକୁ ନ୍ୟୂନତମ କରିବା ଦ୍ୱାରା ଏହି ଟୋଲ୍ ସଂଗ୍ରହ କମ୍ କରାଯାଇପାରିଛି। ଏହାସହ ସ୍ୱଳ୍ପକାଳୀନ ୩ ମାସର ଚୁକ୍ତିଗୁଡ଼ିକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହା ବ୍ୟତୀତ ଏନ୍‌ଏଚ୍‌ଏଆଇ 'ଅଲ୍ ଇଣ୍ଡିଆ ୟୁଜର ଫି କଲେକ୍ସନ ଫେଡେରେଶନ' ସହ ନିୟମିତ ଭାବେ ଯୋଗାଯୋଗ କରି ଟୋଲ୍ ସଂଗ୍ରହ ଏଜେନ୍ସିଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ପାଇଁ କାର୍ଯ୍ୟ କରୁଛି। ଟୋଲ୍ ସଂଗ୍ରହ ଏଜେନ୍ସିଗୁଡ଼ିକର ପରଫର୍ମାନ୍ସ ସିକ୍ୟୁରିଟି (ନଗଦ ଅଂଶ) ଏବଂ ବ୍ୟାଙ୍କ ଗ୍ୟାରେଣ୍ଟିର ସମୟାନୁସାରେ ମୁକ୍ତି ସେମାନଙ୍କର ବିଡିଂ କ୍ଷମତାକୁ ଆହୁରି ବଢ଼ାଇ ଉଚ୍ଚ ବିଡ୍ ରାଶି ଆଣିଛି।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲୁଗାଁ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୩୦।୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲୁଗାଁ ଶାଖା ଗୁରୁବାର ଉଦଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ ଏହି ନୂତନ ଶାଖାର ଉଦଘାଟନ କରିଥିଲେ। ଏହି ଶାଖା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ୮୬ତମ ଶାଖା ଅଟେ। ଏହି ଅବସରରେ ଉପ-ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ବାଲୁଗାଁ ଶାଖାର ଶାଖା ପ୍ରବନ୍ଧକ କୈଳାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକମାନଙ୍କୁ ଉତ୍କୃଷ୍ଟ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ବ୍ୟାଙ୍କର ପ୍ରମୁଖ ଲକ୍ଷ୍ୟ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ମଲିକ କହିଛନ୍ତି।

# କୁକୁର କାମୁଡ଼ାରେ ୧୦ ଆହତ

## କୁକୁରକୁ ପିଟି ମାରିଦେଲେ ଲୋକେ

ପାଟଣା, ୩୦।୧୦ (ବୀର କିଶୋର ଦାଶ) କେନ୍ଦୁଝର ଜିଲା ପାଟଣାରେ ଏକ କୁକୁର କାମୁଡ଼ାରେ ୨ଦିନରେ ୧୦ଜଣ ଆହତ ହୋଇଛନ୍ତି। ଆହତମାନେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ଅପରପକ୍ଷେ ଉତ୍ତ୍ୟକ୍ତ ଲୋକେ ଗୁରୁବାର ଅପରାହ୍ନରେ ସଂଘବଦ୍ଧ ଭାବେ କୁକୁରକୁ ପିଟି ମାରି ଦେଇଛନ୍ତି। ସୂଚନା ଅନୁଯାୟୀ, ପାଟଣା ବଜାର ପାଟଣା–କେନ୍ଦେଇପଶି ରାସ୍ତାର ରାଣା ଟ୍ରେଡର୍ସ ନିକଟରେ ବୁଧବାର ଏକ କୁକୁର ବ୍ୟବସାୟୀ କାବୁଲି ବେହେରାଙ୍କ ପୁଅ ପ୍ରୀତିରାଜ(୯) ଏବଂ ଡିମିରିଡିହାର ପଙ୍କଜ ବେହେରାଙ୍କୁ ଗୋଡ଼େଇ କାମୁଡ଼ିଥିଲା। ଗୁରୁବାର ପାଟଣା ବ୍ଲକଛକ, ଷ୍ଟେଟବ୍ୟାଙ୍କ, ରାଣା ଟ୍ରେଡର୍ସ ନିକଟରେ ଆଉ ୮ଜଣଙ୍କୁ କୁକୁର ଗୋଡ଼େଇ କାମୁଡ଼ିଥିଲା। ଆହତମାନେ ହେଲେ ଗଦାଧରପୁରର ରଙ୍ଗାଧର ଦାସ, କେନ୍ଦ୍ରାପଡ଼ାର ତୃପ୍ତିରଞ୍ଜନ ଆଚାର୍ଯ୍ୟ, ଜାମୁଳେଇ ବେଡ଼ାର ମିଟୁ ନାଏକ, ଭୁବନେଶ୍ୱରର ଅର୍ଚ୍ଚିତା ମହାପାତ୍ର, ଆନନ୍ଦପୁରର ରଞ୍ଜିତା ମହାନ୍ତ, କେନ୍ଦେଇପୋଷିର କୈଳାସ ନାଏକ, ପାଟଣାର ଇସାନ ନଜରୁଲା ଓ ସାଲମ ଅନ୍‌ସାରି।

# ବସ୍‌କୁ ଧକ୍କା ଦେଲା ଟ୍ରକ୍, ୩ ଗୁରୁତର

ବସ୍ତା, ୩୦।୧୦(ହରିଶଙ୍କର ପାଢ଼ୀ): ବାଲେଶ୍ୱର ଜିଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ଝୁଣବଳଦା ନିକଟରେ ଗୁରୁବାର ଏକ ବସ୍ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ୩ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଆହେସାନ ନାମକ ବସ୍ ସକାଳ ସାଢେ ୭ଟାରେ ବାଲେଶ୍ୱରରୁ ଜଲେଶ୍ୱର ଅଭିମୁଖେ ଯାଉଥିଲା। ଝୁଣବଳଦା ନିକଟ ହୋଟେଲ ସମ୍ମୁଖରେ ବସ୍‌ଟି ହଠାତ୍ ବାମକୁ ବୁଲି ପଡ଼ିଥିଲା। ଏହି ସମୟରେ ପଛପଟୁ ଆସୁଥିବା ଟ୍ରକ୍ (ନଂ. ଏପି୧୬ଟିଇ-୭୩୬୯) ବସ୍‌କୁ ଧକ୍କା ଦେଇଥିଲା। ବସରେ ଥିବା ୩୫ଯାତ୍ରୀଙ୍କ ମଧ୍ୟରୁ ୩ଜଣ ଗୁରୁତର ଆହତ ହୋଇଥିଲେ।

---

## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
AT/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661, Email-hpschiplima@yahoo.in, Fax No. (0663) 2460505

No.CAD-2134

No.-CHEP/TW-02 (Vol.-V)/4101 Date: 27.10.2025

**TENDER CALL NOTICE NO.-CHEP-39/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / Reputed Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply of T & P Materials for Maintenance Division of CHEP, Chiplima | Rs.2,360/- (Rs.2,000/- + GST @18%) | 4,260/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.31.10.2025 up to 12:30 PM of dtd.14.11.2025.

OIPR-04006/11/0110/2526 Sd/- C & P Head, CHEP, Chiplima

---

## GOVERNMENT OF ODISHA
## OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA

No.C-1348

e-mail:eephd.rgda.od@od.gov.in eephdrgda@gmail.com
Letter No.5002/ Dt.29.10.25

**CORRIGENDUM**

The following corrigendum is made for the work as mentioned in invitation for the bids through e-tender published vide NIT No. **EEPHDRAYAGADA-21/2025-26 DT.09.09.2025 has been cancelled.**

| Sl. No. | Name of the Work | Bid Identification No. | Reason |
|---|---|---|---|
| 1 | Procurement & Installation of DG set for ESR & OGR site at Katikia Sahi, Kashinagar | EEPHDRAYAGADA-21/ 2025-26 Dtd.09.09.2025 | Tender has been cancelled due to single bid qualified in Technical Evaluation |
| 2 | Procurement & Installation of DG set for Intake Site at Kashinagar | EEPHDRAYAGADA-21/ 2025-26 Dtd.09.09.2025 | Tender has been cancelled due to single bid qualified in Technical Evaluation |

OIPR-13052/11/0037/2526 Sd./- EXECUTIVE ENGINEER, P.H. DIVISION, RAYAGADA

---

## ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ)
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍- ୧, ଭୁବନେଶ୍ୱର-୭୫୧୦୦୯

**ଆଦିବାସୀ ପ୍ରତିଭା ସମ୍ମାନ-୨୦୨୫**

No.V- ଏତଦ୍ ଦ୍ୱାରା ଘୋଷଣା କରାଯାଉଅଛି କି ବିଗତ ବର୍ଷମାନଙ୍କ ପରି ନୃତ୍ୟ, ସଙ୍ଗୀତ, ସାହିତ୍ୟ, ଚିତ୍ରକଳା, ଚାରୁକଳା, ସମାଜସେବା, ଦେଶଜ ଶିକ୍ଷା ବିଦ୍ୟା, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଜନଜାତି ପ୍ରତିଭାମାନଙ୍କୁ ଆଗାମୀ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବରେ ମାନପତ୍ର, ଉତ୍ତରୀୟ ଓ ଅର୍ଥରାଶି ପ୍ରଦାନ କରି ସମ୍ମାନିତ କରାଯିବ। ଏଣୁ ଏହି ସମ୍ମାନ ନିମନ୍ତେ ଉପରୋକ୍ତ କ୍ଷେତ୍ରରେ ବିଶେଷ ପାରଦର୍ଶିତା ହାସଲ କରିଥିବା ଜନଜାତି ବର୍ଗର ବ୍ୟକ୍ତି ବିଶେଷଙ୍କୁ ନଭେମ୍ବର ୩୦, ୨୦୨୫ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି।

ସମ୍ପୂର୍ଣ୍ଣ ବିଜ୍ଞାପନ ଓ ଆବେଦନ ପତ୍ର ଡାଉନ୍‌ଲୋଡ୍ କରିବା ନିମନ୍ତେ ୱେବସାଇଟ୍ www.atlcodisha.org, www.scstrti.in ଅଥବା www.stsc.odisha.gov.in ଦେଖନ୍ତୁ।

OIPR-26011/11/0014/2526 ସ୍ୱା/- ସଦସ୍ୟ ସଚିବ

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH

No.O-1219

E-mail ID : serw_sundargarh@gmail.com

**Bid Identification No. Online-PMGSY/RWCCESNG-08 of 2025-26**
**Letter No.2915 // Date : 24.10.2025**

1. Name of the work : **Repair and Maintenance of Rural roads under PMGSY roads**, 2. Total No. of Packages : **04 Nos.**, 3. Estimated Cost of individual packages : **Rs.82.22 lakh to 177.21 lakh**, 4. Period of completion : **05 (Five) years (IR Part-90 Ninety days)**, 5. Other details :

| Procurement Officer | Bid Identification No. | No. of Packages | Availability of Tender on-line for bidding | | Date & Time of Technical Bid opening | Date & Time of Financial Bid opening |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | PMGSY / RWCCESNG-08 of 2025-26 | 04 Nos. | 31.10.2025 at 11.00 A.M. | 10.11.2025 upto 5.00 P.M. | 11.11.2025 at 11.00 A.M. | Will be intimated separately |

Further details can be seen from the website www.pmgsytenders.gov.in

OIPR-25133/11/0077/2526 Sd./- Chief Construction Engineer Rural Works Circle, Sundargarh

---

## OFFICE OF THE SUPERINTENDING ENGINEER RURAL WORKS DIVISION, BALLIGUDA

Email : rw_balliguda@yahoo.com

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/08-2025-26/BLG**

No.O-1251

| Identification No. | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 08-2025-26/BLG | Road Works | 03 Nos | Rs.59.96 Lakhs to Rs.80.67 Lakhs | "B" Class | 06 (Six) Calendar Month as provided |

| Procurement officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, Rural Works, Division, Balliguda | Online Tender/08-2025-26/ BLG | 28.10.2025 at 10.00 A.M. | 11.11.2025 upto 5.30 P.M. |

(i) EMD/Bid Security, Cost of Bid document is to be transferrred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

OIPR-25150/11/0010/2526 Sd./- Executive Engineer R.W. Division, Balliguda

---

## OFFICE OF THE SUPERINTENDING ENGINEER, MINOR IRRIGATION DIVISION, DHENKANAL

No.2196/Dt.28.10.2025

**e-Procurement Notice**
**Bid Identification No.-DMID/09/2025-26**

e-mail ID: eemidkl@gmail.com

No.A-811 : The Superintending Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | As per Annexure to this bid notice |
| No. of Works | : | 09 (Nine) Only |
| Estimated Cost | : | Varies from 20.96 lakh to 83.24 lakh (Approximately) |
| Cost of Tender Paper | : | As per Annexure to this bid notice |
| Period of Completion | : | 04 (Four) Calendar months |
| Availability of bid documents for sale and receipt through on-line | : | From Dt.01.11.2025, 10.00 A.M. to Dt.10.11.2025, up to 5.00 P.M. |
| Last date / time of receipt of bids in the portal | : | 10.11.2025 (5.00 P.M.) |
| Date of Technical bid opening through online | : | On Dt.11.11.2025 at 11.00 A.M. in the Office of the S.E., M.I. Division, Dhenkanal |
| Mode of payment of Bid Cost | : | Online |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website http://dowrorissa.gov.in | | |
| Name & Address of the OIT | : | Superintending Engineer, Minor Irrigation Division, Dhenkanal, At/P.O/District - Dhenkanal, Ph. No / Fax No. - 06762-224461, Email ID : eemidkl@gmail.com |
| Further details can be seen from the e-Procurement http://tendersorissa.gov.in | | |

OIPR-32027/11/0024/2526 Sd./- Superintending Engineer M.I.Division, Dhenkanal

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, TITILAGARH

E-Mail ID: eerw_titilagarh@yahoo.co.in

No. O-1201

**e-Procurement Notice**
**IFB IDENTIFICATION No. EETIG-Online-09/2025-26**

| | | | |
|---|---|---|---|
| 1. | Name of Work | : | Building Works |
| 2. | Total No. of Works | : | 01 (One) No. |
| 3. | Approximate Estimated Cost | : | Varies from Rs.39.13 lakh |
| 4. | Time for Completion | : | 06 (Six) Calendar Months |
| 5. | Mode of submission of tender | : | Tender should be submitted online in **www.tenders.ori.nic.in** |
| 6. | Other details are as follow | | As per TCN No. EETIG-Online-09/2025-26 |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W. Divn., Titilagarh | EETIG-Online-09/2025-26 | 30.10.2025 at 11.00 A.M. | 10.11.2025 upto 5.00 P.M. | 10.11.2025 to 11.00 A.M. | 11.11.2025 at 11.30 A.M. |

- Further details can be seen from the website **www.tenders.ori.nic.in**.
- Any Corrigendum/Addendum will be displayed in the above e tender website only.

OIPR-25078/11/0031/2526 Sd./- Executive Engineer, R.W. Division, Titilagarh

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION-I, MALKANGIRI

**NATIONAL COMPETITIVE BIDDING THROUGH e-Procurement**
**1st Corrigendum to Online Tender 03/RWD-I, MKG/2025-26, dt.23.09.2025 (Revised)**

No.O-1249:In partial modification to this office tender call notice Online Tender 03/RWD-I, MKG/2025-26, dt.23.09.2025 availability of Tender on-line for bidding have been rescheduled as follows.

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date and Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender-03/RWD-I, MKG/2025-26 | Total 33 Nos. (Single Cover & Double Cover) | 10.11.2025 from 11.00 AM | 24.11.2025 upto 5.00 PM | 21.11.2025 upto 5.00 P.M. | Tech. Bid opening: (Single Cover & Double Cover Tech.Bid) 25.11.2025 at 11.00 AM |

OIPR-25058/11/0021/2526 Sd./- Executive Engineer, R.W.Division-I, Malkangiri

---

## OFFICE OF DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC), BHADRAK (DISTRICT)

Phone:06784 251424 District Website: cso.bdk@gmail.com/cso-bha@nic.in
Tender No. 5660, 5661, 5662, 5663, 5664, 5665, 5666 Dt.: 27.10.2025

No. CAD-2120: Online tenders are invited from eligible bidders for selection and appointment of Transport Contractors for transportation of (I) Paddy from Paddy Purchase Centres (PPCs)/Mandis to Rice Mill points (within or outside district), (II) Custom Milled Rice (CMR) from Rice Mill points to Rice Receiving Centres (RRCs)/ Depots (within or outside districts)

| | | |
|---|---|---|
| 1 | Name of the work | Selection and appointment of Transport Contractors for transportation of (I) Paddy from Paddy Purchase Centres (PPCs)/Mandis to Rice Mill points (within or outside district), (II) Custom Milled Rice (CMR) from Rice Mill points to Rice Receiving Centres (RRCs)/Depots (within or outside districts) |
| 2 | Availability of bid document in the portal | From 31.10.2025 |
| 3 | Last Date/time for receipt of bids in the portal | Dt.27.11.2025 by 5.30 P.M. |
| 4 | Date/Time of opening of Technical Bid | Dt.28.11.2025 at 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Bhadrak (District) |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/Re-tenders etc. if any shall be published only in above websites.

OIPR-07055/11/0009/2526 Sd./- District Manager OSCSC Ltd., Bhadrak

---

## OFFICE OF THE SUPERINTENDING ENGINEER, RURAL WORKS DIVISION, KARANJIA

E-mail ID: eerwkaranjia@yahoo.com
Letter No.4353, Date 25.10.2025

**2ND CORRIGENDUM NOTICE**

**BID IDENTIFICATION NO. RWDKNJ-05/2025-26 (Road) Invited Vide this Office Letter No.3953, Dt.11.09.2025**

**No.O-1238:**Due to unavoidable circumstances, tender invited vide Bid Identification **No-RWDKNJ-05/2025-26** (Road) works vide this office letter No.3953, Dt.11.09.2025 and 1st Corrigendum Notice Vide Ltr.No-4029, Dt.15.09.2025 for the work **"Periodical Renewal of 05 (Five) year Completed PMGSY roads for the year 2025-26."** The Important dates have been changed as per following.

| | | | |
|---|---|---|---|
| 1 | Availability of tender Online | : | 30.10.2025 at to 11.00 AM instead of 28.10.2025 |
| 2 | Last date of availability of tender | : | 11.11.2025 upto 5.00 PM instead of 11.11.2025 |
| 3 | Last date & time of seeking tender | : | 11.11.2025 upto 1.00 PM instead of 08.11.2025 |
| 4 | Date of Opening of Tender | : | 12.11.2025 at 11.00 AM instead of 10.11.2025 |

**All other terms and conditions will remain unaltered.**

OIPR-25086/11/0033/2526 Sd./- Executive Engineer, R.W.Division, Karanjia

---

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

No.O-1236

(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

(At/Po-Ambapua, Near Income Tax Office, Berhampur-760011, Ganjam, Odisha) (E-Mail : serwbpr2004@yahoo.com, Tel No.: 0680-2404287)

**No. e-tender // 3802 // RWC // BAM // Dated. 17.10.2025**

**1st Corrigendum to Bid Identification No. Online Tender/32-2025-26/BPR**

1) The partial modification of Road works under MMSY-CMRL vide above identification has been made as follows.

| | | | |
|---|---|---|---|
| 1 | Date of availability of tender | : | 06.11.2025 to 20.11.2025 upto 5.30 P.M. instead of 17.10.2025 to 31.10.2025 upto 5.30 P.M. |
| 2 | Last Date & Time of seeking tender clarification | : | 18.11.2025 at 5.30 P.M. instead of 29.10.2025 at 5.30 P.M. |
| 3 | Date of opening of Technical Bid | : | 21.11.2025 at 11.00 A.M. instead of 01.11.2025 at 11.00 A.M. |
| 4 | Date of opening of Financial Bid | : | Will be intimated later on. |

All other contents will remain unchanged.

OIPR-25071/11/0155/2526 Sd./- Chief Construction Engineer R.W.Circle, Berhampur

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION-II, BHADRAK

No.O-1229

ee_rwbdk2@yahoo.co.in

**"e" Procurement Notice for Building Works**
**Identification Online Tender 15/RWD/BDK-II/2025-26, Dtd.27.10.2025**

1. Name of the Work : Building Works as per Annexure, 2. Total Number of Works : 1 No., 3. Approximate Estimated Cost : Rs.68.46 lakhs, 4. Class of Contractor : As per Annexure, 5. Period of Completion : As Per Annexure, 6. Other details : The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Bhadrak | 15 | 30.10.2025 at 11.30 A.M. | 06.11.2025 up to 5.00 P.M. | 06.11.2025 up to 3.00 P.M. | 07.11.2025 at 11.00 A.M. | Will be intimated latter |

7. **Further details can be seen from the e-procurement portal "https://www.tendersorissa.gov.in"**
8. Any other changes / Corrigendum may be seen only in website www.tendersorissa.gov.in

OIPR-25090/11/0034/2526 Sd./- Executive Engineer R.W. Division-II, Bhadrak

---

## GOVT. OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION-I, KEONJHAR

No.O-1140

Tel. 06766-258094(O), Mail : eerw1_kjr@yahoo.com

**e-Procurement Notice for Road works**
**Identification No Online NCB - 07/2025-26**

1. Name of the Work : 45 No. Road Work, 2. Total Number of Work : 45 No., 3. Estimated Cost : Rs.5.08 Lakhs to Rs.48.81 Lakhs, 4. Class of Contractor : "D & C", "B" Class, 5. Period of Completion : As per annexure of e-Procurement Notice No.7 of 2025-26, 6. Other Details :

| Procurement officer | Bid Identification No. | Availability of tender online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-I, Keonjhar | Building Online NCB No.07 | Dt.31.10.2025 at 11.00 A.M. | Dt.11.11.2025 up to 5.00 P.M. | Dt.10.11.2025 up to 5.00 P.M. | Dt.12.11.2025 at 11.00 A.M. |

Further details can be seen from the website www.tenderorissa.gov.in

OIPR-25110/11/0024/2526 Sd./- Superintending Engineer R.W. Division-I, Keonjhar

---

## OFFICE OF THE DIVISIONAL FOREST OFFICER, MANGROVE FOREST DIVISION (WL), RAJNAGAR

AT/P.O: Rajnagar, Dist: Kendrapara-754225, Phone: 06729-242460,
Control Room: 06729-242463, E-mail ID: dfo.rajnagarwl@odisha.gov.in
BID IDENTIFICATION NO- DFO MFD-Hiring Trawler/01/IF(Accts.)/Tender/334/ Dated.29/10/2025
Dated, Rajnagar the 29th October 2025

**SHORT TENDER CALL NOTICE**

**No.MM-257:**Sealed quotations are invited from registered trawler owners to submit their competitive quote for leasing of their sea worthy vessel of engine power between 450 HP to 550 HP for Sea Turtle Protection duty for the year 2025-26. The period of engagement shall normally be from 15th November-2025 to 31st March-2026. The owners are to quote the monthly hire charges inclusive of taxes if any but the cost of fuel, which will be brone by this Division. The details of terms and condition for engagement of trawler can be obtained from the office of the undersigned during office hours from 30th November-2025 onwards. Quotation for hiring of trawler (450 to 550 HP) to be submitted separately. Tender Paper & related documents should be collected from the office of the undersigned during the working hours between 10 A.M. to 5 P.M. from 31.10.2025 onwards with production of Tender Paper cost. Last Date & Time of Receipt of Quotation up to 03:00 PM on 14.11.2025. Opening of Quotation: 4:00 PM on the same day in presence of the bidders or their authorized representatives.

OIPR-08053/11/0038/2526 Sd./- Divisional Forest Officer Mangrove Forest Division (Wildlife), Rajnagar

---

## ODISHA STATE HEALTH & FAMILY WELFARE SOCIETY

Dept. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit - 8, Bhubaneswar-751012
Phone: 0674-2392480/88

Advt. No. 14/25 Date: 29.10.2025

## TENDER CALL NOTICE FOR BOOKING OF TRAVEL TICKETS & HOTELS

No. E-469: Sealed tenders are invited from IATA & TAAI registered/ accredited travel agencies for booking of travel tickets (Air/Train/ Bus) & hotels (for outside State Travel) for a period of three years. Initially, the contract with the selected agency shall be signed for a period of one year which shall be renewed for another two years depending on satisfactory performance of the agency. The eligibility criteria and detail terms & conditions may be downloaded from the website **www.nhmodisha.gov.in** (under link "Tender"). The tenders should reach the office of the undersigned by 19th November 2025 (till 3 P.M.). The tenders will be opened at 4.00 P.M. on 19th November 2025. The undersigned reserves the right to reject any or all the tenders without assigning any reason thereof.

OIPR-10084/11/0043/2526 Sd./- Mission Director NHM, Odisha

---

## Government of Odisha
## Office of the Superintending Engineer, Rural Works Division, Jharsuguda

No.O-1185

Email : eerw_jharsuguda@yahoo.co.in, Tel. : 06645-271643
Bid Identification No. Online - SEJSG - 06 of 2025-26

**NOTICE INVITING TENDER FOR ROAD WORK IN ODISHA**
NATIONAL COMPETITIVE BIDDING THROUGH e-Procurement

| | | | |
|---|---|---|---|
| 1 | Name of the work | : | Road Works as per DTCN available in the www.tendersorissa.gov.in |
| 2 | Total No. of Work | : | 04 (Four) Nos. |
| 3 | Estimated Cost | : | Rs. 63.29 Lakh to Rs. 79.13 Lakh |
| 4 | Period of completion | : | 04 (Four) Calendar Months |
| 5 | Period and Time of availability of bid document in the portal for bidding | : | Dt. **30.10.2025** at 11.00 A.M. to **15.11.2025** upto 05.00 P.M. |
| 6 | Date and Time of bid opening | : | Dt. **17.11.2025** at 11.00 A.M. |
| 7 | Name and address of the officer inviting Bid | : | S.E., R.W.Division, Jharsuguda |

(1) Other details can be seen from Detailed notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

OIPR-25104/11/0041/2526 Sd./- Superintending Engineer R.W. Division, Jharsuguda

---

## Government of Odisha "e" procurement Notice

**Bid Identification No. TENDER ONLINE SNPR - 08 OF 2025-26**

No.O-1203
No. 4107 Dated : 25.10.2025

| | | | |
|---|---|---|---|
| 1. | Name of the Work | : | Building Works as per DTCN available in the website www.tendersodisha.gov.in |
| 2. | Total No. of Work | : | 02 (Two) Nos. |
| 3. | Approximate Estimated Cost | : | Vary from Rs. 30.04 lakh to Rs. 67.27 lakh |
| 4. | Period of Completion | : | 6 (Six) to 9 (Nine) Calendar months |
| 5. | Period and time of availability of bid document in the portal for bidding | : | 30.10.2025 at 11.00 A.M. to 14.11.2025 up to 5.00 P.M. |
| 6. | Date and time of opening of Tender | : | 15.11.2025 at 11.00 A.M. (Technical Bid) & (Financial Bid will be intimated later on) |
| 7. | Name and address of the Officer Inviting Bid | : | S.E.R.W. Division, Sonepur |

(1) Other details can be seen from detailed notice
(2) Inviting tenders, available in website www.tendersodishagov.in
(3) Corrigendum if any shall only be published in the website : www.tenderodisha.gov.in

OIPR-25054/11/0045/2526 Sd./- Executive Engineer Rural Works Division, Sonepur

---

## GOVT. OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, GAJAPATI

AT/PO:PARALAKHEMUNDI, DIST:GAJAPATI
PHONE NO:06815-222365, e-mail-eemi_gajapati@yahoo.co.in
eemigajapatiparalakhemundi@gmail.com
e-Procurement Notice No.2857 Date. 27/10/2025
BID IDENTIFICATION NO. MIDGJP-4/2025-26

No.A-801:The Superintending Engineer, Minor Irrigation Division, Paralakhemundi on behalf of Governor of Odisha invites Percentage Rate bid in Single Cover System in ONLINE MODE for the construction of following works as detailed in the Detailed Tender Call Notice (D.T.C.N) from the eligible class of contractors.

1. Name of the work:**Imp. To Check Dams and Imp. To MIPs underMIPSP/ 2025-26 &Critical/25-26 Scheme.**
2. No of works:**14Nos. (Fourteen)**
3. Estimated cost:**Varies approximately from Rs.5.00 Lakhs.To 21.10 Lakhs**
4. Period of completion: **02 (Two) to 3 (three) Calendar months.**
5. Date and time of availability of bid documents in the portal: from **10.30 Hours of 03.11.2025 to 17.00 Hours of 12.11.2025.**
6. Last date/ time for receipt of bids in the portal: **17.00 Hours of 12.11.2025.**
7. Date of opening of Bid:**11.00 Hours on 13.11.2025.**
8. Name and address of the Officer inviting Bid:Superintending Engineer, Minor Irrigation Division, Gajapati, At/Po- Paralakhemundi, Dist- Gajapati. PIN-761200. Further details can be seen from the e-procurement portal- **https://tendersodisha.gov.in**

Sd/-27.10.2025
Er.Simachala Satapathy
Superintending Engineer, MI Division, Gajapati, Paralakhemundi

OIPR-32555/11/0002/2526

---

## GOVERNMENT OF ODISHA
## DEPARTMENT OF WATER RESOURCES

No.A-

**"e" Procurement Notice-SAL-BDK 2P1 OF 2025-26**
**BID IDENTIFICATION NO.SAL-BDK 2P1 OF 2025-26**

The Superintending Engineer, Salandi Canal Division, Bhadrak on behalf of Govt. of Odisha invites bid in Single Cover System from registered and established Manpower Service Provider to provide manpower as detailed below:

| | | | |
|---|---|---|---|
| 1 | **Nature of the Work** | : | **Manpower supply (Engagement of 1 No.skilled, 2No Semi-skilled & 7 No. Unskilled personnel through service provider from dt.15.11.2025 to 31.03.2026** |
| 2 | **No. of Works** | : | 1 (One) No. |
| 3 | **Value of Works** | : | Rs.6.84 Lakhs |
| 4 | **Tender Paper Cost** | : | Refer to DTCN |
| 5 | **EMD/Bid Security** | : | Refer to DTCN |
| 6 | **Period of Completion** | : | Refer to DTCN |
| 7 | **Class of Contractors** | : | Refer to DTCN |
| 8 | **Procurement Officer** | : | Superintending Engineer, Salandi Canal Division, Bhadrak |
| 9 | **Bid Identification No.** | : | **SAL-BDK-2P1/2025-26** |
| 10 | **Availability of tender for Online Bidding** | : | From 11.00 AM Dt.1.11.2025 to 5.30 PM Dt.10.11.2025 |
| 11 | **Date and Time for Tender Opening** | : | Dt.11.11.2025 @11.30 AM onwards in O/O the Superintending Engineer, Salandi Canal Division, Bhadrak |
| 12 | **Date and Time for lottery (If required)** | : | Dt.14.11.2025 @ 11.00 AM onwards in O/O the Superintending Engineer, Salandi Canal Division, Bhadrak |

The Bidders have to participate in ONLINE bidding only. Further details can be seen from the e-procurement portal: www.tendersodisha.gov.in. Any addendum/ corrigendum/cancellation of tenders can be seen from the above portal.

OIPR-32005/11/0008/2526 Sd./- Superintending Engineer, Salandi Canal Division, Bhadrak

---

## ତଦନ୍ତ ଅଧିକାରୀ ତଥା ଭାରପ୍ରାପ୍ତ ଉପନିର୍ଦ୍ଦେଶକ ବୟନ ଶିଳ୍ପଙ୍କ କାର୍ଯ୍ୟାଳୟ, ବରଗଡ଼

ସାଃ ମିନି ଷ୍ଟାଡିୟମ ପାଖ, ପୋ/ଜିଲ୍ଲା: ବରଗଡ଼, Ph. No.: 06646-233161
Email Id: ddtbargarh@gmail.com

ଚିଠି ସଂ: ୪୪୪୨ ତାରିଖ: ୨୯।୧୦।୨୦୨୫

No. PP-41: ଏତଦ୍ୱାରା ଶ୍ରୀ ପବିତ୍ର ମୋହନ ଖାଡ଼ିଆ, କନିଷ୍ଠ ସହାୟକ, ସୁନ୍ଦରଗଡ଼ ନିର୍ଦ୍ଦେଶକ ବୟନ ଶିଳ୍ପଙ୍କ କାର୍ଯ୍ୟାଳୟ (ପଶ୍ଚିମାଞ୍ଚଳ) ବରଗଡ଼ ଯାହାଙ୍କ ସ୍ଥାୟୀ ଠିକଣା ଶ୍ରୀ ପବିତ୍ର ମୋହନ ଖାଡ଼ିଆ, ପିତା: ସ୍ୱର୍ଗତ ... ଖାଡ଼ିଆ, ସା/ପୋ.: କିରେଇ, ଥାନା/ଜିଲ୍ଲା: ସୁନ୍ଦରଗଡ଼ଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣଙ୍କୁ ଅତ୍ର କାର୍ଯ୍ୟାଳୟ ପତ୍ର ସଂଖ୍ୟା 3908 ତା 19.09.2025 ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା09.10.2025ରିଖ ଦିବା 11.00 ଘଟିକା ସମୟରେ ବ୍ୟକ୍ତିଗତ ଶୁଣାଣି ପାଇଁ ଉପସ୍ଥିତ ହେବାକୁ ଜଣାଇ ଦିଆଯାଇଥିଲା। କିନ୍ତୁ ଆପଣ ଅନୁପସ୍ଥିତ ରହିବାରୁ ପୁନଶ୍ଚ ତା 14.11.2025ରିଖ ଦିବା 11.00 ଘଟିକା ସମୟରେ ... ଉପସ୍ଥିତ ହେବା ପାଇଁ ଜଣାଇ ଦିଆଯାଉଅଛି। ଏଥିରେ ଅନୁପସ୍ଥିତ ରହିଲେ ଆପଣଙ୍କ ବିରୁଦ୍ଧରେ ଏକତରଫା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ...

ସ୍ୱା/-ତଦନ୍ତ ଅଧିକାରୀ ତଥା ଯୁଗ୍ମ ବୟନ ଶିଳ୍ପ ନିର୍ଦ୍ଦେଶକ (Level-II)

OIPR-31032/11/0006/2526 ତଥା ଭାରପ୍ରାପ୍ତ ଉପନିର୍ଦ୍ଦେଶକ ବୟନ ଶିଳ୍ପ, ବରଗଡ଼

---

## OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR

No.O-1210

Phone : 0680-2291405, E-Mail : eerw_gm1@yahoo.co.in
Government of Odisha e-Procurement Notice
**Bid Identification No. Online Tender//11//SERWDG-I//2025-26**
Letter No. 4944//RWDG-I//BAM//Date : 25.10.2025

| | | | |
|---|---|---|---|
| 1 | Name of the Work | : | Repair to Road Works |
| 2 | Estimated Cost | : | Rs.6.72 to 46.23 Lakhs |
| 3 | Period of Completion | : | As per annexure Column No.06 |
| 4 | Date & Time of Availability of Bid Documents in the Portal | : | From 31.10.2025 at 11.00 AM to 18.11.2025 upto 5.00 PM |
| 5 | Last Date / Time for Receipt of Bids in the Portal | : | 18.11.2025 up to 5.00 PM |
| 6 | Name and Address of the Officer Inviting Bid | : | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website **https://www.tendersodisha.gov.in.**

OIPR-25085/11/0035/2526 Sd./- Executive Engineer R.W. Division-I, Ganjam, Berhampur

## ଦୁଃଖ ବଢ଼ାଇଲା ମେଲିସା



ଶତାବ୍ଦୀର ସବୁଠୁ ଶକ୍ତିଶାଳୀ ବାତ୍ୟା 'ମେଲିସା' ବୁଧବାର ରାତିରେ ଆଫ୍ରିକୀୟ ରାଷ୍ଟ୍ର ଜାମାଇକାର ସେଣ୍ଟ ଏଲିଜାବେଥ୍‌ଠାରେ ସ୍ଥଳଭାଗ ଛୁଇଁବା ପରେ ଘଟାଇଥିବା କ୍ଷୟକ୍ଷତିର ଆକାଶମାର୍ଗରୁ ନିଆଯାଇଥିବା ଫଟୋ। ୫ ବର୍ଗ ଅନ୍ତର୍ଗତ ଏହି ପ୍ରଳୟଙ୍କରୀ ବାତ୍ୟାରେ ପବନର ବେଗ ୨୯୮ କିଲୋମିଟର ରହିଥିଲା। ଏଥିରେ ଅନ୍ୟୂନ ୩୦ ଜଣଙ୍କ ମୃତ୍ୟୁ ଘଟିବା ସହ ଜାମାଇକାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। କ୍ୟୁବା ଓ ହାଇତି ମଧ୍ୟ ବହୁଳ ପ୍ରଭାବିତ ହୋଇଛି।

# ପ୍ରବାସୀଙ୍କ କାର୍ଯ୍ୟ ପର୍‌ମିଟ୍ ସ୍ୱତଃ ନବୀକରଣ ବନ୍ଦକଲା ଆମେରିକା

**ୱାଶିଂଟନ,୩୦।୧୦**

ପ୍ରବାସୀ କର୍ମଚାରୀମାନଙ୍କ ରୋଜଗାର ପ୍ରାଧିକରଣ ଦସ୍ତାବିଜ (ଇଏଡି)ର ସ୍ୱତଃ ସମୟସୀମା ବୃଦ୍ଧି ବ୍ୟବସ୍ଥାକୁ ଏକ ଅନ୍ତରୀଣ ନିୟମ ବଳରେ ବନ୍ଦ କରିଦିଆଯାଇଥିବା ଆମେରିକାର ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ଘୋଷଣା କରିଛି। ଏଭଳି ପଦକ୍ଷେପ ଭାରତୀୟଙ୍କ ସମେତ ଆମେରିକାରେ ରହି କାର୍ଯ୍ୟ କରୁଥିବା ଅନେକ ହଜାର ପ୍ରବାସୀ କର୍ମଚାରୀଙ୍କୁ ପ୍ରଭାବିତ କରିବ। ଯେଉଁମାନେ ଅକ୍ଟୋବର ୩୦ରେ କିମ୍ବା ଏହା ପରେ ଇଏଡି ନବୀକରଣ ପାଇଁ ଆବେଦନ କରିବେ, ସେମାନଙ୍କ ଇଏଡି ସମୟସୀମା ଆଉ ସ୍ୱତଃ ବୃଦ୍ଧି କରାଯିବ ନାହିଁ ବୋଲି ବିଭାଗ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ତେବେ ଅକ୍ଟୋବର ୩୦ ପୂର୍ବରୁ ଯେଉଁ ଇଏଡିଗୁଡ଼ିକର ସମୟସୀମା ସ୍ୱତଃ ବୃଦ୍ଧି କରାଯାଇଛି, ତାହା ନୂଆ ନିୟମ ଦ୍ୱାରା ପ୍ରଭାବିତ ହେବ ନାହିଁ। ଜନସାଧାରଣଙ୍କ ସୁରକ୍ଷା ଏବଂ ଜାତୀୟ ସୁରକ୍ଷା ପାଇଁ ଅଧିକ ପୁନଃ ନିରୀକ୍ଷଣ ଓ ଯାଞ୍ଚ କରାଯିବ ବୋଲି ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ପର୍‌ମିଟ କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ଠିକ୍ ସମୟରେ ନବୀକରଣ ଆବେଦନ କରାଯାଇଥିଲେ, ପ୍ରବାସୀ କର୍ମଚାରୀମାନଙ୍କୁ ଆମେରିକାରେ ୫୪୦ ଦିନ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବା ନିୟମ ଜୋ ବାଇଡେନ୍ ପ୍ରଶାସନ ସମୟରୁ ଚାଲି ଆସୁଥିବାବେଳେ ଏହାକୁ ହଟାଇ ଦିଆଯାଇଛି। ସମ୍ପ୍ରତି ଅଣାଯାଇଥିବା ନିୟମରେ ସୀମିତ ବ୍ୟତିକ୍ରମ ରହିଛି। ଟିପିଏସ୍ ସମ୍ପର୍କିତ ନିଯୁକ୍ତି ଦସ୍ତାବିଜ ପାଇଁ ଆଇନର ବ୍ୟବସ୍ଥା କିମ୍ବା ସଂଘୀୟ ପଞ୍ଜିକା ବିଜ୍ଞପ୍ତି ଜରିଆରେ ପରମିଟ୍ ସମୟସୀମା ବଢ଼ାଯାଇପାରବ ବୋଲି ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ନୂଆ ନିୟମ ଅନୁଯାୟୀ ପ୍ରବାସୀ କର୍ମଚାରୀମାନଙ୍କ ଅତୀତର ସମସ୍ତ ବିବରଣୀକୁ ଯାଞ୍ଚ କରାଯିବ। ଏହାଦ୍ୱାରା ଜାଲିଆତିକୁ ରୋକାଯାଇ ପାରିବ।

## ପ୍ରଭାବିତ ହେବେ ଭାରତୀୟ




## ଡିଜିଟାଲ ଆରେଷ୍ଟରେ ୧.୨ କୋଟି ହରାଇଥିବା ବୃଦ୍ଧଙ୍କ ହୃଦ୍‌ଘାତରେ ମୃତ୍ୟୁ

**ପୁଣେ,୩୦।୧୦**

ଡିଜିଟାଲ ଆରେଷ୍ଟ ସାଇବର ଠକେଇରେ ଫସି ମାସେ ତଳେ ୧.୨ କୋଟି ଟଙ୍କା ହରାଇଥିବା ପୁଣେର ୮୩ ବର୍ଷୀୟ ବ୍ୟକ୍ତିଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଠକମାନେ ନିଜକୁ ପୋଲିସ ଓ ସିବିଆଇ ଅଫିସରର ପରିଚୟ ଦେଇ ଉକ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ତାଙ୍କ ସ୍ତ୍ରୀଙ୍କୁ ଟାର୍ଗେଟ୍ କରିଥିଲେ। ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ସମ୍ପୃକ୍ତ ଥିବା ମନିଲଣ୍ଡରିଂ ମାମଲାରେ ତାଙ୍କ ନାମ ରହିଥିବା କହି ସେମାନେ ଉକ୍ତ ବୃଦ୍ଧ ବ୍ୟକ୍ତିଙ୍କୁ ଭୟଭୀତ କରାଇବା ସହ ଏକାଧିକ ଥରରେ ୧.୨ କୋଟି ଟଙ୍କା ନେଇଯାଇଥିଲେ। ହୃଦ୍‌ଘାତରେ ବୃଦ୍ଧଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଏନେଇ ଏକ ଏତଲା ଦେଇଥିବା ସାଇବର ଥାନା ଅଧିକାରୀ କହିଛନ୍ତି।

## କଶ୍ମୀରରେ ବାଦଲଫଟା ବର୍ଷା: ଏବେ ବି ୩୧ ନିଖୋଜ

**ଶ୍ରୀନଗର,୩୦।୧୦**

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ଅନ୍ତର୍ଗତ ଚେସୋଟି ଗ୍ରାମରେ ଅଗଷ୍ଟ ୧୪ରେ ପ୍ରଳୟଙ୍କରୀ ବାଦଲଫଟା ବର୍ଷାରେ ଏବେ ବି ୩୧ ଜଣ ନିଖୋଜ ଥିବା ଜଣାପଡ଼ିଛି। ପ୍ରବଳ ବର୍ଷା ଯୋଗୁ ହଠାତ୍ ବନ୍ୟା ସହ ମାଟିକାଦୁଅ ମାଡ଼ିଆସି ୧୯ଟି ବିଲ୍ଡିଂ ଓ କେତେକ ଗାଡ଼ିକୁ ଭସାଇ ନେଇଥିଲା। ସେନା ଓ ବିପର୍ଯ୍ୟୟ ପ୍ରଶମନ ଟିମ୍ ନିୟନ୍ତ୍ରିତ ବିସ୍ଫୋରଣ ଜରିଆରେ ଭଙ୍ଗାବଶେଷକୁ ହଟାଇ ମୃତଦେହ ଖୋଜିଥିଲେ ମଧ୍ୟ ଏପର୍ଯ୍ୟନ୍ତ ୩୧ ଜଣଙ୍କ ପତ୍ତା ମିଳିନାହିଁ। ୬୩ ମୃତ ଦେହ ଚିହ୍ନଟ ହୋଇଥିବାବେଳେ ଅନ୍ୟ ୩ଟିକୁ ଚିହ୍ନଟ କରାଯାଇ ପାରି ନ ଥିବା ଜମ୍ମୁ-କଶ୍ମୀର ବିଧାନସଭାରେ ବିଭାଗୀୟ ମନ୍ତ୍ରୀ କହିଛନ୍ତି।

## ନିର୍ମାଣାଧୀନ ରେଳ ବ୍ରିଜ୍‌ରେ କ୍ରେନ୍ ଖସି ୨ ମୃତ

**ଭୋପାଳ,୩୦।୧୦**

ମଧ୍ୟପ୍ରଦେଶର ଧର୍ ଜିଲାରେ ଗୁରୁବାର ସକାଳେ ରେଲ୍‌ୱେ ବ୍ରିଜ ନିର୍ମାଣରେ ନିୟୋଜିତ ଥିବା ଏକ କ୍ରେନ ଏକ ଟ୍ରକ୍ ଉପରେ ଖସିପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ଏହା ତଳେ ଚାପି ହୋଇ ରହିଯାଇଥିବା ଆଶଙ୍କା କରାଯାଉଛି। ପିଥମପୁର ଶିଳ୍ପାଞ୍ଚଳ ସହରର ସାଗୋର ଅଞ୍ଚଳରେ ଏହି ଘଟଣା ଘଟିଛି। ୧୬ ଟନ୍‌ର ଏକ ସ୍ଲାବ୍ ଉପରେ କ୍ରେନ୍‌ଟି ରହିଥିବା ବେଳେ ହଠାତ୍ ଓଲଟି ପଡ଼ି ସେହି ବାଟ ଦେଇ ଯାଉଥିବା ଏକ ପିକ୍‌ଅପ୍ ଟ୍ରକ୍ ଉପରେ ଖସିପଡ଼ିଥିଲା ବୋଲି ଏସ୍‌ପି ମୟଙ୍କ ଅଓ୍ବସ୍ତି କହିଛନ୍ତି। ନିର୍ମାଣ କାର୍ଯ୍ୟ ପୂର୍ବରୁ ଉପଯୁକ୍ତ ସର୍ଭିସ ରୋଡ ପ୍ରସ୍ତୁତ ହୋଇ ନ ଥିବାରୁ ସ୍ଥାନୀୟ ଲୋକେ ଦୁର୍ଘଟଣା ପାଇଁ ରେଲ୍‌ୱେ ଏବଂ ଠିକାଦାରଙ୍କୁ ଦାୟୀ କରିଛନ୍ତି।

# ଟ୍ରମ୍ପ୍ ଟାରିଫ୍: ଚାଇନା ପାଇଁ ୪୭%

**ସିଓଲ,୩୦।୧୦(ରଏଟର୍ସ/ଏପି)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଦକ୍ଷିଣ କୋରିଆରେ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବା ପରେ ଚାଇନା ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କକୁ ୪୭%କୁ ହ୍ରାସ କରିଛନ୍ତି। ଏହା ବଦଳରେ ଚାଇନା ଆମେରିକାକୁ ରେଆର ଆର୍ଥ ଏଲିମେଣ୍ଟ୍ସ ରପ୍ତାନି ଓ ସେଠାରୁ ସୋୟାବିନ୍ ଆମଦାନୀ ପାଇଁ ରାଜି ହୋଇଛି।

ଦକ୍ଷିଣ କୋରିଆର ବୁସାନ ସହରରେ ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୈତିକ ସହଯୋଗ (ଏପିଇସି) ସମ୍ମିଳନୀ ପରିପ୍ରେକ୍ଷୀରେ ଦୁଇ ମହାଶକ୍ତି ଆମେରିକା ଓ ଚାଇନା ପୂର୍ବ ତିକ୍ତତା ହ୍ରାସକରି ପୁଣି ପରସ୍ପରର ନିକଟତର ହେବାକୁ ଉଦ୍ୟମ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ୧ ଘଣ୍ଟା ୪୫ ମିନିଟ ଧରି ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଟ୍ରମ୍ପ୍ ଗତ ଜାନୁଆରୀରେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ଦୁଇନେତାଙ୍କ ମଧ୍ୟରେ ଏହା ହେଉଛି ପ୍ରଥମ ସାମ୍ନାସାମ୍ନି ସାକ୍ଷାତ। ଏୟାରଫୋର୍ସ ୱାନ୍‌ରେ ଟ୍ରମ୍ପ୍ ପ୍ରେସ୍‌କୁ କହିଛନ୍ତି, ଚାଇନା ଫେଣ୍ଟାନିଲ ପ୍ରସ୍ତୁତି ପାଇଁ ରାସାୟନିକ ସାମଗ୍ରୀ ବିକ୍ରି କରୁଥିବାରୁ ଏହା ଉପରେ ଆମେରିକା ପୂର୍ବରୁ ୨୦% ଦଣ୍ଡାତ୍ମକ ଟାରିଫ୍ ଲାଗୁ କରିଥିଲା। ଜିନ୍‌ପିଙ୍ଗ୍‌ଙ୍କ ସହ ସଫଳ ଆଲୋଚନା ପରେ ଏହାକୁ ୧୦%କୁ ହ୍ରାସ କରାଯାଇଛି। ଫଳରେ ଚାଇନା ସାମଗ୍ରୀଗୁଡ଼ିକ ଉପରେ ପୂର୍ବରୁ ଲାଗୁ ହୋଇଥିବା ୫୭% ଆମଦାନୀ ଶୁଳ୍କ ଏବେ ୪୭ ପ୍ରତିଶତକୁ ଖସିଆସିଛି।

ଟ୍ରମ୍ପ୍ ଆହୁରି କହିଛନ୍ତି, ସେ ୨୦୨୬ ଏପ୍ରିଲରେ ଚାଇନା ଗସ୍ତ କରିବେ। ତାଙ୍କ ଗସ୍ତ ପରେ ଜିନ୍‌ପିଙ୍ଗ୍ ମଧ୍ୟ ଆମେରିକା ଯିବେ। ସାକ୍ଷାତ ବେଳେ ଚାଇନାକୁ ଅଧିକ ଅତ୍ୟାଧୁନିକ କମ୍ପ୍ୟୁଟର ଚିପ୍ସ ରପ୍ତାନି ନେଇ ମଧ୍ୟ ଆଲୋଚନା ହୋଇଛି। ଏନେଇ ଏନ୍‌ଭିଡିଆ ଚାଇନିଜ୍ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିବ। ଚାଇନା ସହ ଆମେରିକାର ସମ୍ପର୍କରେ ବିଶେଷ ବଡ଼ ପ୍ରତିବନ୍ଧକ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ଅନ୍ୟପକ୍ଷେ ଚାଇନା ଆମେରିକାରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ୍ ଟନ୍ ସୋୟାବିନ୍ କିଣିବାକୁ ଚୁକ୍ତିବଦ୍ଧ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବର୍ତ୍ତମାନଠାରୁ ଜାନୁଆରୀ ମଧ୍ୟରେ ବେଜିଂ ୧୨ ନିୟୁତ ମେଟ୍ରିକ୍ ଟନ୍ ସୋୟାବିନ୍ ଆମଦାନୀ ପାଇଁ ରାଜି ହୋଇଥିବା ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ ସୂଚନା ଦେଇଛନ୍ତି। କେବଳ ଏତିକି ନୁହେଁ, ବିରଳ ଖଣିଜ ରପ୍ତାନି ଉପରେ ବେଜିଂ ପକ୍ଷରୁ ଲଗାଯାଇଥିବା କଟକଣାକୁ ମଧ୍ୟ କୋହଳ କରିବାକୁ ଜିନ୍‌ପିଙ୍ଗ୍ ସହମତି ପ୍ରକାଶ କରିଛନ୍ତି। ତେବେ ଏହି ୧୦୦ ମିନିଟର ସକାରାତ୍ମକ ଆଲୋଚନା ପରେ ମଧ୍ୟ ବିଶ୍ୱର ୨ ବୃହତ୍ ଅର୍ଥନୀତି କେତେକ ପ୍ରସଙ୍ଗକୁ ନେଇ ସ୍ୱାଭାବିକ ସ୍ଥିତିକୁ ଆସି ନ ଥିବା ବିଶ୍ଳେଷକମାନେ ମତ ଦେଇଛନ୍ତି। ମାନୁଫାକ୍ଚରିଂ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ), ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଭଳି ପ୍ରସଙ୍ଗରେ ଆମେରିକା ଓ ଚାଇନା ଅନେକ ଦୃଷ୍ଟିରୁ ପରସ୍ପର ବିରୋଧୀ କାର୍ଯ୍ୟ କରୁଥିବାରୁ ଟ୍ରମ୍ପ୍‌ଙ୍କ ସଦ୍ୟ ଉଦ୍ୟମ ବିଶେଷ ଫଳପ୍ରଦ ହୋଇ ନ ପାରେ ବୋଲି କୁହାଯାଉଛି।

## ଦକ୍ଷିଣ କୋରିଆରେ ଟ୍ରମ୍ପ୍-ଜିନ୍‌ପିଙ୍ଗ୍ ଭେଟ



## ଡେଲିଭରି ଏଜେଣ୍ଟଙ୍କୁ କାର୍ ମଡ଼ାଇ ହତ୍ୟା

**ବେଙ୍ଗାଲୁରୁ,୩୦।୧୦**

ଜଣେ ଡେଲିଭରି ଏଜେଣ୍ଟଙ୍କ ବାଇକ୍‌କୁ ପିଛାକରି କାର୍ ମଡ଼ାଇ ହତ୍ୟା କରିବା ପରେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରୁଥିବା ଏକ ଦମ୍ପତିଙ୍କୁ ବେଙ୍ଗାଲୁରୁ ପୋଲିସ ଗିରଫ କରିଛି। ଗତ ୨୫ ତାରିଖ ରାତିରେ ଦକ୍ଷିଣ ବେଙ୍ଗାଲୁରୁର ଶ୍ରୀରାମ ମନ୍ଦିର ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ଡେଲିଭରି ଏଜେଣ୍ଟ ଦର୍ଶନଙ୍କର ମୃତ୍ୟୁ ଘଟିଥିବାବେଳେ ପଛ ସିଟ୍‌ରେ ବସିଥିବା ତାଙ୍କ ବନ୍ଧୁ ବରୁଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାଜନିତ ମୃତ୍ୟୁ ନେଇ ପ୍ରଥମେ ମାମଲା ଦାଏର ହୋଇଥିଲା। ତେବେ ସିସିଟିଭି ଫୁଟେଜ୍ ଅନୁଧ୍ୟାନ କରିବା ସହ ତଦନ୍ତରୁ କାର୍ ଚାଳକ ଜାଣିଶୁଣି ବାଇକ୍‌କୁ ପିଛା କରିବା ସହ ଧକ୍କା ଦେଇଥିବା ଜଣାପଡ଼ିଥିଲା। ଡିସିପି ଲୋକେଶ ଜଗଲସୁରଙ୍କ କହିବା ଅନୁଯାୟୀ ଦର୍ଶନଙ୍କ ବାଇକ୍ ଘସିହୋଇଯିବାରୁ କାର୍ ସାଇଡ୍ ମିରର ଭାଙ୍ଗିଯାଇଥିଲା। ଏହାକୁ ନେଇ କାର୍ ଚାଳକ ଏବଂ ଦର୍ଶନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ କାର୍‌ଚାଳକ ବାଇକ୍‌କୁ ପିଛା କରି ଜାଣିଶୁଣି ଧକ୍କା ଦେଇଥିଲେ। ଅଭିଯୁକ୍ତ କାର୍‌ଚାଳକ ମନୋଜ ଶର୍ମା ଜଣେ ଶିକ୍ଷକ। ଧକ୍କା ଦେବା ପରେ ସେ ଓ ତାଙ୍କ ସ୍ତ୍ରୀ ମୁହଁରେ ମାସ୍କ ପିନ୍ଧି ଘଟଣାସ୍ଥଳକୁ ଆସି ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ କାର୍ ପାର୍ଟ୍ସକୁ ସଂଗ୍ରହ କରିଥିଲେ। ଘଟଣା ଜଣାପଡ଼ିବା ପରେ ହତ୍ୟା ଓ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ମନୋଜ ଓ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରାଯିବା ସହ କୋର୍ଟରେ ହାଜର କରାଯାଇଛି।

## ଥାଇଲାଣ୍ଡରୁ ଫେରିବେ ୫୦୦ ଭାରତୀୟ

**ନୂଆଦିଲ୍ଲୀ/ବ୍ୟାଙ୍କକ୍,୩୦।୧୦**

ମ୍ୟାନ୍‌ମାର ସ୍କାମ୍ ସେଣ୍ଟରଗୁଡ଼ିକରେ ଚଢ଼ାଉ ପରେ ସେଠାରୁ ଥାଇଲାଣ୍ଡକୁ ପଳାୟନ କରିଥିବା ପ୍ରାୟ ୫୦୦ ଭାରତୀୟଙ୍କୁ ସ୍ୱଦେଶକୁ ଫେରାଇ ଅଣାଯିବ। ଏନେଇ କେନ୍ଦ୍ର ସରକାର ଥାଇଲାଣ୍ଡ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଥିବା ସୂତ୍ରରୁ ଜଣାପଡ଼ିଛି। ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ ପ୍ରତ୍ୟର୍ପିତ ହେବାକୁ ଥିବା ଭାରତୀୟମାନଙ୍କୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ବିମାନ ପଠାଯିବ। ଏହି ଭାରତୀୟମାନେ ପଶ୍ଚିମ ଥାଇଲାଣ୍ଡର ସୀମାନ୍ତ ମାଓ ସୋଟ୍ ସହରରେ ଅଟକ ଥିବା ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଅନୁଟିନ୍ ଚାର୍ନଭିରାକୁଲ କହିଛନ୍ତି।


### ଫୁର୍‌ସତ

## ରାଗୁଛନ୍ତି ଆମିରଙ୍କ ପ୍ରେମିକା



ବଲିଉଡ ଅଭିନେତା ଆମିର ଖାନଙ୍କ ପ୍ରେମିକା ଗୌରୀ ସ୍ପ୍ରାଟ ଆଜିକାଲି ବେଶ ଚର୍ଚ୍ଚାରେ ଅଛନ୍ତି। ଯେବେଠୁ ଆମିର ଗୌରୀଙ୍କ ପ୍ରେମରେ ପଡିଲେଣି ସେବେଠୁ ମିଡିଆ ତାଙ୍କ ପିଛା ଛାଡୁନି। ଗୌରୀ ଯୁଆଡେ ଯାଉଛନ୍ତି ଫଟୋଗ୍ରାଫର୍ ବି ତାଙ୍କ ପଛେ ପଛେ ହାଜର। ଏହା ଦେଖି ସେ ରାଗିଯାଉଛନ୍ତି। ନିକଟରେ ମୁମ୍ବାଇର ବାନ୍ଦ୍ରାରେ କାମ ପାଇଁ ବାହାରକୁ ଯାଉଥିବା ସମୟରେ, ଫଟୋଗ୍ରାଫର ତାଙ୍କୁ ଘେରି ରହିଥିଲେ। ଏହା ଦେଖି ସେ ବିରକ୍ତ ହୋଇ ପଛକୁ ହଟିଯିବାକୁ ଅନୁରୋଧ କରିଥିଲେ। ମୋତେ କାହିଁକି ଫଲୋ କରୁଛ, ମୋତେ ଏକୁଟିଆ ଛାଡିଦିଅ ବୋଲି କହିଥିଲେ। ଯଦିଓ ଆମିର ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରାୟତଃ ସ୍ପଟଲାଇଟ ଠାରୁ ଦୂରରେ ରଖିଛନ୍ତି, ଗୌରୀଙ୍କ ସହିତ ତାଙ୍କ ସମ୍ପର୍କ ପ୍ରାୟତଃ ଧ୍ୟାନ ଆକର୍ଷଣ କରେ। ଆମିର କିଛି ମାସ ପୂର୍ବରୁ ଗୌରୀଙ୍କ ସହ ସମ୍ପର୍କକୁ ସେ ସ୍ୱୀକାର କରିଥିଲେ। ହୃଦୟରୁ ଗୌରୀଙ୍କୁ ବିବାହ କରିଛନ୍ତି। ସେ ଏବଂ ମୁଁ ପରସ୍ପର ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଆମେ ସାଥୀ। ଆମେ ଏକାଠି ଅଛୁ। ତେଣୁ ଆମେ ଏହାକୁ ଆନୁଷ୍ଠାନିକ କରିବୁ କି ନାହିଁ ତାହା ଆଗକୁ ବଢ଼ିବା ସହିତ ନିଷ୍ପତ୍ତି ନେବି। ୬୦ବର୍ଷୀୟ ଆମିର ଏବଂ ୪୬ ବର୍ଷୀୟ ଗୌରୀଙ୍କ ମଧ୍ୟରେ ୧୪ ବର୍ଷର ବୟସ ପାର୍ଥକ୍ୟ ଅଛି। ଏହା ପୂର୍ବରୁ ଆମିର କିରଣ ରାଓ ଏବଂ ରୀନା ଦତ୍ତାଙ୍କୁ ବିବାହ କରିଥିଲେ।

## ସ୍ପେନରେ ବିଶ୍ୱର ପ୍ରଥମ ଧଳା ଜଙ୍ଗଲୀ ବିରାଡ଼ି



**ମାଡ୍ରିଡ୍:** ବିଶ୍ୱରେ ପ୍ରଥମ ଥର ପାଇଁ ଏକ ଧଳା ଜଙ୍ଗଲୀ ବିଲେଇ (ଲିବେରିଆନ ଲିଙ୍କ୍ସ)ସ୍ପେନ୍‌ର ଦକ୍ଷିଣାଞ୍ଚଳସ୍ଥିତ ଜାଏନ ପାହାଡ଼ରେ ଦେଖିବାକୁ ମିଳିଛି। ବିଲୁପ୍ତପ୍ରାୟ ଏହି ବନ୍ୟ ବିରାଡିର ଏପରି ଦୁର୍ଲଭ ରୂପ ସଂରକ୍ଷଣ ପ୍ରୟାସର ଏକ ବଡ଼ ସଫଳତା ଭାବେ ପାଳନ କରାଯାଉଛି। ସ୍ପେନୀୟ ବନ୍ୟଜନ୍ତୁ ଫଟୋଗ୍ରାଫର ଆଞ୍ଜେଲ ହିଡାଲଗୋଙ୍କ ଦ୍ୱାରା ଉତ୍ତୋଳିତ ଏକ ଭିଡିଓରେ ଏହି 'ଲିଙ୍କ୍ସ'ର ଶରୀରରେ ଏକ ଅସାମାନ୍ୟ ଧଳା, କ୍ରିମ ରଙ୍ଗର ପଟା ପଟା ଦାଗ ରହିଥିବା ଦେଖାଯାଇଛି। ତେବେ ଏହାର ତୀକ୍ଷ୍ଣ ଆଖି, କାନରେ ଥିବା କଳା ଝୁମ୍ପା ଏବଂ ମୁହଁର ସ୍ୱାଭାବିକ ଆକୃତି ଅକ୍ଷୁର୍ଣ୍ଣ ରହିଛି। ବିଶେଷଜ୍ଞଙ୍କ ମତରେ, ଲିଙ୍କ୍ସଟି ଲ୍ୟୁସିଜିମ ନାମକ ଏକ ଦୁର୍ଲଭ ଜେନେଟିକ ସମସ୍ୟାର ଶିକାର, ଯାହା ଶରୀରର କିଛି ଅଂଶରେ ରଙ୍ଗ କ୍ଷୟ ହେବା ଯୋଗୁଁ ହୋଇଥାଏ। ତେବେ ଏହା ଆଲବିନିଜିମ ଠାରୁ ଭିନ୍ନ, କାରଣ ଲ୍ୟୁସିଜିମ ଆଖିର ସ୍ୱାଭାବିକ ରଙ୍ଗ ଏବଂ ସମଗ୍ର ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ନାହିଁ। ଏହି ଦୁର୍ଲଭ ପ୍ରାଣୀକୁ ସୁରକ୍ଷା ଦେବା ପାଇଁ ଏହାର ନିର୍ଦ୍ଦିଷ୍ଟ ଅବସ୍ଥାନକୁ ଗୋପନୀୟ ରଖାଯାଇଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DHARMAGARH
Email: rw_dharmagarh@yahoo.com
BID IDENTIFICATION NO.DMGH/Online-08 OF 2025-26, Dates: 24.10.2025
"e" PROCUREMENT NOTICE
No.O-1139:Bid documents consisting of Work, Estimate Cost, Cost of Tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
1. Name of the Work : Road Works in the district of Kalahandi as mentioned in DTCN
2. Total No. of Works : 35 Nos.
3. Estimated Cost: Rs.12.71 lakhs to Rs.46.61 Lakhs
4. Period of Completion: 01 & 02 Calendar Month.
5. Other details:

| Availability of Tender online for bidding | | Last date & time seeking tender clarification | Date & Time of Opening of tender |
|---|---|---|---|
| From | To | | |
| 30.10.2025 At 10.00 AM | 10.11.2025 Upto 5.00 PM | 07.11.2025 Upto 5.00 PM | 11.11.2025 At 11.00 AM |

Further details can be seen from the website www.tendersorissa.gov.in.
Sd./- Superintending Engineer
Rural Works Division, Dharmagarh
OIPR-25100/11/0033/2526

GOVERNMENT OF ODISHA
OFFICE OF THE DIVISIONAL FOREST OFFICER
BAMRA WILDLIFE DIVISION, BAMRA, SAMBALPUR
At/P.O.: Bamra, Dist.: Sambalpur, E-mail: dfobmbwl004@gmail.com
BID IDENTIFICATION No. 1F-BMB/04/ Dt.28.10.2025
No. MM-254 (Online)/2025-26
E-Procurement Notice
No. 181 Dated: 28.10.2025

| | | | |
|---|---|---|---|
| | The Divisional Forest Officer, Bamra Wildlife Division, Bamra, Sambalpur on behalf of Governor of Odisha, invites Percentage Rate Bids in Single Cover System in ONLINE Mode. | | |
| 1. | No. of work (Project) | : | 3 (Three) Nos. |
| 2. | Estimated Cost | : | Rs.13,35,935/- to 25,21,058/- (Excluding 18% GST) |
| 3. | Tender Cost | : | Rs.6,000/- for each project |
| 4. | Class of Contractor | : | "D", "C" & "B" Class Contractors |
| 5. | Period of Completion | : | 03 (Three) Calendar Months (90 days) |
| 6. | Availability of bid document in the website | : | 18.00 hours of 30.10.2025 to 17.00 hours of 10.11.2025 |
| 7. | Date of Opening of Tenders | : | 11.30 hours on Dt.11.11.2025 |
| 8. | The bidders have to participate in ONLINE bidding only. Further details can be seen from the website www.tendersodisha.gov.in only. Any Corrigendum/Addendum/Cancellation of tender will be displayed in the website said only. | | |

Sd./- Divisional Forest Officer
Bamra Wildlife Division
OIPR-08144/11/0009/2526

OFFICE OF THE NO. E-473
CHIEF DISTRICT MEDICAL & PUBLIC HEALTH OFFICER, PURI
Grand Road, Medical Square, Puri, PIN No. - 752002
Phone No.: 06752-222124(O) & 232294 (C.S.) E Mail: cdspuri@gmail.com
Expression of Interest Notice
For Supply of Drugs & Medical Consumables on Discount Basis
No. 4819 Sub Store Puri Dated: 27.10.2025

| | | |
|---|---|---|
| Date of Publication of Bid document in website | : | Dt.28.10.2025 from 11.00 A.M. |
| Last date & time of receipt of bid documents | : | Dt.11.11.25 upto 11.00 A.M. |
| Date & time of opening of Tender (Cover-A) | : | Dt.11.11.25 at 12.00 Noon |
| Venue | : | Officer Chamber of CDM & PHO, Puri |

"For details regarding this tender call notice please visit the website www.puri.nic.in or contact office of the undersigned during the office hour in all working days".
Sd./- Chief District Medical & Public Health Officer, Puri
OIPR-10021/11/0025/2526

GOVERNMENT OF ODISHA No.A-795
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, KANDHAMAL
e-Procurement Notice
Bid Identification No.-08/2025-26
Letter No. 2437 Date : 25.10.2025

| | |
|---|---|
| Name of work | Improvement to M.I. Projects under Critical Grant and DPIW scheme for 2025-26. |
| No. Works | 10 (ten) Nos. |
| Estimated Cost | from Rs.8.11 lakh to Rs.24.52 lakh Approximately |
| Tender paper cost | Rs.4000 & Rs.6000.00 (Non-refundable) |
| Period of Completion | 90 (ninety days) only. |
| Availability of Bid documents | From 10.00 A.M. of 01.11.2025 to 17.30 hrs of 10.11.2025 in website (www.tendersodisha.gov.in) |
| Time of receipt of bid through on line | From 10.00 A.M. of 01.11.2025 to 17.30 hrs of 10.11.2025 through online |
| Date of opening of bid documents | At 11.00 hrs of 11.11.2025 in the O/o S.E., M.I. Division, Kandhamal, Phulbani |
| Digital signature certificate | The bidder must possess compatible digital signature certificate (DSC) of class II or class-III |
| The detail tender call notice can also be seen in the DOWR website http/dowrorissa.gov.in | |
| Name & Address of the OIT | Superintending Engineer, M.I. Division, Kandhamal, Phulbani, At/PO : Phulbani. PS : Phulbani Town, Dist. : Kandhamal, E-mail : kmidplb@gmail.com |
| Further details can be seen from the e-Procurement market place http//www.tendersodisha.gov.in | |

Sd./- (Er.Surjya Narayana Panigrahi)
Superintending Engineer
M.I.Division, Kandhamal
OIPR-32040/11/0013/2526

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

ପ୍ରଥମ ପୃଷ୍ଠାରୁ...

## ଷ୍ଟୁଡିଓରେ ୧୭ ପିଲା...

ଅର୍ଥ ପଇଠ କରାଯାଇ ନ ଥିବା ସେ ଅଭିଯୋଗ ଆଣିଥିଲେ। ଏହି ସାନିଟେଶନ୍ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ୨ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। କିନ୍ତୁ ୨୦୨୪ ଜାନୁଆରୀରେ ମହାରାଷ୍ଟ୍ରର ତତ୍କାଳୀନ ଶିକ୍ଷାମନ୍ତ୍ରୀ ଦୀପକ କେସର୍କାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତାଙ୍କୁ ଅର୍ଥ ମିଳି ନ ଥିବା ଦର୍ଶାଇ ରୋହିତ ସେହିବର୍ଷ ୨ ଥର ଅନଶନ କରିଥିଲେ। ଇତିମଧ୍ୟରେ ଯୁଗ୍ମ ପୋଲିସ କମିଶନର (ଆଇନଶୃଙ୍ଖଳା) ସତ୍ୟନାରାୟଣ କହିଛନ୍ତି, ସବୁ ପିଲାଙ୍କୁ ସୁରକ୍ଷିତ ଉଦ୍ଧାର କରି ସେମାନଙ୍କ ମା'ବାପାଙ୍କୁ ହସ୍ତାନ୍ତର କରାଯାଇଛି। ଏହାସହ ଜଣେ ବରିଷ୍ଠ ନାଗରିକ ଓ ଅନ୍ୟ ଜଣଙ୍କୁ ମଧ୍ୟ ମୁକ୍ତ କରାଯାଇଛି। ରୋହିତ ଜଣେ ମାନସିକ ରୋଗୀ ହୋଇଥିବା ସନ୍ଦେହ କରାଯାଉଛି। ତାଙ୍କ ନିକଟରୁ ଏୟାରଗନ୍ ଓ କିଛି ରାସାୟନିକ ପଦାର୍ଥ ଜବତ କରାଯାଇଛି। ଏହା ଏକ ଆହ୍ୱାନପୂର୍ଣ୍ଣ ଅପରେଶନ୍ ଥିଲା। ଅଧିକ ତଦନ୍ତ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

## ଦାଦନ: ସମସ୍ୟା ନୁହେଁ...

ଓଡ଼ିଶାରେ ମୁଣ୍ଡଟେକି ଆଜି ଏକ ବଡ ଦ୍ରୁମରେ ପରିଣତ ହୋଇଛି। ତେଣୁ ଆଉ ଆଶା ନାହିଁ, ନିଜ ଭାଗ୍ୟକୁ ଆଦରି ଆମେ ସେମିତି ଚାଲିବୁ ବୋଲି ଶବର କହିଛନ୍ତି।

କୋମନା ବ୍ଲକର କୁରୁମପୁରୀରେ ମଧ୍ୟ ସେହି ସମାନ ଅବସ୍ଥା। ଗ୍ରାମର ପ୍ରତି ୱାର୍ଡରୁ ପ୍ରାୟ ୪୦ରୁ ୫୦ ଜଣ ଲେଖାଏ ଦାଦନ ଯାଉଛନ୍ତି। ନିଜ ଅଞ୍ଚଳରେ କାମ ମିଳୁ ନ ଥିବାରୁ ବାହାର ରାଜ୍ୟକୁ ଦାଦନ ଯାଉଥିବା ସେଠାକାର କେତେଜଣ ବ୍ୟକ୍ତି ପ୍ରକାଶ କରିଛନ୍ତି। ସେହିପରି ମାନିଗୋଡ଼ ପଞ୍ଚାୟତର ଗନିଆରୀ ଗ୍ରାମର ରାକେଶ ଅହିର କହନ୍ତି, ଆମ ଅଞ୍ଚଳରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି। ସେମାନେ ଧାନଚାଷ ସହିତ କପା ଓ ମକାଚାଷ ମଧ୍ୟ କରିଥାନ୍ତି। ମାତ୍ର ଅଧିକାଂଶ ନାମମାତ୍ର ଚାଷୀ ହୋଇଥିବାରୁ ଅଭାବ ଲାଗି ରହିଥାଏ। ଘରର ଆର୍ଥିକ ସମସ୍ୟାର ସୁଧାର ଆଣିବାକୁ ଘର ଛାଡ଼ି ଦାଦନ ଯିବାକୁ ବାଧ୍ୟ ହେଉଥିବା କହିଛନ୍ତି। ସେହିପରି ପଲସିପାଣି ପଞ୍ଚାୟତର ବାଞ୍ଜିବାହାଲ ଗ୍ରାମର ଗୌରାଙ୍ଗ ଖରସେଲ କହିଛନ୍ତି, ସେମାନଙ୍କ ଅଞ୍ଚଳର ପିଲାମାନେ ପରିବାର ପ୍ରତିପୋଷଣ ପାଇଁ ମାଟ୍ରିକ କିମ୍ବା ଯୁକ୍ତ୨ ପାଠପଢ଼ା ପରେ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। କୋନାବିରା ପଞ୍ଚାୟତ ପାଣ୍ଡେଲାହାଲି ଗ୍ରାମର ଡିଲେଶ ପଟେଲ ଓ ବହଲମୁଣ୍ଡା ଗ୍ରାମର ପ୍ରିତେଶ ହୋତା ନାମକ ଯୁକ୍ତ୨ ଛାତ୍ର ଆମ ସହିତ କଥାହେବାବେଳେ ପିଲାମାନେ ଦାଦନ ଯାଇ ସେଠାରେ ରୋଜଗାର କରି ନିଶା ଅଭ୍ୟାସ ମଧ୍ୟ କରିଦେଉଥିବା କହିଛନ୍ତି। ଫଳରେ ସେମାନେ ଘରକୁ ଆସିଲେ ଅଞ୍ଚଳରେ ଅନେକ ସମୟରେ ଚୋରି, ଡକାୟତି ଭଳି ଅସାମାଜିକ କାମରେ ମଧ୍ୟ ଲିପ୍ତ ରହୁଛନ୍ତି। ଏଭଳିସ୍ଥଳେ ଦାଦନ ସମସ୍ୟା ସମାଧାନ ପାଇଁ କେହି ଗୁରୁତ୍ୱ ନ ଦେବା ଅତ୍ୟନ୍ତ ଦୁଃଖଦ ବୋଲି ସେମାନେ କହିଛନ୍ତି।

କିଛିଦିନ ତଳେ ଜିଲାରୁ ଦାଦନ ଶ୍ରମିକ ସଂଖ୍ୟା ଦେବାଲାଗି ସ୍ଥାନୀୟ ପ୍ରଶାସନର କେତେଜଣ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲୁ। ହେଲେ ସେହି ଅଧିକାରୀମାନେ ନିର୍ବାଚନରେ ବ୍ୟସ୍ତ ଅଛନ୍ତି, ସନ୍ଧ୍ୟାରେ ତଥ୍ୟ ଦେବେ ବୋଲି କହିଥିଲେ। ପୁଣିଥରେ ସନ୍ଧ୍ୟାରେ ଉକ୍ତ ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରାଯିବା ପରେ ସେମାନେ ଏଭଳି ବ୍ୟସ୍ତ ଥିବାର ନାଟକ ରଚିଥିଲେ ଯେ, ସେଥିରୁ ତଥ୍ୟ ନ ଦେବାକୁ ସେମାନେ ଚାହୁଁଥିବା ବୁଝାପଡୁଥିଲା। ଅନେକ ସମୟରେ ଜିଲା ପ୍ରଶାସନ ପକ୍ଷରୁ ଦାଦନ ଶ୍ରମିକଙ୍କ ସଂଖ୍ୟା ଭୁଲ ଦିଆଯାଉଥିବା ବିଷୟ ଏବେ ଆମେ ତୃଣମୂଳ ସ୍ତରକୁ ଯିବାପରେ ଅନୁଭବ କରିପାରୁଛୁ। ବୁଧବାର ଦ୍ୱିପ୍ରହର ସମୟରେ କଂଗ୍ରେସ ଦାଦନ ସମସ୍ୟା ନେଇ ଏକ ଖବରଦାତା ସମ୍ମିଳନୀ କରିଥିଲା। ଜିଲାର ଦାଦନ ଶ୍ରମିକଙ୍କ ସଂଖ୍ୟା ବଢୁଥିବା କହି ବର୍ତ୍ତମାନ ସରକାର ଉପରକୁ ଅଙ୍ଗୁଳି ଉଠାଇଥିଲା। ହେଲେ ଉକ୍ତ ଖବରଦାତା ସମ୍ମିଳନୀରୁ ଏହା ବୁଝାପଡ଼ି ନ ଥିଲା ଯେ, ନୂଆପଡା ଉପନିର୍ବାଚନରେ ଯଦି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ବିଜୟୀ ହୁଅନ୍ତି, ତେବେ ଦାଦନ ସମସ୍ୟା କିପରି ଦୂର ହୋଇପାରିବ। ରାଜନୀତି ସହ ସଂଶ୍ଳିଷ୍ଟ ଥିବା କୋମନା ବ୍ଲକର ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସରକାର ଏବେ ଏଠାରେ ପହଞ୍ଚି ସାରିଛନ୍ତି। ଆଗକୁ ୯ ତାରିଖ ଯାଏ ସେମାନେ ଡେରା ପକାଇ ରହିବେ। ଦେଖିବାର ଅଛି ଦାଦନ ସମସ୍ୟା ଦୂର କରିବା ନେଇ ସେମାନଙ୍କ ଆନ୍ତରିକତା କେତେ ରହିଛି।

ଜିଲାର ଦାଦନ ଶ୍ରମିକଙ୍କ ସଂଖ୍ୟା ଏବଂ ଏହାର ପ୍ରତିକାର ନେଇ ଜିଲା ପ୍ରଶାସନ ପକ୍ଷରୁ କି ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜିଲା ଶ୍ରମ ଅଧିକାରୀ ଯସ୍ମିନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାରେ ଜଣେ ହେଲେ ଦାଦନ ଶ୍ରମିକଙ୍କ ପଞ୍ଜୀକରଣ ହୋଇନାହିଁ। ଗତ ଜାନୁଆରୀରୁ ବର୍ତ୍ତମାନ ସୁଦ୍ଧା ୯୨ ଜଣ ଦାଦନ ସର୍ଦ୍ଦାର ପଞ୍ଜୀକରଣ କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତ ଓ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଦନ ପଞ୍ଜୀକରଣର ବ୍ୟବସ୍ଥା ହୋଇଛି। ହେଲେ ଏଠାରେ ଶିକ୍ଷାର ଅଭାବରୁ ଶ୍ରମିକମାନେ ପଞ୍ଜୀକରଣ କରିପାରୁନାହାନ୍ତି ବୋଲି ସାହୁ କହିଛନ୍ତି। ଅର୍ଥାତ୍ ଜିଲା ଶ୍ରମ ଅଧିକାରୀଙ୍କ ଗୋଟିଏ କଥା ସ୍ପଷ୍ଟ କରୁଛି, ଦାଦନ ଖଟିବାକୁ ଯାଉଥିବା ବହୁଶ୍ରମିକ ପଞ୍ଜୀକରଣ କରିପାରୁ ନ ଥିବା ଜିଲା ପ୍ରଶାସନକୁ ଜଣାଅଛି। ହେଲେ ସେମାନେ କିପରି ପଞ୍ଜୀକରଣ କରିବେ ସେକଥା କୁହା ନ ଯାଇ, ଜାଣିଶୁଣି ଦାଦନ ଶ୍ରମିକଙ୍କ ତଥ୍ୟ ରଖାଯାଉ ନାହିଁ।

## ନଭେମ୍ବର ପହିଲାରୁ...

ଅନ୍‌ଲାଇନରେ ସ୍ଲଟ ବୁକ୍ କରି ତହସିଲ ଅଫିସରେ ଜମି ପଞ୍ଜୀକରଣ କରିହେବ। ତେବେ ନଭେମ୍ବର ପହିଲାରୁ ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲ ଅଫିସରେ ଜମି କିଣାବିକା ଆରମ୍ଭ ହେବାକୁ ରହିଛି। ଏହାପରେ ବାକି ୨୭୩ ତହସିଲ ସହିତ ଡିସେମ୍ବର ସୁଦ୍ଧା ସମସ୍ତ ତହସିଲରେ ଏହି ସେବା ଆରମ୍ଭ ହେବ। ଏନେଇ ଖୁବଶୀଘ୍ର ବିଭାଗ ପକ୍ଷରୁ ସବୁ ତହସିଲକୁ ନିର୍ଦ୍ଦେଶନାମା ଜାରି ହେବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

## ଓଡ଼ିଶାରେ ହେବ ୯୨...

ବହନ କରିବେ ବୋଲି ପତ୍ର ମାଧ୍ୟମରେ ଜଣାଇଛନ୍ତି। ଓଡ଼ିଶାର ଭିତ୍ତିଭୂମି ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ଏହି ସହୃଦୟତାପୂର୍ଣ୍ଣ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ସବୁ ସମୟରେ ଓଡ଼ିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଆସିଛନ୍ତି। ରେଳପଥ, ସଡ଼କ ପଥ, ବନ୍ଦର ଓ ବିମାନ ଭିତ୍ତିଭୂମି ସହ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ରାଜ୍ୟବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ଶ୍ରଦ୍ଧା ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834. D–06


LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/– ପ୍ଲଟ୍ ବିକ୍ରିହେବ– 9776974912. D–05

Gharabari bounded plot 10000sq.ft and 2400sq. ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 9861044442. D–2364



FOR RENT

Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Healthcare

Newly open Jyoti spa positively health benefits (Expert therapist). 8458067955. D-76942

Full body massage by odia therapist in homely atmosphere. 9078618337. D-2417

LOST

By virtue of an affidavit sworn before the Executive Magistrate, Kharirar, I, Debasish Chinmaya Nag, S/o.- Jyoti Charan Nag, Resident of At- Ward No.-01, Missionpada, P.O.- Khariar, Dist.- Nuapada, PIN- 766107, Odisha state that I have lost my Bachelor of Pharmacy Certificate, Pharmacy licence, 10th Board Certificate, +2 Marksheet with other relevant Certificates theft during travelling in train. D-2432

Vivek Patra, BPUT Regd. No.- 1221211047 of OEC, has been lost B.Tech degree certificate. If anybody found please call me 8658725282. D-2431

AFFIDAVIT

By virtue of an affidavit sworn before the Executive Magistrate, Kuchinda, date- 19.09.24, I, Bhikshu Damodar Patel, R/o. Village/P.O.- Salebhadi, P.S.-Mahulpali, Dist.-Sambalpur declare that in S.B.I, Jarda Branch Savings account my name has been mentioned as Bhikhuram Patel. Now I want to change my name from Bhikhuram Patel to Bhikshu Damodar Patel for my all purposes.
Bhikshu Damodar Patel D-2423

I, S Pravalika, D/o.- Sirigudi Balaji, Residing At- Beherensilet, P.O.- Chatuanka, P.S.- Kantabanji, Dist.- Balangir, Odisha have changed my name to Sirigudi Pravalika vide affidavit dated- 27.10.2025 at Kantabanji. D-2426

By virtue of an affidavit sworn before Executive Magistrate of Athagarh dated 30.10.2025, I, Ajaya Kumar Patra. At/P.O.- Megha, P.S.- Athagarh, Dist.- Cuttack declare that I have changed the name of my daughter from Sai Ayusurya Priyadarshini Patra to Sai Aisurya Priyadarshini. Henceforth, She shall be known as Sai Aisurya Priyadarshini for all purposes.
Ajaya kumar patra
Applicant D-2424

By virtue of an affidavit sworn before Executive Magistrate, Erasama, dated- 16.10.2025, I, Sobharani Dei (old name) wife of Raghunath swain, Permanent Resident At- Srichandanpur, Post- Pokhariapada, P.S.- Erasama, Dist.- Jagatsinghpur, PIN- 754138 I have changed my surname DEI to SWAIN. I shall be known as Sobharani Swain for all future proposes. D-2427

By virtue of an affidavit sworn before Notary Public, Jatani, vide No -2877, dated- 15.10.2025, I, Sheetal Agrawalla, W/o.- Rahul Kumar Agrawalla, Address At- Ramchandrapur Bazar, P.O./P.S.- Jatani, Dist.- Khordha, PIN- 752050, Odisha declare that I have changed my name from Sheetal Kedia to Sheetal Agrawalla. Now onwards I shall be known as Sheetal Agrawalla for all future purposes. D-2428

ମୁଁ ସମୀର ରଂଜନ ପାଢ଼ୀ, ବୟସ– ୪୪ ବର୍ଷ, ସା– ଖଣ୍ଡିଆବନ୍ଧ, ପୋଷ୍ଟ– ଗୋପୀନାଥପୁର, ପୁରୀ, ଏତଦ୍ୱାରା ସର୍ବସାଧାରଣରେ ସତ୍ୟପାଠ କରି ଜଣାଉଅଛି କି ମୋତେ ଜନ୍ମରୁ ଲାଳନ ପାଳନ କରିଥିଲେ ମୋର ପାଳିତ ବାପା ସହଦେବ ସାମର୍ଥା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋର ନାମରେ କୌଣସି ପୁଅପତ୍ର ଦଲିଲ କିମ୍ବା ଜମିଜମା ସମ୍ବନ୍ଧୀୟ ସରକାରୀ ପ୍ରମାଣପତ୍ର କରିନାହାନ୍ତି। ତେଣୁ କୋର୍ଟ ସତ୍ୟପାଠ ମୁତାବକ ଆଜିଠାରୁ ମୋର ନାମ ସମୀର ରଂଜନ ସାମର୍ଥା ପରିବର୍ତ୍ତେ ସମୀର ରଂଜନ ପାଢ଼ୀ ଏବଂ ପିତାଙ୍କ ନାମ ସହଦେବ ସାମର୍ଥା ପରିବର୍ତ୍ତେ ନକୁଳ ପାଢ଼ୀ ରହିବା ପାଇଁ ସତ୍ୟପାଠ ମାଧ୍ୟମରେ ଜଣାଉଛି। ଧ–୨୪୩୦

By virtue of an affidavit sworn before the Notary, Birmaharajpur, date- 30.10.25, I, Bikash Mishra, R/o. Village- Nuapada, P.O./P.S.- Subalaya, Dist.- Subarnapur declare that I have changed the name of my daughter from Mamisha Mishra to Manisha Mishra. Henceforth, she shall be known as Manisha Mishra for all purposes.
Bikash Mishra D-2425

Affidavit before Executive Magistrate, Khallikote, No.- A/3785, 24.10.2025, I, Trilochan Pradhan (Old name), S/o.- Chaitanya Pradhan, Vill./P.O.- Langaleswar, P.S.- Khallikote, Ganjam I change my name Trilochan Pradhan to Trilochana Pradhan. Henceforth, I shall be known as Trilochana Pradhan for all future purpose. D-2429

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

# ମନେ ପଡ଼ନ୍ତି

**୨୩ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ବିପିନ୍ ବିହାରୀ ମହାନ୍ତି**
ବରୁଣେଇସାହି, ଖୋର୍ଦ୍ଧା
ତିରୋଧାନ: ଅଁଳା ନବମୀ– ୨୦୦୨
ବାପା, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ଆପଣଙ୍କର ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ଆପଣଙ୍କର ପିଲାମାନେ
ଧ–୨୩୩୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ ତଟିନୀ ଦାସ**
(ପୂର୍ବତନ ଅଧକ୍ଷା
ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ), ଭୁବନେଶ୍ୱର
ଆବିର୍ଭାବ : ୧୩.୦୩.୧୯୫୬
ତିରୋଧାନ : ୧୧.୧୧.୨୦୨୪
ଆଜିର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମରଅତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।
ଧ–୨୪୩୩



**ସ୍ୱର୍ଗତା ସ୍ୱପ୍ନାରାଣୀ ବିଶ୍ୱାଳ**
ଠିକଣା - ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା
ଅଁଳା ନବମୀ (୨୦୨୫)
ତୁମେ ଆଜି ନାହଁ, ହେଲେ ତୁମ ସ୍ମୃତି ଆମ ପାଖରେ ସଦା ସର୍ବଦା ସତେଜ। ତୁମେ ଆମ ସହ ଥିଲ, ଏବେ ଅଛ, ଆଗକୁ ମଧ୍ୟ ରହିଥିବ। ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ। ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକସନ୍ତପ୍ତ -
ଆମ ପରିବାର, ତୁମ ପରିବାର, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ–୨୪୩୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

**ଏକାଦଶାହ ଉପଲକ୍ଷେ**



**୰ ରାଜ୍ୟଶ୍ରୀ ମିଶ୍ର**
ମୂଳବାସିନ୍ଦା - କୁଣ୍ଡେଇ ବେଣ୍ଟ ସାହି, ପୁରୀ
ବର୍ତ୍ତମାନ ଅବସ୍ଥାନ - ବିବେକାନନ୍ଦ ବିହାର, ବିବେକାନନ୍ଦ ମାର୍ଗ
ତୁମର ଆନ୍ତରିକ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ସମସ୍ତଙ୍କୁ ବିହ୍ୱଳ କରିଛି। ଏହି ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ : ପରିବାରବର୍ଗ
ଧ–୨୪୩୫

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି**



**୰ ମହେଶ୍ୱର ମିଶ୍ର**
୧୨୧, ସହିଦ ନଗର, ଭୁବନେଶ୍ୱର
ଆବିର୍ଭାବ - ୦୩.୦୧.୧୯୩୩
ତିରୋଧାନ - ୨୪.୧୧.୨୦୨୦
କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ବିନମ୍ର ଶ୍ରଦ୍ଧାଞ୍ଜଳି ସହ
ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ
ଧ–୨୪୩୬

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଗୋପିନାଥ ପଣ୍ଡା**
ଟେଲି କମ୍ୟୁନିକେଶନ ଇଞ୍ଜିନିୟର
N6-505, ଜୟଦେବ ବିହାର
ତିରୋଧାନ : କାର୍ତ୍ତିକ ବଡ଼ଦଶମୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ପିଲାମାନେ।
ଧ–୨୪୩୭

# ରନିଂ ଟ୍ରାକ୍‌ରୁ ସଫଳ ଭାରୋତ୍ତୋଳିକା

ଓଡ଼ିଶାର ଅନେକ କ୍ରୀଡ଼ା ପ୍ରତିଭା ଏବେ ଜୁନିୟର ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିବାରେ ଲାଗିଛନ୍ତି। କଠିନ ପରିଶ୍ରମ ଏବଂ ନିଷ୍ଠା ସହ ନିରନ୍ତର ଅଭ୍ୟାସ କରୁଥିବା ଏହି ପ୍ରତିଭାସମ୍ପନ୍ନ ଖେଳାଳିମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ରାଜ୍ୟ ଏବଂ ଦେଶର ନାମ ଉଜ୍ଜ୍ୱଳ କରୁଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଲେ ପ୍ରୀତିସ୍ମିତା ଭୋଇ। ରନିଂ ଟ୍ରାକ୍‌ରୁ ଖେଳ ଜୀବନ ଆରମ୍ଭ କରି କ୍ରମେ ଭାରୋତ୍ତୋଳନ ପ୍ରେମରେ ପଡ଼ିଥିବା ପ୍ରୀତିସ୍ମିତା ଏସିଆନ ୟୁଥ୍ ଗେମ୍ସରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେ ଯେ କେବଳ ନିଜ ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ତା' ନୁହେଁ ନୂଆ ଏସୀୟ ଓ ବିଶ୍ୱ ରେକର୍ଡ ମଧ୍ୟ ସୃଷ୍ଟି କରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି...

**-ତପନ କୁମାର ସ୍ୱାଇଁ**



ପ୍ରୀତିସ୍ମିତା ଭୋଇ

### ରେକର୍ଡ ବୁକ୍‌ରେ ଭାରୋତ୍ତୋଳନ ପ୍ରତିଭା

ନିକଟରେ ବାହାରିନ୍‌ର ମାନାମାଠାରେ ଅନୁଷ୍ଠିତ ଏସିଆନ ୟୁଥ୍ ଗେମ୍ସର ଭାରୋତ୍ତୋଳନ ଇଭେଣ୍ଟରେ ନୂଆ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି ଓଡ଼ିଶାର ପ୍ରୀତିସ୍ମିତା ଭୋଇ। କେବଳ ରାଜ୍ୟରେ ନୁହେଁ ଦେଶ ଏବଂ ବିଦେଶରେ ଏବେ ଚର୍ଚ୍ଚାରେ ରହିଥିବା ପ୍ରୀତିସ୍ମିତାଙ୍କ ଖେଳ ଜୀବନ ରନିଂ ଟ୍ରାକ୍‌ରୁ ଆରମ୍ଭ ହୋଇଥିଲା ବୋଲି ହୁଏତ ଅନେକେ ଜାଣି ନ ଥିବେ। ସ୍କୁଲରେ ୧୦୦ ଓ ୨୦୦ ମିଟର ରେସ୍‌ରେ ଭାଗ ନେଉଥିବା ଏହି କ୍ରୀଡ଼ା ପ୍ରତିଭା ପରେ ଦୂରଦୃଷ୍ଟି ସମ୍ପନ୍ନ କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ପରାମର୍ଶକ୍ରମେ ଭାରୋତ୍ତୋଳନ ପ୍ରେମରେ ପଡ଼ିଥିଲେ। ତୁଳସୀ ଦୁଇ ପତ୍ରରୁ ବାସିବାପରି ସେ ଛୋଟ ବେଳରୁ ସଫଳତାର ଶୀଢ଼ି ଚଢ଼ି ଏବେ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ଚେହେରା ପାଲଟି ଯାଇଛନ୍ତି। ଏପରିକି ତାଙ୍କୁ ଏବେ ଭାରତର ପରବର୍ତ୍ତୀ ମୀରାବାଇ ଚାନୁ ରୂପରେ ମଧ୍ୟ ଦେଖିବାକୁ ଆରମ୍ଭ କରିଛନ୍ତି ଭାରତର ଭାରୋତ୍ତୋଳନ ବିଶେଷଜ୍ଞ। ଢେଙ୍କାନାଳସ୍ଥିତ ଭାରୋତ୍ତୋଳନ ଉପକେନ୍ଦ୍ରରେ ପ୍ରଶିକ୍ଷଣପ୍ରାପ୍ତ ୧୬ ବର୍ଷୀୟା ପ୍ରୀତିସ୍ମିତା ଅକ୍ଟୋବର ୨୬ ତାରିଖରେ ମାନାମାଠାରେ ଅନୁଷ୍ଠିତ ଏସିଆନ ୟୁଥ୍ ଗେମ୍ସର ବାଳିକା ୪୪ କେଜି ବର୍ଗରେ ମୋଟ ୧୫୮ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୬୬ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ କରିଥିଲେ। ୪୪ କେଜି ଓଜନ ବର୍ଗରେ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ ହେଉଛି ଏସୀୟ ଓ ୱାର୍ଲ୍ଡ ୟୁଥ୍ ରେକର୍ଡ। ପୂର୍ବରୁ ୮୯ କେଜି ଏସିଆନ ଏବଂ ୯୦ କେଜି ଉତ୍ତୋଳନ ବିଶ୍ୱ ରେକର୍ଡ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ପ୍ରୀତିସ୍ମିତା ନିଜ ନାମରେ ଥିବା ବିଶ୍ୱ ରେକର୍ଡକୁ ନିଜେ ଭାଙ୍ଗିଛନ୍ତି। ଯେଉଁଦିନ ଅନ୍ୟ ଭାରତୀୟ ଭାରୋତ୍ତୋଳକମାନେ ଖରାପ ପ୍ରଦର୍ଶନ କରି ପ୍ରଭାବହୀନ ରହିଥିଲେ ସେହିଦିନ ଏହି ଟିନ୍‌ଏଜ୍ ଆଥ୍‌ଲେଟ ଚମକ ଦେଖାଇଥିଲେ। କ୍ଲିନ୍ ଆଣ୍ଡ ଜର୍କରେ ସେ ପ୍ରଥମ ଉଦ୍ୟମରେ ୮୭ କେଜି ଉତ୍ତୋଳନ କରିଥିଲେ। ଦ୍ୱିତୀୟ ଲିଫ୍ଟରେ ୯୦ ଏବଂ ଶେଷରେ ସେ ୯୨ କେଜି ଉତ୍ତୋଳନ କରି ରେକର୍ଡ ବୁକ୍‌ରେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଥିଲେ। ସ୍ନାଚ୍‌ରେ ସେ ପ୍ରଥମ ଉଦ୍ୟମରେ ୬୬ କେଜି ଉତ୍ତୋଳନ କରିଥିବାବେଳେ ଦ୍ୱିତୀୟ ଓ ତୃତୀୟ ଉଦ୍ୟମରେ ଯଥାକ୍ରମେ ୬୮ ଓ ୬୯ କେଜି ଉଠାଇବାରେ ବିଫଳ ହୋଇଥିଲେ। ମାତ୍ର ଏହା ତାଙ୍କୁ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ କରିପାରି ନ ଥିଲା।

### ଅନ୍ତର୍ଜାତୀୟ ପଦାର୍ପଣରେ ସଫଳତା

୨୦୦୮ ନଭେମ୍ବର ୧୪ରେ ଢେଙ୍କାନାଳରେ ଜନ୍ମିତ ପ୍ରୀତିସ୍ମିତାଙ୍କ ମା'ଙ୍କ ନାମ ଯମୁନା ଓ ବାପା ସ୍ୱର୍ଗତ ମହେନ୍ଦ୍ର ଭୋଇ। ଓଡ଼ିଶା ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟରର ଢେଙ୍କାନାଳରେ ଥିବା ଉପକେନ୍ଦ୍ରରେ କୋଚ୍ ଗୋପାଳ ଦାସଙ୍କଠାରୁ ପ୍ରୀତିସ୍ମିତା ପ୍ରଶିକ୍ଷଣପ୍ରାପ୍ତ। ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିବା ପ୍ରୀତିସ୍ମିତାଙ୍କ ପାଇଁ ଏହା ନୂଆ ନୁହେଁ। ଛୋଟବେଳରୁ ବାପାଙ୍କୁ ହରାଇଥିବା ଏହି ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ରାଜ୍ୟ ଏବଂ ଜାତୀୟ ସ୍ତରରେ ଅନେକ ସଫଳତା ପାଇବାପରେ ୨୦୨୪ରେ ପେରୁର ଲିମାଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁଥ୍ ଭାରୋତ୍ତୋଳନରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ନିଜ ଅନ୍ତର୍ଜାତୀୟ ପଦାର୍ପଣରୁ ହିଁ ସେ ଚମକ ଦେଖାଇ କ୍ରୀଡ଼ା ଜଗତର ଦୃଷ୍ଟି ଆକର୍ଷଣ କରିଥିଲେ। ଲିମାଠାରେ ସେ ମହିଳା ୪୦ କେଜି ବର୍ଗରେ ମୋଟ ୧୩୩ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେଠାରେ ସେ କ୍ଲିନ୍ ଆଣ୍ଡ ଜର୍କରେ ୭୬ କେଜି ଉତ୍ତୋଳନ କରି ନୂଆ ୟୁଥ୍ ୱାର୍ଲ୍ଡ ରେକର୍ଡର ଅଧିକାରୀ ହୋଇଥିଲେ। ୨୦୨୪ ଡିସେମ୍ବରରେ ସେ କାତାରର ଦୋହାଠାରେ ଅନୁଷ୍ଠିତ ଏସିଆନ ୟୁଥ୍ ଆଣ୍ଡ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ୪୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ଓଭରଅଲ୍ ୫ମ ସ୍ଥାନରେ ରହିଥିଲେ ହେଁ କ୍ଲିନ୍ ଆଣ୍ଡ ଜର୍କରେ ରୌପ୍ୟ ପଦକ ହାସଲ କରିଥିଲେ। ୨୦୨୫ରେ ସଫଳତାର ଶୀର୍ଷରେ ରହିଛନ୍ତି ପ୍ରୀତିସ୍ମିତା। ଅଗଷ୍ଟରେ ଗୁଜରାଟର ଅହମଦାବାଦରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୟୁଥ୍ ମହିଳା ୪୪ କେଜି ବର୍ଗରେ ସେ ସ୍ନାଚ୍‌ରେ ୬୩, କ୍ଲିନ୍ ଆଣ୍ଡ ଜର୍କର ୮୭ ଓ ମୋଟ୍ ୧୫୦ କେଜି ଉତ୍ତୋଳନ କରି ୩ ନୂଆ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏବେ ଏସିଆନ ୟୁଥ୍ ଗେମ୍ସରେ ସେ ଏସିଆନ ଓ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।



କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ସହ ପ୍ରୀତିସ୍ମିତା ଭୋଇ

### ପୁରସ୍କାର/ସମ୍ମାନ

ପରିଶ୍ରମ କେବେ ବ୍ୟର୍ଥ ଯାଏନି। ଶ୍ରେଷ୍ଠ ପ୍ରଦର୍ଶନ କରି ଦେଶ ବିଦେଶରେ ସୁନା, ରୁପା ପଦକ ସାଉଁଟୁଥିବା ପ୍ରୀତିସ୍ମିତାଙ୍କୁ ୨୦୨୪ରେ ମିଳିଥିଲା ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର। ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ୨୦୨୪ ଡିସେମ୍ବର ୨୬ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିଥିଲେ। ସେହିପରି ୨୦୨୪ ଅଗଷ୍ଟ ୨୯ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ବର୍ଷର ଶ୍ରେଷ୍ଠ ଉଦୀୟମାନ ଖେଳାଳିଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଭାରତର ପ୍ରମୁଖ ଫେରୋ ଆଲଏଜ କମ୍ପାନୀ ଇମ୍ଫାଦ୍ୱାରା ପରିଚାଳିତ ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ତାଙ୍କୁ ଆଗାମୀ ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ଅନ୍ୟତମ ଉପ ବିଜେତାଭାବେ ସମ୍ମାନିତ କରାଯିବ ବୋଲି ଘୋଷଣା କରାଯାଇଛି। ପ୍ରୀତିସ୍ମିତା ସମ୍ପ୍ରତି ଉତ୍ତର ପ୍ରଦେଶର ମୋଦିନଗରସ୍ଥିତ 'ୱେଟ୍‌ଲିଫ୍ଟିଂ ୱାରିୟର୍ସ' ଅନୁଷ୍ଠାନରେ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୋଚ୍ ବିଜୟ ଶର୍ମାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ବଡ଼ ସଫଳତା ହାସଲ କରିଥିବାରୁ ପ୍ରୀତିସ୍ମିତାଙ୍କୁ ରାଜ୍ୟ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରୀତିସ୍ମିତାଙ୍କ ସଫଳତା ପଛରେ ଗୋପାଳକୃଷ୍ଣ

ଭାରୋତ୍ତୋଳନରେ ପ୍ରୀତିସ୍ମିତାଙ୍କ ପ୍ରଥମ ଗୁରୁ ହେଉଛନ୍ତି ଗୋପାଳ କୃଷ୍ଣ ଦାସ। ୨୦୧୩-୧୪ରେ ଢେଙ୍କାନାଳରେ ଏକ ଜିମ୍ନାସିୟମରେ ପିଲାମାନଙ୍କୁ ଟ୍ରେନିଂ ଦେବା ଆରମ୍ଭ କରିଥିବା ଗୋପାଳ କୃଷ୍ଣ ୨୦୧୯ରୁ ପ୍ରୀତିସ୍ମିତାଙ୍କୁ ପ୍ରଶିକ୍ଷଣ ଦେଇ ଆସୁଛନ୍ତି। ପ୍ରୀତିସ୍ମିତାଙ୍କ ସହ ଗୋପାଳକୃଷ୍ଣଙ୍କ ପରିଚୟ ମଧ୍ୟ ଏକ ସଂଯୋଗ ଏବଂ ବିଧିନିର୍ଦ୍ଦିଷ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ। ଢେଙ୍କାନାଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ଥରେ ଅତିଥିଭାବେ ଯୋଗ ଦେଇଥିଲେ ଗୋପାଳକୃଷ୍ଣ। ସେତେବେଳେ ୭ମ ଶ୍ରେଣୀରେ ପଢୁଥିବା ପ୍ରୀତିସ୍ମିତା ୧୦୦ ଓ ୨୦୦ ମିଟର ରେସ୍‌ରେ ଭାଗନେଇ ପାରଦର୍ଶିତା ଦେଖାଇଥିଲେ। ତାଙ୍କ ପ୍ରତିଭାକୁ ଚିହ୍ନି ପାରିଥିଲେ ଦୂରଦୃଷ୍ଟି ସମ୍ପନ୍ନ କୋଚ୍ ଗୋପାଳକୃଷ୍ଣ। ସେ ପ୍ରୀତିସ୍ମିତାଙ୍କ ଘରକୁ ଯାଇ ତାଙ୍କ ମା'ଙ୍କ ସହ ଯୋଗାଯୋଗ କରିଥିଲେ। ପ୍ରଥମେ ପ୍ରୀତିସ୍ମିତାଙ୍କ ମା' ରାଜି ହୋଇ ନ ଥିଲେ ମଧ୍ୟ ପରେ ବୁଝିଥିଲେ ଏବଂ ଝିଅକୁ ଛାଡ଼ିବାକୁ ରାଜି ହୋଇଥିଲେ। ପ୍ରଥମଥରପାଇଁ ଜଣେ ବାଳିକାଙ୍କୁ ଭାରୋତ୍ତୋଳନ ପ୍ରଶିକ୍ଷଣ ଦେବାର ସୁଯୋଗ ଆସିଥିବାରୁ ଗୋପାଳକୃଷ୍ଣ ମଧ୍ୟ ଖୁବ୍ ଉତ୍ସାହିତ ହୋଇ ପଡ଼ିଥିଲେ। ଭାରୋତ୍ତୋଳନ ପାଇଁ ପ୍ରୀତିସ୍ମିତାଙ୍କ ନିକଟରେ ଶାରୀରିକ ଦକ୍ଷତା ନ ଥିବାରୁ ଗୋପାଳ କୃଷ୍ଣଙ୍କୁ ଯୋଜନାବଦ୍ଧ ଭାବେ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ପଡ଼ିଥିଲା। ଖାଦ୍ୟପେୟଠାରୁ ଆରମ୍ଭ କରି ଟ୍ରେନିଂ ଆଦି ସମସ୍ତ ଦାୟିତ୍ୱ ସେ ପ୍ରତ୍ୟକ୍ଷଭାବେ ବୁଝିଥିଲେ। ଦୃଢ଼ ମନୋବଳ ଏବଂ ଶୃଙ୍ଖଳା ଜ୍ଞାନ ଯୋଗୁ ପ୍ରୀତିସ୍ମିତା ଗୁରୁଙ୍କ ନିର୍ଦ୍ଦେଶରେ ଧିରେଧିରେ ଭାରୋତ୍ତୋଳନରେ ଦୃଢ଼ ହେଲେ ଏବଂ ସଫଳତା ପାଇବାକୁ ଲାଗିଲେ। ୨୦୨୨ରେ ଢେଙ୍କାନାଳ ଏଚ୍‌ପିସି ସବ୍‌ସେଣ୍ଟର ହେବାପରେ ପ୍ରୀତିସ୍ମିତା ସେଠାରେ ଉଚ୍ଚସ୍ତରର ଟ୍ରେନିଂ ନେବା ସହ ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି। ଗୋପାଳକୃଷ୍ଣଙ୍କ କହିବା ଅନୁସାରେ ପ୍ରୀତିସ୍ମିତା ସ୍ନାଚ୍ ଉତ୍ତୋଳନରେ ଟିକେ ଦୁର୍ବଳ ଅଛନ୍ତି। ସେ ଏବେ ଉତ୍ତର ପ୍ରଦେଶର ମୋଦିନଗରେ ପ୍ରତିଷ୍ଠିତ କୋଚ୍ ବିଜୟ ଶର୍ମାଙ୍କଠାରୁ ଟ୍ରେନିଂ ନେଉଛନ୍ତି। ପ୍ରୀତିସ୍ମିତାଙ୍କୁ ବିଜୟ ଶର୍ମା ଭାରତର ଭବିଷ୍ୟତ ମୀରାବାଇ ଚାନୁ ରୂପରେ ଦେଖୁଛନ୍ତି। ତେଣୁ ତାଙ୍କ ଭବିଷ୍ୟତ ନିଶ୍ଚିତ ଉଜ୍ଜ୍ୱଳ ବୋଲି ଗୋପାଳକୃଷ୍ଣ ପ୍ରକାଶ କରିଛନ୍ତି।

# ଆଇସ୍‌ଲାଣ୍ଡରୁ କେପ୍ ଭର୍ଡେ

ଆଫ୍ରିକୀୟ ଦ୍ୱୀପରାଷ୍ଟ୍ର କେପ୍ ଭର୍ଡେ ଆଗାମୀ ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ୧୯୩୦ରେ ପୁରୁଷ ବିଶ୍ୱକପ୍ ଟୁର୍ନାମେଣ୍ଟ ଆରମ୍ଭ ହେବା ପରେ ଲୋକସଂଖ୍ୟା ଦୃଷ୍ଟିରୁ ଏହା ଦ୍ୱିତୀୟ କ୍ଷୁଦ୍ରତମ ଦେଶ ଭାବେ ବିଶ୍ୱକପ୍ ଖେଳିବା ପାଇ ଯୋଗ୍ୟତା ଅର୍ଜନ କରିଛି। ଆଇସ୍‌ଲାଣ୍ଡ ଏହି ତାଲିକାର ଶୀର୍ଷରେ ରହିଛି...

**-ବିଜୟ ରଣା**

**ଫୁଟ୍‌ବଲ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଥିବା ୫ କ୍ଷୁଦ୍ର ଦେଶ**



ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ୨୦୨୬ ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ଇତିହାସରେ ଏଥର ପ୍ରଥମଥର ପାଇଁ ୩ଟି ଦେଶ ଆମେରିକା, କାନାଡା ଓ ମେକ୍ସିକୋ ଏହି ମେଗା ପ୍ରତିଯୋଗିତାକୁ ଆୟୋଜନ କରିବେ। ମ୍ୟାଚଗୁଡ଼ିକ ୧୬ଟି ସହରରେ ଖେଳାଯିବ। ଆଗାମୀ ସଂସ୍କରଣରେ ପ୍ରଥମଥର ପାଇଁ ୪୮ଟି ଦଳ ଅଂଶଗ୍ରହଣ କରିବେ। ପୂର୍ବରୁ ୩୨ ଦଳକୁ ନେଇ ପ୍ରତିଯୋଗିତା ହେଉଥିଲା। ଲୋକସଂଖ୍ୟା ଦୃଷ୍ଟିରୁ ଅନେକ କ୍ଷୁଦ୍ରତମ ଦେଶ ପୂର୍ବରୁ ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ନଜିର ରହିଛି। ଏଥର ଏଥିରେ ଯୋଡ଼ି ହୋଇଛି ଆଫ୍ରିକୀୟ ଦ୍ୱୀପରାଷ୍ଟ୍ର କେପ୍ ଭର୍ଡେ। ଇସ୍ୱାଟିନିକୁ ୩-୦ ଗୋଲ୍‌ରେ ପରାସ୍ତ କରିବା ପରେ କେପ୍ ଭର୍ଡେ ପ୍ରଥମଥର ଫିଫା ବିଶ୍ୱକପ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛି। ଲୋକସଂଖ୍ୟା ଦୃଷ୍ଟିରୁ ଏହାର ଜନସଂଖ୍ୟା ଆମେରିକାର ଭର୍ମଣ୍ଟ ନାମକ ଏକ ପ୍ରଦେଶର ଲୋକସଂଖ୍ୟାଠାରୁ କମ୍। ୧୯୩୦ରେ ପୁରୁଷ ବିଶ୍ୱକପ୍ ଟୁର୍ନାମେଣ୍ଟ ଆରମ୍ଭ ହେବା ପରେ ଏହା ଦ୍ୱିତୀୟ କ୍ଷୁଦ୍ରତମ ଦେଶ ଭାବେ ବିଶ୍ୱକପ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛି।

**ଆଇସ୍‌ଲାଣ୍ଡ:** ବିଶ୍ୱକପ୍ ଖେଳିବାରେ ଏହା ହେଉଛି ବିଶ୍ୱର ସବୁଠାରୁ କ୍ଷୁଦ୍ର ଦେଶ। ୨୦୧୮ରେ ରୁଷିଆରେ ଏହି ଟୁର୍ନାମେଣ୍ଟ ପାଇଁ ଆଇସ୍‌ଲାଣ୍ଡ ଯୋଗ୍ୟତା ହାସଲ କରିଥିଲା। ସେତେବେଳେ ଏହାର ମୋଟ ଜନସଂଖ୍ୟା ୩,୫୦,୦୦୦ ଥିଲା। ଏହାର ଦୁଇବର୍ଷ ପୂର୍ବରୁ ଦଳ ଇଂଲଣ୍ଡକୁ ପରାସ୍ତକରି ୨୦୧୬ ୟୁରୋପିଆନ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଥିଲା। ରୁଷିଆରେ ଏହି ଦଳ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ୍ ଡ୍ର ରଖିବାରେ ସକ୍ଷମ ହୋଇଥିଲା, କିନ୍ତୁ କ୍ରୋଏସିଆ ଓ ନାଇଜେରିଆ ନିକଟରୁ ହାରି ଏହାର ବିଶ୍ୱକପ୍ ଗ୍ରୁପ୍‌ରେ ଶେଷ ସ୍ଥାନରେ ରହିଥିଲା।

**କେପ୍ ଭର୍ଡେ:** ଏହି ଦ୍ୱୀପ ରାଷ୍ଟ୍ର ପଶ୍ଚିମ ଆଫ୍ରିକା ଉପକୂଳରେ ଅବସ୍ଥିତ। ଏହାର ଲୋକସଂଖ୍ୟା ପ୍ରାୟ ୫,୨୫,୦୦୦ ଏବଂ ଫିଫା ପୁରୁଷ ବିଶ୍ୱ ର୍‍ୟାଙ୍କିଂରେ ଏହି ଦେଶ ୭୦ତମ ସ୍ଥାନରେ ରହିଛି। ମହାଦେଶର ଅନ୍ୟତମ ଶକ୍ତିଶାଳୀ ଦଳ କାମେରୁନ୍‌କୁ ପଛରେ ପକାଇ ଏହି ଦେଶ ଆଫ୍ରିକାନ କ୍ୱାଲିଫାଇଂ ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ୫୦ ବର୍ଷ ପୂର୍ବେ ପର୍ତ୍ତୁଗାଲଠାରୁ ସ୍ୱାଧୀନତା ଲାଭ କରିଥିବା ଏହି ଦେଶ ୪ଥର ଆଫ୍ରିକା କପ୍ ଅଫ୍ ନେଶନ୍ସ ଖେଳିଛି ଏବଂ ୨୦୧୩ ଓ ୨୦୨୩ରେ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଯାଇପାରିଛି। ଆସନ୍ତାବର୍ଷ ଆମେରିକା, ମେକ୍ସିକୋ ଓ କାନାଡାରେ ଖେଳାଯିବାକୁଥିବା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଥିବା ଦେଶଗୁଡ଼ିକ ମଧ୍ୟରେ ଏହି ଦେଶ ସବୁଠାରୁ କ୍ଷୁଦ୍ରତମ।

**ପାରାଗୁଏ:** ଦକ୍ଷିଣ ଆମେରିକା ଅନ୍ତର୍ଗତ ଏହି ଦେଶ ୧୯୩୦ ଉଦ୍‌ଘାଟନୀ ବିଶ୍ୱକପ୍ ଖେଳିଥିଲା। ସେତେବେଳେ ଏହାର ଜନସଂଖ୍ୟା ୧ ନିୟୁତରୁ ସାମାନ୍ୟ କମ୍ ଥିଲା। ଏଠାରେ ବେଲ୍‌ଜିୟମ ବିପକ୍ଷରେ ବିଜୟ ହାସଲ କରିଥିଲେ ମଧ୍ୟ ଆମେରିକା ନିକଟରୁ ପରାଜିତ ହେବାପରେ ପାରାଗୁଏ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ପାରାଗୁଏ ୯ମ ଥର ବିଶ୍ୱକପ୍ ଖେଳିବାକୁ ଯାଉଛି। ଦକ୍ଷିଣ ଆମେରିକାର ଯେଉଁ ୬ଟି ଦେଶ ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି ସେମାନଙ୍କ ମଧ୍ୟରେ ପାରାଗୁଏ ହେଉଛି ଅନ୍ୟତମ।

**ତ୍ରିନିଦାଦ୍ ଆଣ୍ଡ ଟୋବାଗୋ:** କାରିବିୟନ ଦେଶ ତ୍ରିନିଦାଦ୍ ଓ ଟୋବାଗୋ ଏକ ଇଣ୍ଟରନ୍ୟାଶନାଲ ପ୍ଲେ-ଅଫ୍ ଜିତି ପ୍ରଥମଥର ଏବଂ ଏକମାତ୍ର ବିଶ୍ୱକପ୍ ୨୦୦୬ରେ ଜର୍ମାନୀରେ ଖେଳିଥିଲା। ସେତେବେଳେ ଏହାର ଜନସଂଖ୍ୟା ୧.୩ ନିୟୁତ ରହିଥିଲା। ସେହି ଟୁର୍ନାମେଣ୍ଟରେ ତ୍ରିନିଦାଦ୍ ଓ ଟୋବାଗୋ ସବୁଠାରୁ କ୍ଷୁଦ୍ରତମ ଦେଶ ରହିଥିଲା। ଦଳ ସ୍ୱିଡେନ ବିପକ୍ଷ ମ୍ୟାଚ୍‌କୁ ଡ୍ର' ରଖିଥିବା ବେଳେ ଇଂଲଣ୍ଡ ଓ ପାରାଗୁଏଠାରୁ ପରାଜିତ ହୋଇ ନିଜ ଗ୍ରୁପ୍‌ର ଅନ୍ତିମ ସ୍ଥାନରେ ରହିଥିଲା। ଏହାପରଠାରୁ ଏହି ଦେଶ ଥରେ ହେଲେ ବିଶ୍ୱକପ୍ ଖେଳିନାହିଁ।

**ନର୍ଦ୍ଦର୍ନ ଆୟର୍ଲାଣ୍ଡ:** ଏହି ଦେଶ ୧୯୫୮ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିବା ବେଳେ ଏହାର ଜନସଂଖ୍ୟା ୧.୪ ନିୟୁତ ଥିଲା। ଦଳ ଗ୍ରୁପ୍ ପର୍ଯ୍ୟାୟରେ ଚେକୋସ୍ଲୋଭିଆକୁ ପରାସ୍ତ କରିଥିଲା। ଆର୍ଜେଣ୍ଟିନାଠାରୁ ହାରିଥିବା ବେଳେ ଜର୍ମାନୀ ବିପକ୍ଷ ମ୍ୟାଚ୍ ଡ୍ର' ରଖିଥିଲା। ଦଳ ନକ୍‌ଆଉଟ ପର୍ଯ୍ୟାୟରେ ଫ୍ରାନ୍ସଠାରୁ ପରାଜିତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା।



ଇସ୍ୱାଟିନିକୁ ହରାଇବାପରେ ଉଲ୍ଲସିତ କେପ୍ ଭର୍ଡେ ଖେଳାଳି



ଦେଶରେ ପ୍ରଶଂସକଙ୍କ ବିଜୟ ଉଲ୍ଲାସ

## ପରଫର୍ମାନ୍ସ

ଭାରତୀୟ ବିଜ୍ଞାପନ ଲୋକପ୍ରିୟ
ବଦଳାଇ ରୂପରେଖ
ଏକଦା ଦି ଇକୋନମିକ ଟାଇମିସର
ଥିଲେ ପ୍ରଭାବଶାଳୀ ଲୋକ
ପୀୟୂଷ ପାଣ୍ଡେ ପରଲୋକ
ରଣ୍‌ଜୀ ଟ୍ରଫି ଖେଳାଳିରୁ ବିଜ୍ଞାପନ
କିମ୍ବଦନ୍ତୀ ସିଏ ଲେଖ।

ଅନ୍ତର୍ଜାତୀୟ ଜୁ-ଜିତ୍‌ସୁ ଖେଳାଳି
ରୋହିଣୀ କଲାମ ମୃତ
ସୁଇସାଇଡ କରିଥିବା ଦେଖିଥିଲେ
ଭଉଣୀ ରଶନି ମିତ
ଇନକ୍ୱାରି କହିବ ସତ
ଭାରତୀୟ କ୍ରୀଡା ଜଗତ ଖବର
ପାଇ ବଡ଼ ଆଚମ୍ବିତ।



ଖେଳାଳି ହେଉକି ବିଜିନେସ ମେନ
ହେଉ ନେତା ମନ୍ତ୍ରୀ ରାଜା
ଜନମ ମାତ୍ରକେ ମରଣ ରହିଛି
କାଳ କରିଅଛି ଖଞ୍ଜା
କର୍ମ ଘେନି ଅଛି ସଜ୍ଜା
ଲୋକ ଚାଲିଗଲେ ତାର ପରଫର୍ମାନ୍ସ
ଯଶ ପାଉଥାଏ ପୂଜା।

**-ସୁବାସ ଚନ୍ଦ୍ର ପ୍ରଧାନ**

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୩୧/୨୦୨୫ Bhubaneswar, Friday, October 31/ 2025

# ଭାରତକୁ ଫାଇନାଲରେ ପହଞ୍ଚାଇଲେ ଜେମିମା

**ମହିଳା କ୍ରିକେଟ୍ ବିଶ୍ୱକପ୍**

ନଭୀ ମୁମ୍ବାଇ,୩୦।୧୦

ଚଳିତ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଭାରତ ୫ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୩୩୯ ରନର ବିଶାଳ ଟାର୍ଗେଟକୁ ଜେମିମା ରୋଡ୍ରିଗ୍ସଙ୍କ ଅପରାଜିତ ୧୨୭ ରନର ପାଳି ବଳରେ ଭାରତ ୪୮.୩ ଓଭରରେ ୫ ଉଇକେଟ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ଭାରତ ତୃତୀୟ ଥର ପାଇଁ ମହିଳା ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨ ତାରିଖରେ ଖେଳାଯିବାକୁ ଥିବା ଫାଇନାଲରେ ଭାରତ ଓ ଦକ୍ଷିଣ ଆଫ୍ରିକା ମୁହାଁମୁହିଁ ହେବେ।

ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୪୯.୫ ଓଭରରେ ୩୩୮ ରନ କରି ଅଲଆଉଟ୍ ହୋଇଯାଇଥିଲା। ଫୋଏବ ଲିଚ୍‌ଫିଲ୍ଡ ୯୩ ବଲରେ ୧୭ ଚୌକା ଓ ୩ ଛକା ସହିତ ବିସ୍ଫୋରକ ୧୧୯ ରନର ଶତକୀୟ ଇନିଂସ ଖେଳିଥିଲେ। ସେ ଆଉଟ୍ ହେବା ପୂର୍ବରୁ ଏଲିସ ପେରୀଙ୍କ ସହ ଦ୍ୱିତୀୟ ଉଇକେଟ ପାଇଁ ୧୩୩ ବଲରେ ୧୫୫ ରନ ଯୋଡ଼ିଥିଲେ। ଶେଷ ଆଡ଼କୁ ଆଶଲେ ଗାର୍ଡନର ୪୫ ବଲରେ ୪ ଲେଖାଏ ଚୌକା ଓ ଛକା ସହିତ ୬୩ ରନ କରିଥିଲେ। ଭାରତ ପାଇଁ ବୋଲିଂରେ ଶ୍ରୀ ଚରନୀ ଓ ଦୀପ୍ତି ଶର୍ମା ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତୀୟ ଦଳ ଖୁବ ଶସ୍ତାରେ ଶେଫାଳୀ ବର୍ମା (୧୦) ଓ ଫୁଲ୍ ଫର୍ମରେ ଥିବା ସ୍ମୃତି ମନ୍ଧାନା (୨୪)ଙ୍କ ଉଇକେଟ ହରାଇଥିଲା। ଏହାପରେ ଜେମିମା ଓ ଅଧିନାୟକ ହରମନପ୍ରୀତ କୌର ତୃତୀୟ ଉଇକେଟ ପାଇଁ ୧୬୭ ରନ ଯୋଡ଼ିଥିଲା। ଭାରତୀୟ ଦଳ ଭଲ ସ୍ଥିତିରେ ଥିବା ବେଳେ କୌର ୮୮ ବଲରେ ୮୯ (୧୦ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିଲେ। ପଞ୍ଚମ କ୍ରମରେ ବ୍ୟାଟିଂ ଆସିଥିବା ଦୀପ୍ତି ଶର୍ମା ୨୪ ରନ କରି ରନ୍ ଆଉଟ୍ ହୋଇଥିଲେ। ଜେମିମା କ୍ୟାରିୟରର ତୃତୀୟ ଶତକ ପୂରଣ କରିବା ପରେ ରିଚା ଘୋଷଙ୍କ ସହ ମିଶି ପଞ୍ଚମ ଉଇକେଟରେ ୩୧ ବଲରେ ଦ୍ରୁତ ୪୬ ରନ ଯୋଡ଼ିଥିଲେ। ରିଚା ୨୬ (୨ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହୋଇଥିଲେ। ଜେମିମା ୧୨୭ (୧୪ ଚୌକା) ଓ ଅମନଜୋତ ୧୫ (୨ ଚୌକା) ରନ କରି ମ୍ୟାଚ୍ ଫିନିଶ କରିଥିଲେ। ଫଳରେ ଭାରତ ୪୮.୩ ଓଭରରେ ୫ ଉଇକେଟ ହରାଇ ୩୪୧ ରନ କରି ନେଇଥିଲା।


ଅଷ୍ଟ୍ରେଲିଆକୁ ହରାଇବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୪୯.୫ ଓଭରରେ ୩୩୮/ଅଲଆଉଟ୍ (ଫୋଏବ ଲିଚ୍‌ଫିଲ୍ଡ–୧୧୯, ଆଲିସ ପେରୀ–୭୭, ଆଶଲେ ଗାର୍ଡନର–୬୩, ଶ୍ରୀ ଚରନୀ–୨/୪୯, ଦୀପ୍ତି ଶର୍ମା–୨/୭୩ )। ଭାରତ: ୪୮.୩ ଓଭରରେ ୩୪୧/୫ (ଜେମିମା ରୋଡ୍ରିଗ୍ସ–୧୨୭*, ହରମନପ୍ରୀତ କୌର–୮୯, କିମ ଗାର୍ଥ–୨/୪୬, ଆନାବେଲ ସଦରଲାଣ୍ଡ–୨/୬୯)।

# ଟେନିସ ଖେଳାଳି ଦଲୱିନ୍ଦର ସସ୍‌ପେଣ୍ଡ

ନୂଆଦିଲ୍ଲୀ, ୩୦।୧୦ (ପି.ଟି.)

ନିଷିଦ୍ଧ ପଦାର୍ଥ ମର୍ଫିନ ସେବନ କରିଥିବା ଅଭିଯୋଗରେ ଇଣ୍ଟରନ୍ୟାଶନାଲ ଇଣ୍ଟିଗ୍ରିଟି ଏଜେନ୍ସି (ଆଇଟିଆଇଏ) ଗୁରୁବାର ୨୦୧୭ ଜାତୀୟ ଟେନିସ ଚାମ୍ପିୟନ ଦଲୱିନ୍ଦର ସିଂଙ୍କୁ ସସ୍‌ପେଣ୍ଡ କରିଛନ୍ତି। ଦଲୱିନ୍ଦର ୨୦୧୭ ଏପ୍ରିଲରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ବିଶ୍ୱ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ ୭୯୧ତମ ସ୍ଥାନରେ ରହିଥିଲେ। ୨୦୨୫ ମାର୍ଚ୍ଚରେ ଚଣ୍ଡିଗଡ଼ରେ ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଇଭେଣ୍ଟରେ ଅଂଶଗ୍ରହଣ ବେଳେ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ସେ ମର୍ଫିନ ବ୍ୟବହାର କରିଥିବାରୁ ତାଙ୍କ ଫଳାଫଳ ପଜିଟିଭ ଆସିଥିଲା। ସସ୍‌ପେଣ୍ଡ ସମୟରେ ଦଲୱିନ୍ଦରଙ୍କୁ ଖେଳିବା, କୋଚିଂ ଦେବାରୁ ବାରଣ କରାଯାଇଛି। ଖେଳାଳି ଜଣକ ସଫେଇ ଦେଇ କହିଛନ୍ତି ଯେ, କଟଟିରେ ଅସ୍ତ୍ରୋପଚାର ଯୋଗୁ ତାଙ୍କୁ ୧୨ ମାସ ଧରି ଔଷଧ ସେବନ କରିବାକୁ ହୋଇଥିଲା। ହେଲେ ଦଲୱିନ୍ଦର ତଥ୍ୟଗତ ପ୍ରମାଣ ଦେଇପାରିନାହାନ୍ତି। ଦଲୱିନ୍ଦରଙ୍କ ସସ୍‌ପେଣ୍ଡ ଆଦେଶ ଗତ ଅକ୍ଟୋବର ୨୨ରୁ କାର୍ଯ୍ୟକାରୀ ହୋଇଛି। ଏହାର ମିଆଦ ୨୦୨୭ ଅକ୍ଟୋବର ୨୧ରେ ଶେଷ ହେବ। ଟେଉଁ ଇଭେଣ୍ଟ ବେଳେ ଏହି ଟେନିସ ଖେଳାଳିଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ଏଥିରୁ ମିଳିଥିବା ର୍‍ୟାଙ୍କିଙ୍ଗ ପଏଣ୍ଟ ଓ ପୁରସ୍କାର ରାଶିକୁ ବାଜ୍ୟାପ୍ତି କରାଯାଇଛି।



# ରାଜ୍ୟ ଭାରୋତ୍ତୋଳନ: ଗଞ୍ଜାମ ଚାମ୍ପିୟନ


ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୩୦।୧୦(ଅନାଦି କର)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ପ୍ରଶିକ୍ଷଣ କେନ୍ଦ୍ରଠାରେ ଚାଲିଥିବା ୭୨ତମ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୟୁଥ, ଜୁନିୟର ଓ ସିନିୟର ବିଭାଗରେ ଗଞ୍ଜାମ ଚାମ୍ପିୟନ ହୋଇଥିବା ବେଳେ ୟୁଥ ଓ ଜୁନିୟର ବିଭାଗରେ ଢେଙ୍କାନାଳ ରନରଅପ୍ ହୋଇଛି। ସେହିଭଳି ସିନିୟର ବିଭାଗରେ ଖୋର୍ଦ୍ଧା ରନରଅପ ହୋଇଛି। ବେଷ୍ଟଲିଫ୍ଟର ଭାବେ ୟୁଥ ଓ ଜୁନିୟର ବିଭାଗରେ ଢେଙ୍କାନାଳର ସୁବ୍ରତ ନାଏକ ଏବଂ ସିନିୟର ବିଭାଗରେ ମୁନା ନାଏକ, ୟୁଥ ବାଳିକା ଓ ଜୁନିୟର ବିଭାଗରେ ନବରଙ୍ଗପୁରର ମିନା ସାନ୍ତା ଓ ସିନିୟର ମହିଳା ବିଭାଗରେ ମୟୁରଭଞ୍ଜର ସ୍ନେହା ସୋରେନ ବେଷ୍ଟଲିଫ୍ଟର ବିବେଚିତ ହୋଇଛନ୍ତି। ଉଦଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ସଂଘର ସଭାପତି ସମୀର ମହାନ୍ତି ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରାଜ୍ୟ ଭାରୋତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ଜାତୀୟ ସଂଘ କୋଷାଧକ୍ଷ ପ୍ରଦୀପ ଶର୍ମା ଯୋଗ ଦେଇଥିଲେ।

# ଇଲମପାର୍ଥି ଭାରତର ୯୦ତମ ଗ୍ରାଣ୍ଡମାଷ୍ଟର

**ନୂଆଦିଲ୍ଲୀ, ୩୦।୧୦:** ଗତ କିଛି ବର୍ଷରେ ଭାରତରୁ ନୂଆ ନୂଆ ଚେସ୍ ପ୍ରତିଭା ବାହାରିବା ଧାରା ଜାରି ରହିଛି। ତାମିଲନାଡୁର ୧୬ ବର୍ଷୀୟା ଇଲମପାର୍ଥି ଏଆର୍ ଦେଶର ୯୦ତମ ଗ୍ରାଣ୍ଡମାଷ୍ଟର (ଜିଏମ୍) ହେବାର ସୌଭାଗ୍ୟ ଲାଭ କରିଛନ୍ତି। ବୋସନିଆ ଓ ହର୍ଜେଗୋଭିନାଠାରେ ଚାଲିଥିବା ବିଜେଲଜିନା ଓପନରେ ସେ ତାଙ୍କର ଅନ୍ତିମ ଜିଏମ୍ ନର୍ମ ହାସଲ କରିଛନ୍ତି।

# ଦିଲ୍ଲୀ–ପୁନେରୀ ଫାଇନାଲ ଆଜି

ନୂଆଦିଲ୍ଲୀ, ୩୦।୧୦ (ପି.ଟି.)

ପ୍ରୋ କବାଡ଼ି ଲିଗ୍ (ପିକେଏଲ୍) ସିଜନ ୧୨ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦୁଇ ଦଳ ଦବଙ୍ଗ ଦିଲ୍ଲୀ ଓ ପୁନେରୀ ପଲ୍‌ଟନ ମଧ୍ୟରେ ଗ୍ରାଣ୍ଡ ଫିନାଲେ ଶୁକ୍ରବାର ସ୍ଥାନୀୟ ଥ୍ୟାଗରାଜ ଇନ୍‌ଡୋର ଷ୍ଟାଡିୟମରେ ହେବ। ଉଭୟ ଦଳ ସମାନ ଢଙ୍ଗରେ ଫାଇନାଲରେ ପ୍ରବେଶ କରି ପଏଣ୍ଟ ଟେବୁଲର ପ୍ରଥମ ଦୁଇ ସ୍ଥାନ ଅଧିକାର କରିଥିଲେ। ସିଜନ ୮ଚାମ୍ପିୟନ ଦବଙ୍ଗ ଦିଲ୍ଲୀ କ୍ୱାଲିଫାୟର–୧ରେ ନାଟକୀୟ ବିଜୟ ହାସଲ କରିଥିଲା। ପୁନେରୀ ପଲ୍‌ଟନ ବିପକ୍ଷ ଏହି ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୩୪–୩୪ରେ ଅମୀମାଂସିତ ଭାବେ ଶେଷ ହେବାପରେ ଦବଙ୍ଗ ଦିଲ୍ଲୀ ଟାଇବ୍ରେକରରେ ୬–୪ରେ ବିଜୟୀ ହୋଇଥିଲା। ପୂର୍ବତନ ଦବଙ୍ଗ ଦିଲ୍ଲୀ ଅଧିନାୟକ ଯୋଗୀନ୍ଦର ନରୱାଲଙ୍କଠାରୁ କୋଚିଂ ନେଉଥିବା ଏହି ଦଳ ଅଧିନାୟକ ଆଶୁ ମଲିକଙ୍କ ନେତୃତ୍ୱରେ ଏହି ସିଜନରେ କଠିନ ମୁହୂର୍ତ୍ତରେ ଉଲ୍ଲେଖନୀୟ ଧୈର୍ଯ୍ୟ ପ୍ରଦର୍ଶନ କରିଥିବା ଲକ୍ଷ୍ୟ କରାଯାଇଥିଲା। ଅନ୍ୟପକ୍ଷରେ ପୁନେରୀ ପଲ୍‌ଟନ କ୍ୱାଲିଫାୟର–୨ରେ ତେଲୁଗୁ ଟାଇଟନ୍ସ ବିପକ୍ଷ ମ୍ୟାଚରେ ଦୃଢ ପ୍ରତ୍ୟାବର୍ତ୍ତନ ସହ ବିଜୟ ଲାଭ କରିଥିଲା।

**ଭାରତ- ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟ**

# ମଧ୍ୟାହ୍ନଭୋଜନ ପୂର୍ବରୁ ଚା’ପାନ ବିରତି

ନୂଆଦିଲ୍ଲୀ, ୩୦।୧୦ (ପି.ଟି.)

ପୂର୍ବାଞ୍ଚଳ ଭାରତରେ ଶୀତଋତୁରେ ଶୀଘ୍ର ସୂର୍ଯ୍ୟାସ୍ତ ହେଉଥିବାରୁ ଗୁଆହାଟୀର ବର୍ଷାପରାରେ ନଭେମ୍ବର ୨୨ରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ ବେଳେ ପ୍ରଥମ ସେସନ ଖେଳ ପରେ ଏବଂ ମଧ୍ୟାହ୍ନଭୋଜନ ପୂର୍ବରୁ ଚା’ପାନ ବିରତି ହେବ। ଭାରତରେ ସାଧାରଣତଃ ଭାବେ ଏକ ଟେଷ୍ଟ ମ୍ୟାଚ ସକାଳ ୯ଟା ୩୦ରେ ଆରମ୍ଭ ହୋଇ ଅପରାହ୍ନ ୪ଟା ୩୦ରେ ଶେଷ ହୋଇଥାଏ। ମାତ୍ର ଗୁଆହାଟୀରେ ଖେଳ ସକାଳ ୯ଟାରେ ଆରମ୍ଭ ହୋଇ ୪ଟାରେ ଶେଷ ହେବ। ତେଣୁ ପ୍ରଥମ ସେସନ ଖେଳ ପରେ ଚା’ପାନ ବିରତି ପୂର୍ବାହ୍ନ ୧୧ଟାରୁ ୧୧ଟା ୨୦ ପର୍ଯ୍ୟନ୍ତ ଏବଂ ମଧ୍ୟାହ୍ନଭୋଜନ ବିରତି ଅପରାହ୍ନ ୧ଟା୨୦ରୁ ୨ଟା ପର୍ଯ୍ୟନ୍ତ ହେବ। ଅନ୍ତିମ ସେସନ ଖେଳ ୨ଟାରୁ ୪ଟା ୧୫ ପର୍ଯ୍ୟନ୍ତ ହୋଇପାରେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ କର୍ମକର୍ତ୍ତା ଭିତିରି ସୂଚନା ଦେଇଛନ୍ତି।

# କେନ୍ଦୁଝର ୭ ଉଇକେଟରେ ବିଜୟୀ

**୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ**

ଭୁବନେଶ୍ୱର, ୩୦।୧୦ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ବିଡ଼ାନାସୀ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ କେନ୍ଦୁଝର ୭ ଉଇକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍‌ରେ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା କଳାହାଣ୍ଡି ଦଳ ୨୫.୩ ଓଭରରେ ୧୦୩ରରେ ଅଲଆଉଟ ହୋଯାଇଥିଲା। ଦଳର ଟପ୍ ସ୍କୋରର ସୌର୍ଯ୍ୟ ଅଗ୍ରୱାଲ ୩୭ ଏବଂ ଶ୍ରେୟାଂଶ ଆଚାରୀ ୨୭ ରନ କରିଥିଲେ। କେନ୍ଦୁଝର ଦଳର ସଫଳ ବୋଲର ରାହୁଲଦେବ ନାଏକ ତାଙ୍କ ୬ ଓଭର ବୋଲିରେ ୧ ମେଡେନ ସହ ମାତ୍ର ୯ ରନ ଦେଇ ୫ଉଇକେଟ ଅକ୍ତିଆର କରିଥିଲେ। ଆଶୁତୋଷ ନାୟକ ୬ ରନ ବିନିମୟରେ ୨ ଉଉକେଟ ନେଇଥିଲେ। ଜବାବରେ କେନ୍ଦୁଝର ଦଳ ୨୦ ଓଭରରେ ୩ ଉଇକେଟ ବିନିମୟରେ ୧୦୫ ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ଆଶୁତୋଷ ନାୟକ ୫୪ରନ (୫୨ବଲ୍) କରି ଅପରାଜିତ ରହିଥିବା ବେଳେ କ୍ରିଷ୍ଣଜିତ୍ ସାହୁ ୨୦ରନ କରିଥିଲେ। ବିଜୟୀ ଦଳର ରାହୁଲଦେବ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବର୍ଷା ଯୋଗୁ ସନ୍ ସାଇନ ଗ୍ରାଉଣ୍ଡରେ ଖୋର୍ଦ୍ଧା ଓ ଢେଙ୍କାନାଳ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚ ବାତିଲ କରିଦିଆଯାଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ –୨ରେ କଟକ ‘ବି’ ବନାମ ରାୟଗଡ଼ା ମ୍ୟାଚ ମଧ୍ୟ ଖେଳାଯାଇ ପାରି ନ ଥିଲା।


ପ୍ଲେୟର ଅଫ୍ ଦି ମ୍ୟାଚ୍ ରାହୁଲଦେବ ନାଏକ।

# ବେକରେ ବଲ ବାଜି ଅଷ୍ଟ୍ରେଲୀୟ କ୍ରିକେଟରଙ୍କ ମୃତ୍ୟୁ

ମେଲବୋର୍ନ, ୩୦।୧୦

ଟ୍ରେନିଂ ସେସନ ବେଳେ ବେକରେ ବଲ ବାଜିବାରୁ ଅଷ୍ଟ୍ରେଲିଆର ୧୭ ବର୍ଷୀୟ କ୍ରିକେଟର ବେନ ଅଷ୍ଟିନଙ୍କ ମୃତ୍ୟୁ ଘଟିଛି। ସବ୍‌ଅର୍ବାନ ମେଲବୋର୍ନରେ ଫେର୍ନଟ୍ରି ଗଲୀ କ୍ଲବ ପାଇଁ ମଙ୍ଗଳବାର ଟ୍ରେନିଂବେଳେ ବଲ ତାଙ୍କ ବେକ ଓ ମୁଣ୍ଡ ପାଖରେ ବାଜିଥିଲା। ସେ ହେଲମେଟ ପିନ୍ଧିଥିଲେ। ହେଲେ ନେକ ଗାର୍ଡ ଲଗାଇ ନ ଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲା। ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଫେର୍ନଟ୍ରି ଗଲୀ କ୍ରିକେଟ କ୍ଲବ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିପୂର୍ବରୁ ୨୦୧୪ରେ ଅଷ୍ଟ୍ରେଲିଆନ ଖେଳାଳି ଫିଲ ହ୍ୟୁଗ୍ସ ଏକ ଫାଷ୍ଟ–କ୍ଲାସ ମ୍ୟାଚ୍‌ବେଳେ କାନ ପାଖରେ ବଲ ବାଜିବା ଯୋଗୁ ପ୍ରାଣ ହରାଇଥିଲେ।

**ପିନ୍ଧିଲେ କଳା ଆର୍ମବ୍ୟାଣ୍ଡ**

ବେକରେ ବଲ ବାଜିବା କାରଣରୁ ଅଷ୍ଟ୍ରେଲୀୟ କ୍ରିକେଟର ଅଷ୍ଟିନଙ୍କ ମୃତ୍ୟୁ ଖବର କ୍ରିକେଟ ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବ୍ୟକ୍ତ କରିବା ପାଇଁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଗୁରୁବାର ଖେଳାଯାଇଥିବା ବିଶ୍ୱକପ୍ ସେମିଫାଇନାଲ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

# ପ୍ରଥମ ଦିବସରେ ଦକ୍ଷିଣ ଆଫ୍ରିକା ‘ଏ’ ୨୯୯/୯

ବେଙ୍ଗାଲୁରୁ, ୩୦।୧୦ (ପି.ଟି.)

ତନୁଷ କୋଟିଆନଙ୍କ ନେତୃତ୍ୱରେ ଭାରତ ‘ଏ’ ଦଳ ସ୍ପିନରମାନଙ୍କ ଚମତ୍କାର ବୋଲିଂ ଯୋଗୁ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୪ ଦିନିଆ ମ୍ୟାଚରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ‘ଏ’ ଦଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯ଉଇକେଟ ବିନିମୟରେ ୨୯୯ ରନ କରିଛି। ଟସ୍‌ରେ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ‘ଏ’ ଦଳର ଜୋର୍ଡାନ ହର୍ମାନ ଓ ଜେବେର ହାମ୍‌ଜାଙ୍କ ମଧ୍ୟରେ ଶତକୀୟ ଭାଗୀଦାରି ଉଲ୍ଲେଖନୀୟ ଥିଲା। ହର୍ମାନ (୭୧) ଓ ହାମ୍‌ଜା (୬୬) ଦ୍ୱିତୀୟ ଉଇକେଟ ଭାଗୀଦାରି ୧୩୦ ରନ ଯୋଗ କରିଥିଲେ। ଦୁଇ ଖେଳାଳି ଗୋଟିଏ ସେସନ ପୂରା ଏବଂ ଅନ୍ୟ ଏକ ସେସନର ଅଧା ପର୍ଯ୍ୟନ୍ତ କ୍ରିଜରେ ମହଜୁଦ ରହିଥିଲେ। କିନ୍ତୁ ଭାରତ ‘ଏ’ ପେସ୍ ବୋଲର ଗୁରନୁର ବ୍ରାର୍ (୧/୪୫)ଙ୍କ ବଲ୍‌ରେ ଏକ ଶଟ୍ ଖେଳିବାକୁ ଯାଇ ହାମ୍‌ଜା ଉଇକେଟକିପର ରିଷଭ ପନ୍ତଙ୍କ ଦ୍ୱାରା କଟ୍ ବିହାଇଣ୍ଡ ହୋଇଯିବା ପରେ ଭାରତୀୟ ସ୍ପିନ ବୋଲରମାନେ ପ୍ରଭାବୀ ବୋଲିଂ କରି ମ୍ୟାଚ ନିୟନ୍ତ୍ରଣକୁ ନେଇ ଆସିଥିଲେ। ପରେ ହର୍ମାନ ଭାରତ ‘ଏ’ ପକ୍ଷରୁ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ଅଫ୍‌ସ୍ପିନର କୋଟିଆନ (୪/୮୩)ଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟ ସଫଳ ଯୋଡ଼ି ଜୋର୍ଡାନଙ୍କ ବଡ଼ ଭାଇ ରୁବିନ ହର୍ମାନ (୫୪) ଓ ଟିଆନ ଭାନ୍ ଭୁରେନ (୪୬) ୬ଷ୍ଠ ଉଇକେଟରେ ୭୨ ରନ ଯୋଗ କରିଥିଲେ।


ତନୁଷ କୋଟିଆନ

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ‘ଏ’ ପ୍ରଥମ ଇନିଂସ: ୨୯୯/୯ (ଜୋର୍ଡାନ ହର୍ମାନ–୭୧, ଜୁବେର ହାମ୍‌ଜା–୬୬, ରୁବିନ ହର୍ମାନ–୫୪, ଟିଆନ ଭାନ୍ ଭୁରେନ୍–୪୬; ତନୁଷ କୋଟିଆନ–୪/୮୩, ମାନବ ସୁଥର–୨/୬୨)।

# ଆଜି ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ଟି୨୦

ମେଲବୋର୍ନ,୩୦।୧୦(ପି.ଟି.)

ସ୍ଥାନୀୟ ଏମ୍‌ସିଜିଠାରେ ଗୁରୁବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଟି୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ତା’ର ଆଟାକିଂ କ୍ରିକେଟ ଖେଳିବ ବୋଲି ଆଶା କରାଯାଉଛି। କାନବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ମାତ୍ର ୯.୪ ଓଭର ଖେଳ ସମ୍ଭବ ହୋଇଥିଲା। ହେଲେ ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମକୁ ଫେରିଥିବା ସୂଚନା ଦେଇଛନ୍ତି। ସେ ୨୪ ବଲରେ ଅପରାଜିତ ୩୯ ରନ ଇନିଂସ ଖେଳିଥିଲେ। ଏଥିସହ ସେ ଅଷ୍ଟ୍ରେଲିଆର ମୁଖ୍ୟ ପେସର ଜୋଶ ହାଜେଲଉଡଙ୍କ ବଲରେ ୧୨୫ ମିଟର ଲମ୍ବା ଛକା ଲଗାଇଥିଲେ। ସୂର୍ଯ୍ୟଙ୍କ ଫର୍ମକୁ ଫେରିବା ଭାରତୀୟ ଦଳର ବ୍ୟାଟିଂ ଲାଇନ୍ ପାଇଁ ଶୁଭ ସଙ୍କେତ। ସୂର୍ଯ୍ୟକୁମାର ଅଧିନାୟକ ହେବା ପରଠାରୁ ଆସନ୍ତା ବର୍ଷ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ପ୍ରସ୍ତୁତ ହେଉଥିବା ଭାରତୀୟ ଦଳ ହାଇ–ରିସ୍କ କ୍ରିକେଟ ଖେଳୁଛି। ଗୌତମ ଗମ୍ଭୀର ମୁଖ୍ୟ କୋଚ୍ ଭାବେ ଦଳରେ ଯୋଗଦେବା ପରଠାରୁ ଦଳ ନିୟମିତ ୨୦୦ରୁ ୨୫୦ ସ୍କୋର କରୁଛି। ଅତ୍ୟଧିକ ଆଟାକିଂ ଷ୍ଟାଇଲ ଯୋଗୁ ବେଳେବେଳେ ଦଳକୁ ୧୨୦–୧୩୦ରେ ଅଲଆଉଟ୍ ହେବାକୁ ପଡ଼ିଛି। ଗତ କିଛି ମ୍ୟାଚ୍‌ରେ ଭାରତୀୟ ଟି୨୦ ବ୍ୟାଟରଙ୍କ ଅତ୍ୟଧିକ ଆଟାକିଂ ବ୍ୟାଟିଂ ଦର୍ଶାଉଛି ସେମାନେ ଗମ୍ଭୀରଙ୍କ ଫିଲୋଶଫିରେ ଅନୁପ୍ରାଣିତ ଅଛନ୍ତି। କାନବେରା ମ୍ୟାଚ୍‌ରେ ଦଳକୁ ବୋଲିଂ କରିବାକୁ ସୁଯୋଗ ମିଳି ନ ଥିଲା। ମାତ୍ର ପ୍ରିମିୟର ପେସର ଯଶପ୍ରୀତ ବୁମରାଙ୍କ ସହ ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବଙ୍କ ଭଳି ଦକ୍ଷ ସ୍ପିନର ରହିଛନ୍ତି, ଯେଉଁମାନେ ଆବଶ୍ୟକ ସମୟରେ ଯେକୌଣସି ପ୍ରତିପକ୍ଷ ଦଳକୁ ଯଥା ସମ୍ଭବ କମ୍ ସ୍କୋରରେ ରୋକିପାରିବେ। ମ୍ୟାଚ୍‌ରେ ସେମାନଙ୍କ ମୁଖ୍ୟ କାର୍ଯ୍ୟ ହେବ ଟ୍ରାଭିସ ହେଡ୍ ଓ ମିଚେଲ ମାର୍ଶଙ୍କୁ ଯଥା ଶୀଘ୍ର ପାଭିଲିଅନ ପଠାଇବା। ଏହି ଦୁଇ ବ୍ୟାଟର ଅତୀତରେ ଭାରତୀୟ ଦଳକୁ ଖୁବ ସମସ୍ୟାରେ ପକାଇଛନ୍ତି। ତେବେ ଅଷ୍ଟ୍ରେଲିଆ ମଧ୍ୟ ଭାରତୀୟ ଦଳ ଭଳି ଅତ୍ୟଧିକ ଆଟାକିଂ କ୍ରିକେଟ ଖେଳିବା ପସନ୍ଦ କରେ।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ଶୁବମନ ଗିଲ (ଉପ ଅଧିନାୟକ), ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଲକ ବର୍ମା, ସଞ୍ଜୁ ସାମସନ(ଉଇକେଟକିପର), ଶିବମ ଦୁବେ, ଅକ୍ଷର ପଟେଲ, ହର୍ଷିତ ରାଣା, ଅର୍ଶଦୀପ ସିଂ, ଯଶପ୍ରୀତ ବୁମରା, କୁଲଦୀପ ଯାଦବ।

**ସମ୍ଭାବ୍ୟ ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜୋଶ ଇଙ୍ଗଲିସ (ଉଇକେଟକିପର), ଟିମ ଡେଭିଡ୍, ମାଥ୍ୟୁ ଶର୍ଟ, ମାର୍କସ ଷ୍ଟୋଇନିସ, ମିଚେଲ ଓୱେନ, ନାଥନ ଏଲିସ, ଜୋଶ ହାଜେଲଉଡ୍, ଜାଭିଅର ବାର୍ଟଲେଟ, ତନବୀର ସାଙ୍ଘା।


ଦୁଇ ଦଳର ଅଧିନାୟକ ମିଚେଲ ମାର୍ଶ ଓ ସୂର୍ଯ୍ୟକୁମାର ଯାଦବ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ